RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-254 ◆FRIDAY ◆13 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୫୪ ◆ଶୁକ୍ରବାର ◆୧୩ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଦ୍ରାବିଡ଼ଙ୍କୁ ଜୀବନ ବ୍ୟାପୀ ସାଧନା ସମ୍ମାନ

▶ପୃଷ୍ଠା ୧୨ ଦେଖନ୍ତୁ...

# ଯୁଦ୍ଧ ବନ୍ଦ ପାଇଁ ଇରାନର କଡ଼ା ସର୍ତ୍ତ

■ ତେହେରାନ, ୧୨।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଆଜି ତ୍ରୟୋଦଶ ଦିନରେ ପହଞ୍ଚିଛି। ଦୁଇ ପକ୍ଷ ପରସ୍ପର ଉପରେ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଜାରି ରଖିଥିବା ବେଳେ ସମଗ୍ର ଅଞ୍ଚଳ ବିସ୍ଫୋରଣରେ ଥରହର ହେଉଛି। ଦୁଇ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୦ ହଜାରରୁ ଅଧିକ ଲୋକ ଆହତ ହେଲେଣି। ଆକ୍ରମଣର ଲକ୍ଷ୍ୟ ହାସଲ ହୋଇ ସାରିଛି ଏବଂ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ବନ୍ଦ ହେବ ବୋଲି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହୁଥିବା ବେଳେ ଇରାନର ଉଗ୍ର ଆଭିମୁଖ୍ୟ ପରିସ୍ଥିତିକୁ ଜଟିଳ କରିବାରେ ଲାଗିଛି। ଇରାନ ଆଜି ଘୋଷଣା କରିଛି ଯେ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଆରମ୍ଭ କରିଥିଲେ, କିନ୍ତୁ ଯଦି ସେମାନେ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଛନ୍ତି, ତାହାହେଲେ ଇରାନ ସର୍ତ୍ତରେ ହିଁ ଯୁଦ୍ଧ ବନ୍ଦ ହେବ। ଇରାନର ରାଷ୍ଟ୍ରପତି ମସୁଦ ପେଜେସକିଆନ ସାମାଜିକ ଗଣମାଧ୍ୟମ ଏକ୍ସରେ ସର୍ତ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଇରାନ ମୁଖ୍ୟତଃ ୩ଟି ସର୍ତ୍ତ ରଖିଛି। ସେ କହିଛନ୍ତି, ଏହି ସର୍ତ୍ତ ପୂରଣ ହେଲେ ତାଙ୍କ ଦେଶ ଯୁଦ୍ଧ ବନ୍ଦ କରିବାକୁ ବିଚାର କରିବ। ପ୍ରଥମ ସର୍ତ୍ତଟି ହେଲା ଇରାନର ନ୍ୟାୟସଙ୍ଗତ ଅଧିକାରକୁ ସ୍ୱୀକୃତି। ଅର୍ଥାତ ▶ପୃଷ୍ଠା-୭



### ପଡ଼ୋଶୀ ଦେଶଙ୍କୁ ଇରାନର ଧମକ

### ଆମେରିକା ପ୍ରତିଷ୍ଠାନ ବନ୍ଦ ନ କଲେ ଆକ୍ରମଣ ଜୋର୍‌ଦାର୍ ହେବ

## ତେଲ ଦର ବ୍ୟାରେଲ ପିଛା ୨୦୦ ଡଲାର ପାଇଁ ପ୍ରସ୍ତୁତ ରୁହ: ଇରାନ

■ ତେହେରାନ, ୧୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ କାରଣରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ଏହି ସମୟରେ ଇରାନର ସମାରିକ ମୁଖପାତ୍ର ଇବ୍ରାହିମ୍ ଜୋଲଫାକାରି ଚେତାବନୀ ଦେଇଛନ୍ତି ଯେ, ହର୍ମୁଜ ଦେଇ କୌଣସି ତେଲ ଟ୍ୟାଙ୍କରକୁ ଛଡ଼ାଯିବ ନାହିଁ। ଏଭଳି ସଙ୍କଟ ଯୋଗୁଁ ତୈଳ ଦର ବ୍ୟାରେଲ ପିଛା ୨୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ ଓ ଏଥିପାଇଁ ବିଶ୍ୱବାସୀ ପସ୍ତୁତ ରୁହନ୍ତୁ। ସେପଟେ ତୈଳ ଦର ସ୍ଥିର କରିବା ପାଇଁ 'ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି' (ଆଇଇଏ) ସର୍ବକାଳୀନ ସର୍ବାଧିକ ଅର୍ଥାତ ୪୦୦ ନିୟୁତ ବ୍ୟାରେଲ ଷ୍ଟ୍ରାଟେଜିକ ରିଜର୍ଭ ବଜାରକୁ ଛାଡ଼ିବାକୁ ପରାମର୍ଶ ଦେଇଛି। ଏଥିମଧ୍ୟରୁ ଆମେରିକା ଆସନ୍ତା ସପ୍ତାହରୁ ୧୭୨ ନିୟୁତ ବ୍ୟାରେଲ ତେଲ ଛାଡ଼ିବ ବୋଲି ଘୋଷଣା କରିଛି। ବିଶ୍ୱର ପ୍ରାୟ ୫ ଭାଗରୁ ୧ ଭାଗ ତୈଳ ଚଳାଚଳ କରୁଥିବା ହର୍ମୁଜ ପ୍ରଣାଳୀ ଏବେ ଇରାନର ନିୟନ୍ତ୍ରଣରେ ଥିବା ଏବଂ ସେଠାରେ ବାରୁଦ ସୁଡ଼ଙ୍ଗ ବିଛା ଯାଇଥିବା ନେଇ ଆଶଙ୍କା ▶ପୃଷ୍ଠା-୭

## ସ୍ତ୍ରୀ, ବୋହୂ ଓ ନାତୁଣୀକୁ ହାତୁଡ଼ିରେ ପିଟି ହତ୍ୟା

**ଶ୍ୱଶୁର ଘର ସମ୍ପତ୍ତି ପାଇଁ ପିଶାଚ ସାଜିଲା ଅଭିଯୁକ୍ତ**

■ ଦେବଗଡ଼/କୁଣ୍ଡେଇଗୋଳା,୧୨।୩ (ସମିସ): ଦେବଗଡ଼ ଜିଲ୍ଲା, କୁଣ୍ଡେଇଗୋଳା ଥାନା ଅଧୀନ ଗରିଆପାଲୀ ଗାଁରେ ଟ୍ରିପଲ ମର୍ଡର୍ ହୋଇଛି। ସମ୍ପତ୍ତି ଲୋଭରେ ଜଣେ ବୃଦ୍ଧ ନିଜ ସ୍ତ୍ରୀ, ବୋହୂ ଓ ନାତୁଣୀକୁ ହତ୍ୟା କରିଛନ୍ତି। ମୃତକମାନେ ହେଲେ, ଗାଁର ଗୁଲ ଗରିଆ (୪୨), ବୋହୂ ଲିପି ମହାକୁଲ(୨୪) ଓ ନାତୁଣୀ ଈଶାନୀ ଗରିଆ ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


**ଘୋଡ଼ା ବେପାର ଭୟ**

# ୮ ବିଧାୟକଙ୍କୁ ଧରି ବେଙ୍ଗାଲୁରୁ ଗଲେ ଭକ୍ତ

## ଆଜି ଦିଲ୍ଲୀ ଯାଇ ପାରନ୍ତି ଆଉ ପାଞ୍ଚ ଜଣ ବିଧାୟକ

■ ଭୁବନେଶ୍ୱର, ୧୨।୩ (ସମିସ): ଦୀର୍ଘବର୍ଷ ପରେ ରାଜ୍ୟସଭା ପାଇଁ ରାଜ୍ୟରେ ହେବ ଭୋଟ। ୪ଟି ଆସନ ପାଇଁ ୫ ଜଣ ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ବିଶେଷକରି ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପ ରାୟଙ୍କ 'ସ୍ୱାଧୀନ' ଆବିର୍ଭାବ ଏହି ନିର୍ବାଚନକୁ ଅଧିକ ରୋଚକ କରିଛି। ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ଏହା

- ୧୬ରେ ଫେରି ସିଧା ଭୋଟ ଦେବାକୁ ଯିବେ ବିଧାନସଭା
- ଛାଡ଼ିଲେ ପୁରୁଣା ଫୋନ୍; ନୂଆ ଆଇଫୋନ୍‌ରେ ଇ-ସିମ୍
- ତାଜ୍, କ୍ଲର୍କ ଏକ୍ସୋଟିକା, ଡବଲ-ଟ୍ରି'ରେ କୋଠରି ବୁକ୍

ପୂର୍ବରୁ ଦୁଇ ଦଳୀୟ ପ୍ରାର୍ଥୀଙ୍କ ସହ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ନିଶ୍ଚିତ ଦାବି କ୍ରସ ଭୋଟିଂକୁ ଇଙ୍ଗିତ କରିଛି। ପୂର୍ବରୁ ଦଳର ସବୁ ବିଧାୟକଙ୍କୁ ତିନି ଧାଡ଼ିଆ ହୁଇପ୍ ଜାରି କରିଥିବା କଂଗ୍ରେସ ରିସ୍କ ନ ନେଇ ନିଜ ଦଳର ୮ ବିଧାୟକଙ୍କୁ ବେଙ୍ଗାଲୁରୁ ସ୍ଥାନାନ୍ତର କରିଛି। ପିସିସି ସଭାପତି ଭକ୍ତ ଦାସଙ୍କ ସହ ବିଧାୟକ ଦଳ ଉପନେତା ଅଶୋକ ଦାସ, କାଡ୍ରାକା ଆପାଲା ସ୍ୱାମୀ, ମଙ୍ଗୁ ଖିଲ, ପବିତ୍ର ସାଉଁତା, ସତ୍ୟଜିତ୍ ଗମାଙ୍ଗ, ସିଏସ ରାଜନ୍ ଏକ୍କା, ନୀଳମାଧବ ହିକ୍କା, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ▶ପୃଷ୍ଠା-୭








Flat 45% off on making charges of gold jewellery.
*T&C APPLY

90 YEARS
TRUST IS TIMELESS
BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)
100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme
Khimjijewellers.com
1800 3131 777
FOLLOW US ON:
SCAN TO KNOW MORE





## ଫାରୁକ ଅବଦୁଲ୍ଲାଙ୍କ ବିରୋଧରେ ଜାମିନବିହୀନ ପରୱାନା

ଶ୍ରୀନଗର, ୧୨।୩(ଏଜେନ୍ସି): ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏସନ (ଜେକେସିଏ) ଦୁର୍ନୀତି ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଛି। ଏହି ଦୁର୍ନୀତି ମାମଲାରେ ଫାରୁକ ୫ ନଂ ଅଭିଯୁକ୍ତ। ଗୁରୁବାର ଶ୍ରୀନଗରର ସିଜେଏମ୍‌ସି କୋର୍ଟରେ ଅଭିଯୋଗ ଫ୍ରେମ୍ କରିବା ପାଇଁ ଶୁଣାଣି ହୋଇଥିଲା। କିନ୍ତୁ ଫାରୁକ ବ୍ୟକ୍ତିଗତ ଭାବେ କିମ୍ବା ଆଭାସୀ ଭାବେ ହାଜର ହୋଇପାରିବେ ନାହିଁ ବୋଲି ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। କୋର୍ଟ ଫାରୁକଙ୍କ ଦ୍ୱାରା ଦାଖଲ କରାଯାଇଥିବା ହାଜିରାରୁ ଛାଡ଼ ଆବେଦନକୁ ଖାରଜ କରିଛନ୍ତି ଓ ତାଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୦୧ରୁ ୨୦୧୧ ମଧ୍ୟରେ ଫାରୁକ ଜେକେସିଏର ଅଧ୍ୟକ୍ଷ ଥିବା ସମୟରେ ବିସିସିଆଇ ଦ୍ୱାରା ପ୍ରଦାନ କରାଯାଇଥିବା ୪୩ କୋଟି ଟଙ୍କା ହଡ଼ପ କରାଯାଇଥିବା ନେଇ ସିବିଆଇ ୨୦୧୮ରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୩୦ ତାରିଖରେ ହେବ। ଏହି ଦିନ ଯଦି ଅଭିଯୁକ୍ତ ହାଜର ନ ହୁଅନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୋର୍ଟ କହିଛନ୍ତି।

## ବୋମା ଧମକ ପରେ ମୁମ୍ବଇରେ ହାଇ ଆଲର୍ଟ ଜାରି

ମୁମ୍ବଇ, ୧୨।୩(ଏଜେନ୍ସି): ମୁମ୍ବଇରେ ଗୁରୁବାର ସକାଳେ ୪ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବୋମାରେ ଉଡ଼ାଇ ଦେବା ପାଇଁ ଇମେଲ ମାଧ୍ୟମରେ ଧମକ ମିଳିଛି। ଏହି ଘଟଣା ସମଗ୍ର ସହରରେ ଆତଙ୍କ ସୃଷ୍ଟି କରିଛି। ବୋମା ଧମକ ମିଳିଥିବା ସ୍ଥାନଗୁଡ଼ିକ ହେଲା, ବିଧାନ ଭବନ, ବମ୍ବେ ଷ୍ଟକ ଏକ୍ସଚେଞ୍ଜ, ମୁମ୍ବଇ ମେଟ୍ରୋ ଓ ବମ୍ବେ ହାଇକୋର୍ଟ। ଆଜି ସକାଳ ୬.୫୭ ମିନିଟ୍‌ରେ ଏକ ଧମକପୂର୍ଣ୍ଣ ଇମେଲ ମିଳିଥିଲା, ଏଥିରେ ବିସ୍ଫୋରଣର ସମୟ ଉଲ୍ଲେଖ କରାଯାଇଥିଲା। ବିଧାନ ଭବନରେ ବଜେଟ ଅଧିବେଶନ ଚାଲିଥିବାରୁ ସେଠାରେ ବହୁ ସଂଖ୍ୟାରେ ମନ୍ତ୍ରୀ, ବିଧାୟକ ଓ ଅଧିକାରୀ ଉପସ୍ଥିତ ଥିଲେ। ଧମକ ପାଇବା ମାତ୍ରେ ପୁଲିସ ଓ ସୁରକ୍ଷାକର୍ମୀ ତୁରନ୍ତ ସକ୍ରିୟ ହୋଇ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ବୋମା ନିଷ୍କ୍ରିୟକାରୀ ଦଳ ଓ ସ୍ୱତନ୍ତ୍ର କୁକୁର ଦଳ ଦ୍ୱାରା ୪ଟି ଯାକ ସ୍ଥାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ବିଧାନଭବନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମୁମ୍ବଇ ପୁଲିସ ଓ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି) ଏହି ଇମେଲ କେଉଁଠାରୁ ଆସିଛି ଓ କିଏ ପଠାଇଛି ସେ ନେଇ ଅନୁସନ୍ଧାନ କରୁଛନ୍ତି। ଏହି ଧମକକୁ ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧ ସହ ଯୋଡ଼ି ଅନୁସନ୍ଧାନ କରାଯାଉଛି। ତଦନ୍ତ ପରେ ପୁଲିସ ସ୍ପଷ୍ଟ କରିଛି ଯେ ଏହା ଏକ 'ହୋକ୍ସ' ବା ମିଥ୍ୟା ଧମକ। ସେଠାରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ: ଓସ୍କାର ପୁରସ୍କାର ଉତ୍ସବରେ ସୁରକ୍ଷା କଡ଼ାକଡ଼ି

ଲସ ଏଞ୍ଜେଲ୍ସ, ୧୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଓସ୍କାର ପୁରସ୍କାର ସମାରୋହରେ ପଡ଼ିଛି। ୯୮ତମ ଓସ୍କାର ପୁରସ୍କାର ସମାରୋହ ଆସନ୍ତା ୧୫ ତାରିଖ ରବିବାର ଦିନ ସ୍ଥାନୀୟ ଡଲ୍‌ବି ଥିଏଟରରେ ଆୟୋଜନ ହେବ। ଇତିମଧ୍ୟରେ ଆମେରିକାର ପଶ୍ଚିମ ଉପକୂଳରେ ଇରାନ ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୋଇପାରେ ବୋଲି ଆମେରିକା ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇ ତରଫରୁ ସୂଚନା ଦିଆଯାଇଛି। ଫଳରେ ଏହି ସମାରୋହ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ସମାରୋହର କାର୍ଯ୍ୟକାରୀ ପ୍ରଯୋଜକ ରାଜ କପୁର କହିଛନ୍ତି ଯେ, ଅତିଥିମାନଙ୍କ ସୁରକ୍ଷା ପାଇଁ ଏଫ୍‌ବିଆଇ ଏଲ୍‌ଏଡିପି ସହ ମିଶି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିଛି। ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏହି ସମାରୋହରେ ଜଣେ ଉପସ୍ଥାପିକା ଭାବେ ଅଂଶଗ୍ରହଣ କରିବେ। ପ୍ରସିଦ୍ଧ କମେଡିଆନ କୋନାନ ଓ'ବ୍ରାଏନ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବେ।

## ସ୍ୱିଜରଲାଣ୍ଡରେ ଜଳିଗଲା ବସ୍; ୬ ମୃତ

କେର୍ଜେର୍ସ, ୧୨।୩(ଏଜେନ୍ସି): ୟୁରୋପୀୟ ଦେଶ ସ୍ୱିଜରଲାଣ୍ଡରେ କେର୍ଜର୍ସ ସହରରେ ଏକ ପୋଷ୍ଟାଲ ବସ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ତଦନ୍ତକାରୀ ସଂସ୍ଥା ଓ ସରକାରୀ ଓକିଲଙ୍କ ଅନୁଯାୟୀ, ଏହା ଏକ ଦୁର୍ଘଟଣା ନୁହେଁ, ବରଂ ଜଣେ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଏକ ଆତ୍ମଘାତୀ କାର୍ଯ୍ୟ ବୋଲି ସନ୍ଦେହ କରାଯାଉଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବର୍ଣ୍ଣ କ୍ୟାଣ୍ଟର ଜଣେ ୬୫ ବର୍ଷୀୟ ସ୍ୱିସ ନାଗରିକ ବସ୍‌ରେ ନିଜ ଦେହରେ ଜଳନ୍ତା ପଦାର୍ଥ ଢାଳି ନିଆଁ ଲଗାଇ ଦେଇଥିଲେ। ସେ ମାନସିକ ସ୍ତରରେ ଅସ୍ଥିର ଓ ସାମାଜିକ ଭାବେ ବିଚ୍ଛିନ୍ନ ଥିଲେ। ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇଛି। ୫ ଜଣ ଆହତଙ୍କ ମଧ୍ୟରୁ ୨ ଜଣ ଗୁରୁତର ଅଛନ୍ତି।

# ସରୁନି ଇରାନ ଯୁଦ୍ଧ; ଆମେରିକା ଅସହାୟ

## ଦୁଇ ସପ୍ତାହର ଯୁଦ୍ଧ ସତ୍ତ୍ୱେ ଇରାନର ଶାସନ ବ୍ୟବସ୍ଥା ଭୁଶୁଡ଼ିବାର ସମ୍ଭାବନା ନାହିଁ: ଗୁଇନ୍ଦା ରିପୋର୍ଟ

ନୂଆଦିଲ୍ଲୀ, ୧୨।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧ ଏବେ ତ୍ରୟୋଦଶ ଦିନରେ ପହଞ୍ଚିଛି। ଏହାସତ୍ତ୍ୱେ ଇରାନରେ ଶାସନ ବ୍ୟବସ୍ଥା ଏବେ ମଧ୍ୟ ସୁଦୃଢ଼ ରହିଛି। ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକର ଆକଳନ ଅନୁଯାୟୀ, ଇରାନ ସରକାର ତୁରନ୍ତ ଭୁଶୁଡ଼ିବା କିମ୍ବା ପତନ ହେବାର କୌଣସି ସଙ୍କେତ ନାହିଁ। ପ୍ରାୟ ଦୁଇ ସପ୍ତାହର ଭୟଙ୍କର ଆକ୍ରମଣ ସତ୍ତ୍ୱେ ଇରାନର ନେତୃତ୍ୱ ଓ ଜନତାଙ୍କ ଉପରେ ସେମାନଙ୍କର ନିୟନ୍ତ୍ରଣ କାଏମ ରହିଛି। ଗୁଇନ୍ଦା ରିପୋର୍ଟ ଅନୁଯାୟୀ, ଇରାନର ସାମରିକ ଏବଂ ଧାର୍ମିକ ନେତୃତ୍ୱ ଏବେ ମଧ୍ୟ ଦେଶର ଜନସାଧାରଣଙ୍କ ଉପରେ ନିୟନ୍ତ୍ରଣ ରଖିଛନ୍ତି। ଯଦିଓ ଫେବୃଆରୀ ୨୮ରେ ଯୁଦ୍ଧର ପ୍ରଥମ ଦିନରେ ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁ ଘଟିଛି। ତଥାପି ଶାସନ ବ୍ୟବସ୍ଥାରେ କୌଣସି ବିଶୃଙ୍ଖଳା ଦେଖା ଦେଇନାହିଁ। ଖାମନେଇଙ୍କ ପୁଅ ମୋଜତାବା ଖାମନେଇଙ୍କୁ ନୂଆ ସର୍ବୋଚ୍ଚ ନେତା ଭାବେ ଘୋଷଣା କରାଯାଇଛି। ଇସ୍ରାଏଲର ଜଣେ ବିରଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି ଯେ, କେବଳ ଆକାଶ ମାର୍ଗରୁ ବୋମାମାଡ଼ କରି ଇରାନ ସରକାରଙ୍କୁ ହଟାଇବା ସମ୍ଭବ ନୁହେଁ। ଏଥିପାଇଁ ହୁଏତ ସ୍ଥଳସେନା ଅଭିଯାନର ଆବଶ୍ୟକ ହୋଇପାରେ।

ଯୁଦ୍ଧ ବନ୍ଦ ହେଉନଥିବାରୁ ଆମେରିକା ମଧ୍ୟ ଅସହାୟ ହୋଇପଡ଼ିଲାଣି। ସେ ଚାହିଲେ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ବନ୍ଦ ହୋଇଯିବ ବୋଲି ଗତକାଲି ରାଷ୍ଟ୍ରପତି ଟ୍ରମ୍ପ କହିଥିବା ବେଳେ ଆଜି ଇରାନ ଘୋଷଣା କରିଛି ଯେ ଯୁଦ୍ଧ ବନ୍ଦ କରିବାକୁ ହେଲେ ଇରାନର ତିନିଟି ସର୍ତ୍ତ ପୂରଣ କରିବାକୁ ପଡ଼ିବ। ତେବେ ଇରାନର ଏହି ସର୍ତ୍ତ ନେଇ ଆମେରିକା ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।



## ଆମେରିକା ତେଲ ଟ୍ୟାଙ୍କର ଉପରେ ଇରାନ ଆକ୍ରମଣ

ନୂଆଦିଲ୍ଲୀ, ୧୨।୩(ଏଜେନ୍ସି): ଇରାକର ବାସ୍ରା କୂଳ ନିକଟରେ ଥିବା ଏକ ଆମେରିକୀୟ ତେଲେ ଟ୍ୟାଙ୍କର ଉପରେ ଇରାନୀ ସୁସାଇଡ୍ ବୋଟ୍ ଆକ୍ରମଣ ହୋଇଛି। ଏଥିରେ ଜଣେ ଭାରତୀୟ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏହି ତେଲ ଟ୍ୟାଙ୍କରର ନାମ ହେଉଛି ସାଫେସି ବିଷ୍ଣୁ। ଏହା ମାର୍ଶାଲ ଦୀପର ପତାକା ବହନ କରୁଥିଲା। ଏହି ଟ୍ୟାଙ୍କର ଇରାକର ଦକ୍ଷିଣ ଅଞ୍ଚଳର ଖୋର ଅଲ ଜୁବେର ପୋର୍ଟ ନିକଟରେ ଥିବା ସମୟରେ ଆତ୍ମଘାତୀ ବୋଟ୍ ଆକ୍ରମଣ ହୋଇଥିଲା। ମୃତ୍ୟୁବରଣ କରିଥିବା ଭାରତୀୟ କ୍ରୁ ସଦସ୍ୟଙ୍କ ନାମ ପ୍ରକାଶ କରାଯାଇନାହିଁ। ତେବେ ଜାହାଜରେ ଥିବା ସମସ୍ତ ୨୭ ଜଣ କ୍ରୁ ସଦସ୍ୟ ଓ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଇରାକସ୍ଥିତ ଭରାତୀୟ ଦୂତାବାସ ଏହି ଘଟଣାକୁ ସ୍ୱୀକାର କରିଛି। ଦୂତାବାସ ତରଫରୁ କୁହାଯାଇଛି ଯେ ୧୫ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେମାନଙ୍କୁ ବାସ୍ରାକୁ ନେଇ ଚିକିତ୍ସା କରାଯାଉଛି। ବିଶ୍ୱର ୧୫ ପ୍ରତିଶତରୁ ଅଧିକ ନୌଚାଳକ ଭାରତୀୟ ବୋଲି ଜଣାପଡ଼ିଛି। ମୃତକଙ୍କ ପରିବାର ପ୍ରତି ଦୂତାବାସ ଗଭୀର ସମବେଦନା ଜଣାଇଛି।

## ଡ୍ରୋନ୍ ଆକ୍ରମଣରେ ଥରିଲା ଦୁବାଇ

ଦୁବାଇ, ୧୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଇରାନ ପକ୍ଷରୁ ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକମ୍ରଣ ଜାରି ରହିଛି। ଗୁରୁବାର ଦିନ ଦୁବାଇର ଡାଉନଟାଉନ୍ ଅଞ୍ଚଳରେ ଏକ ଡ୍ରୋନ ଆକ୍ରମଣ ହୋଇଥିର ସୂଚନା ମିଳିଛି। ବିସ୍ଫୋରଣ ପରେ ସେଠାରେ ଆକାଶରେ ଧୂଆଁ ଦେଖା ଦେଇଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନଥିବା ଦୁବାଇ ମିଡିଆ ଅଫିସ ତରଫରୁ କୁହାଯାଇଛି। ଏହାପୂର୍ବରୁ ଦୁବାଇ ଉପକୂଳରେ ଏକ କଣ୍ଟେନର ଜାହାଜ ଉପରକୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା, ଯାହା ଫଳରେ ଜାହାଜରେ ନିଆଁ ଲାଗିଯାଇଥିଲା। କିନ୍ତୁ ଜାହାଜର ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଇରାନର ଆକ୍ରମଣ ଯୋଗୁଁ ବାହାରିନ୍ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ଏକ ଦ୍ୱୀପରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ସେହିକରି କୁଏତ୍‌ର ଏକ ଆବାସିକ ବିଲ୍ଡିଂ ଉପରେ ଇରାନର ଡ୍ରୋନ ମାଡ଼ ହୋଇଛି। ସାଉଦି ଆରବ ତା'ର ରାଜଧାନୀ ରିୟାଧ ଓ ଏକ ପ୍ରମୁଖ ତୈଳ କ୍ଷେତ୍ରକୁ ଲକ୍ଷ୍ୟ କରି ଆସୁଥିବା ଡ୍ରୋନଗୁଡ଼ିକୁ ମଝି ଆକାଶରେ ଖସାଇ ଦେଇଛି। ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଉପସାଗରୀୟ ଅଞ୍ଚଳରେ ଏପର୍ଯ୍ୟନ୍ତ ୨୪ ଜଣ ପ୍ରାଣ ହରାଇଲେଣି। ସେପଟେ ୟୁଏଇ ନିଜର ଆକାଶମାର୍ଗକୁ ସୁରକ୍ଷିତ ରଖିବା ପାଇଁ ତା'ର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରିଛି।

## ଜୟଶଙ୍କର କଥା ହେବାପରେ ଭାରତୀୟ ଟ୍ୟାଙ୍କରକୁ ଛାଡ଼ିଲା ଇରାନ

ନୂଆଦିଲ୍ଲୀ, ୧୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଘମାଘୋଟ ଯୁଦ୍ଧ ମଧ୍ୟରେ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ସାଉଦି ଆରବରୁ ଆଶୋଧିତ ତୈଳ ନେଇ ଆସୁଥିବା ଏକ ଲାଇବେରିଆ ପତାକା ବାହୀ ଟ୍ୟାଙ୍କର ବା ଜାହାଜ 'ଶେନଲଙ୍ଗ ସୁଏଜମାକ୍ସ' ସୁରକ୍ଷିତ ଭାବେ ମୁମ୍ବଇ ବନ୍ଦରରେ ପହଞ୍ଚିଛି। ଏହି ଜାହାଜଟି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ଅତିକ୍ରମ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ଇରାନ ବୈଦେଶିକ ମନ୍ତ୍ରୀ ଆବାଶ ଆରାଘଚିଙ୍କ ମଧ୍ୟରେ ଆଲୋଚନା ପରେ ଇରାନ ଏହି ଜାହାଜକୁ ଯିବା ପାଇଁ ଅନୁମତି ଦେଇଥିଲା। ଏହି ଜାହାଜ ମାର୍ଚ୍ଚ ୧ରେ ରସ୍ ତାନୁରା ବନ୍ଦରରୁ ଯାତ୍ରା କରିଥିଲା। ଆଜି ମୁମ୍ବାଇ ବନ୍ଦରରେ ପହଞ୍ଚିଛି। ସିପିଂ ମନ୍ତ୍ରଣାଳୟ ଅନୁଯାୟୀ, ବର୍ତ୍ତମାନ ପାରସ୍ୟ ଉପସାଗରରେ ୨୮ଟି ଭାରତୀୟ ପତାକାଧାରୀ ଜାହାଜ ରହିଛି। ସେଥିରେ ୭୦୦ରୁ ଅଧିକ ଭାରତୀୟ ନାବିକ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ସୁରକ୍ଷା ଉପରେ ସରକାର ସର୍ବଦା ନଜର ରଖିଛନ୍ତି। ହର୍ମୁଜ ପ୍ରଣାଳୀରେ ଯୁଦ୍ଧ କାରଣରୁ ସୃଷ୍ଟି ହୋଇଥିବା ସମସ୍ୟା ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଭାରତ ନିଜର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଅନ୍ୟ ବିକଳ୍ପ ଯେପରିକି ରୁଷିଆରୁ ତେଲ କ୍ରୟ ଉପରେ ମଧ୍ୟ ବିଚାର କରୁଛି। ରିପୋର୍ଟ ଅନୁଯାୟୀ, ଯେଉଁ ଜାହାଜଗୁଡ଼ିକ ଆମେରିକା ଓ ଇସ୍ରାଏଲ ସହିତ ସମ୍ପୃକ୍ତ ନୁହଁନ୍ତି, ସେଗୁଡ଼ିକୁ ଏହି ପଥ ଦେଇ ଯିବାକୁ ଅନୁମତି ଦିଆଯିବ। ଖାସ୍ ଏଥିପାଇଁ ବର୍ତ୍ତମାନ ଭାରତୀୟ ଜାହଜଗୁଡ଼ିକୁ ସୁରକ୍ଷିତ ମାର୍ଗ ଦିଆଯାଇଛି।



ଇରାନର ଡ୍ରୋନ୍ ମାଡ଼ ପରେ ଦୁବାଇରେ ବିସ୍ଫୋରଣ



ଆମେରିକା-ଇସ୍ରାଏଲ ଆକ୍ରମଣରେ ଇରାନର ଛାରଖାର୍‌ର ଦୃଶ୍ୟପଟ

## ମଣିପୁରରେ ୩ଟି ଗାଡ଼ିରୁ ୨୦ ନାଗା ଲୋକଙ୍କୁ ଅପହରଣ

ଇମ୍ଫାଲ, ୧୨।୩(ଏଜେନ୍ସି): ମଣିପୁରର ଉଖରୁଲ- ଇମ୍ଫାଲ ରୋଡ୍‌ରେ ବୁଧବାର ଦିନ ଏକ ବଡ଼ ଧରଣର ଅପହରଣ ଘଟଣା ଘଟିଛି। ସନ୍ଦିଗ୍ଧ ବନ୍ଧୁକଧାରୀମାନେ ୩ଟି ଗାଡ଼ିକୁ ଅଟକାଇ ସେଥିରେ ଥିବା ପ୍ରାୟ ୨୦ ଜଣ ନାଗା ପୁରୁଷ, ମହିଳା ଓ ଶିଶୁଙ୍କୁ ଅପହରଣ କରିନେଇଛନ୍ତି। ଏହି ଘଟଣା ଫଳରେ ମେତେଇ-କୁକି ସଂଘର୍ଷରେ ଜଳୁଥିବା ମଣିପୁରରେ ଏବେ ଆଉ ଏକ ନୂଆ ଜାତିଗତ ହିଂସା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଉଖରୁଲର ପ୍ରମୁଖ ସଂଗଠନ 'ଟାଙ୍ଗଖୁଲ ନାଗା ଲଙ୍ଗ' ଅଭିଯୋଗ କରିଛି ଯେ ଏହା କୁକି ଆତଙ୍କବାଦୀଙ୍କ କାମ। ସେମାନେ ଅପହୃତ ବ୍ୟକ୍ତିମାନଙ୍କୁ ଦୁଇ ଘଣ୍ଟା ମଧ୍ୟରେ ଉଦ୍ଧାର କରିବାକୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସେପଟେ ଅପହୃତ ନାଗରିକଙ୍କୁ ତୁରନ୍ତ ମୁକ୍ତ କରିବାକୁ ମଣିପୁର ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ନିବେଦନ କରିଛନ୍ତି। ଶାନ୍ତି ବଜାୟ ରଖିବା ପାଇଁ ସେ ବିଭିନ୍ନ ନାଗରିକ ସଂଗଠନଗୁଡ଼ିକୁ ସହାୟତା ମାଗିଛନ୍ତି। ଅନ୍ୟପଟେ କୁକି ଗ୍ରାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି ଯେ ଟାଙ୍ଗଖୁଲ ନାଗା ସ୍ୱେଚ୍ଛାସେବୀମାନେ ପ୍ରଥମେ ଚାଷୀଙ୍କ ଉପରକୁ ଗୁଳି ଚଳାଇଥିଲେ ଓ କିଛି କୁକି ଲୋକଙ୍କୁ ଅଟକ ରଖିବା ସହ ସେମାନଙ୍କ କୁଡ଼ିଆ ଘରେ ନିଆଁ ଲଗାଇ ଦେଇଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକ ରାସ୍ତାରୋକ କରିଥିଲେ।

## ମେଘାଳୟରେ ହିଂସା; ଦୁଇ ମୃତ, ଗାରୋ ହିଲ୍ସ ନିର୍ବାଚନ ସ୍ଥଗିତ

ଶିଲଂ, ୧୨।୩(ଏଜେନ୍ସି): ମେଘାଳୟର ଗାରୋ ହିଲ୍ସ ସ୍ୱୟଂଶାସିତ ଜିଲ୍ଲା ପରିଷଦ (ଜିଏସ୍‌ଏଡିସି) ନିର୍ବାଚନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ହିଂସାତ୍ମକ ରୂପ ନେଇଛି। ଏହି ହିଂସାରେ ଦୁଇଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଫଳରେ ଏହି ଅଞ୍ଚଳରେ ଅଶାନ୍ତି ବୃଦ୍ଧି ପାଇଛି। ଏହି ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଅନୁସୂଚିତ ଜନଜାତି (ଏସ୍‌ଟି) ସାର୍ଟିଫିକେଟ ବାଧ୍ୟତାମୂଳକ କରାଯାଇଥିଲା। ଫଳରେ ଅଣ- ଆଦିବାସୀମାନେ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇଥିଲେ। ମେଘାଳୟ ହାଇକୋର୍ଟ ଏହି ନିଷ୍ପତ୍ତିକୁ ଖାରଜ କରିବା ପରେ ଗାରୋ ସମ୍ପ୍ରଦାୟ ଓ ଅଣ- ଆଦିବାସୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ହିଂସାରେ ସମ୍ପୃକ୍ତ ଗୋଷ୍ଠୀମାନେ ଭଙ୍ଗାରୁଜା, ପଥର ମାଡ଼, ନିଆଁ ଲଗାଇବା ଭଳି କାଣ୍ଡ ଘଟାଇଛନ୍ତି।



## ମୁଖ୍ୟ ନିର୍ବାଚନ କମିସନରଙ୍କୁ ବହିଷ୍କାର ପାଇଁ ନୋଟିସ୍

**୨୦୦ରୁ ଅଧିକ ସାଂସଦଙ୍କ ସ୍ୱାକ୍ଷର**

ନୂଆଦିଲ୍ଲୀ, ୧୨।୩(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ପାଇଁ ବିରୋଧୀ ଦଳଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଇଣ୍ଡିଆ ମେଣ୍ଟର ଦଳଗୁଡ଼ିକ ଏକତ୍ରିତ ହୋଇ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୧୩୦ଜଣ ଲୋକସଭା ସାଂସଦ ଓ ୬୩ ଜଣ ରାଜ୍ୟସଭା ସାଂସଦଙ୍କ ସମେତ ୨୦୦ରୁ ଅଧିକ ସାଂସଦ ନୋଟିସ୍‌ରେ ସ୍ୱାକ୍ଷର କରିଛନ୍ତି। ଆସନ୍ତାକାଲି ଏହି ନୋଟିସ ଦାଖଲ କରାଯିବ। ନୋଟିସରେ ବିରୋଧୀଙ୍କ ମୁଖ୍ୟ ଅଭିଯୋଗ ହେଉଛି, କମିସନରଙ୍କ କାର୍ଯ୍ୟକଳାପରେ ପକ୍ଷପାତ ଓ ଭେଦଭାବପୂର୍ଣ୍ଣ ରହିଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସଆଇଆର) ମାଧ୍ୟମରେ ଅସଲି ଭୋଟରଙ୍କ ନାମ କଟାଯାଉଛି। ପୁଣି ନିର୍ବାଚନୀ ଜାଲିଆତି ତଦନ୍ତରେ ଜାଣିଶୁଣି ବାଧା ସୃଷ୍ଟି କରାଯାଉଛି। ଭାରତୀୟ ସଂସଦୀୟ ଇତିହାସରେ ପ୍ରଥମଥର ପାଇଁ ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବା ପାଇଁ ଏଭଳି ପ୍ରୟାସ କରାଯାଉଛି। ତେବେ ଶାସକ ଦଳ ପାଖରେ ସଂଖ୍ୟାଗରିଷ୍ଠତା ଥିବାରୁ ଏହି ପ୍ରସ୍ତାବ ସଂସଦରେ ପାରିତ ହେବା କଷ୍ଟକର ମନେ ହେଉଛି। ତେବେ ଏହି ପ୍ରସ୍ତାବ ମାଧ୍ୟମରେ ଜ୍ଞାନେଶ କୁମାରଙ୍କ ବିରୋଧରେ ନିଜର ଅସନ୍ତୋଷ ଜାହିର କରିବା ଲାଗି ବିରୋଧୀଙ୍କୁ ସୁଯୋଗ ମିଳିବ।



# ନେତନ୍ୟାହୁଙ୍କ କଥାରେ ପଡ଼ି କଲବଲ ହେଉଛନ୍ତି ଟ୍ରମ୍ପ

ହଟ ସ୍ପଟ

ରାତିରେ ନିଦ ନାହିଁ କି ଦିନରେ ଶାନ୍ତି ନାହିଁ। ଅନ୍ୟମାନଙ୍କୁ ଧମକାଉଛନ୍ତି ଶାନ୍ତିରେ ଶୋଇବାକୁ ଦେବି ନାହିଁ। କିନ୍ତୁ ନିଜେ ଶାନ୍ତିରେ ଶୋଇ ପାରୁ ନାହାନ୍ତି। କଣ କରିବେ କିଛି ବୁଝି ପାରୁ ନାହାନ୍ତି। ନା ଢୋକିପାରୁଛନ୍ତି, ନା ବାନ୍ତି କରି ପାରୁଛନ୍ତି। କରିବେ ତ କରିବେ କଣ? ଏମିତି ଦିନ ରାତି କାଟୁଛନ୍ତି 'ପୋଟୁସ'। ଯାହାକୁ ଅନାଉଛନ୍ତି, ସିଏ ମୁହଁ ମୋଡ଼ି ନେଉଛି।

ଏ ହେଉଛି ଆମେରିକାର ରାଷ୍ଟ୍ରପତି (ପୋଟୁସ) ଡୋନାଲ୍ଡ ଟ୍ରମ୍ପଙ୍କ ଅବସ୍ଥା। ଶାନ୍ତିର ଦୂତ ଭାବେ ୨୦୨୫ରେ ଜନ୍ମ ନେଇଥିବା ଟ୍ରମ୍ପ ସମଗ୍ର ବିଶ୍ୱକୁ ଅଶାନ୍ତ କରି ରଖିଛନ୍ତି। ପ୍ରଥମେ ବିଭିନ୍ନ ଦେଶ ଉପରେ ଶୁଳ୍କ ଦଣ୍ଡ ଲଗାଇ ଅର୍ଥନୈତିକ ତାଣ୍ଡବ ରଚିଲେ। ଏବେ ଯୁଦ୍ଧ ଛଡ଼ା ତାଙ୍କ ମନକୁ ଆଉ କିଛି ପଶୁ ନାହିଁ। ତାଙ୍କ ଶୁଳ୍କ ଦଣ୍ଡ ଉପରେ ସୁପ୍ରିମ କୋର୍ଟଙ୍କ ପ୍ରହାର ସାଙ୍ଗକୁ ଏପଷ୍ଟିନ ଫାଇଲରେ ତାଙ୍କର କାରନାମା ପଦାରେ ପଡ଼ିବା ପରେ ସେ ତାଙ୍କର ସମସ୍ତ ବିବେକ ହରାଇ ରକ୍ତମୁଖା ହୋଇପଡ଼ିଛନ୍ତି। ରାଗ ଶୁଝାଉଛନ୍ତି ଶତ୍ରୁ ରାଷ୍ଟ୍ର ଉପରେ। ପ୍ରଥମେ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ତାଙ୍କୁ ଘରୁ ଉଠାଇଆଣିଲେ। ଏଥିରେ ଉତ୍ସାହିତ ହୋଇ ଇରାନ ଉପରେ ଆକ୍ରମଣ କରିଦେଲେ। ଏହା ପୁଣି ଇସ୍ରାଏଲ ସହିତ ମିଶିକି। ଭାବିଥିଲେ ଦୁଇ ଚାରି ଦିନରେ ଯୁଦ୍ଧ ସରିଯିବ। ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କୁ ମାରିବା ପରେ ତାଙ୍କ ଦମ୍ଭ ଓ ବିଶ୍ୱାସ ବହୁଗୁଣିତ ବଢ଼ି ଯାଇଥିଲା। କିନ୍ତୁ ସବୁ ଓଲଟା ହୋଇଗଲା। ଇରାନ ରକ୍ତମୁଖା ହୋଇ ଆମେରିକାକୁ ଚୋଟ ପରେ ଚୋଟ ମାରି ଚାଲିଛି। ଯାହା ଅତୀତରେ କେବେ ଦେଖିବାକୁ ମିଳିନଥିଲା, ତାହା ଏବେ ଦେଖିବାକୁ ମିଳୁଛି। ଦିନ ଥିଲା ସର୍ବଶକ୍ତିମାନ ଆମେରିକା ସହିତ ଆଖି ମିଳାଇ କଥା ହେବାକୁ କେହି ସାହସ କରି ପାରୁନଥିଲେ। କିନ୍ତୁ ଆଜି ଇରାନ ଗୋଟିଏ ପାଦ ଆଗକୁ ଯାଇ ଆମେରିକାକୁ ଚୋଟ ମାରିବାରେ ଲାଗିଛି। ଉପସାଗରୀୟ ଦେଶମାନଙ୍କରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରି ସବୁ ଛାରଖାର କରି ସାରିଲାଣି। ଇସ୍ରାଏଲ ଅବସ୍ଥା ନକହିଲେ ଭଲ। ଇସ୍ରାଏଲର ଅନେକ ସହର ଧ୍ୱଂସସ୍ତୂପ ପାଲଟିଲାଣି। ଆଇରନ ଡୋମ୍ କାମ ଦେଉନି। ଆମେରିକା ଓ ଇସ୍ରାଏଲ ମିଶି ଇରାନ ଉପରେ ଯେତେ ଆକ୍ରମଣ କରୁଛନ୍ତି, ଇରାନ ସେତିକି ଉଗ୍ର ହୋଇ ପ୍ରତିଶୋଧ ନେବାରେ ଲାଗିଛି। ଇରାନ ଏତେ ବଳ ପାଇଲା କେଉଁଠୁ। ଅସହାୟ ହୋଇପଡ଼ିଲେଣି ଟ୍ରମ୍ପ। ଇସ୍ରାଏଲ ସମେତ ଉପସାଗରୀୟ ଦେଶମାନଙ୍କରେ ଥିବା ଆମେରିକା ନାଗରିକଙ୍କୁ ସୁରକ୍ଷା ଦେବା ସ୍ଥିତିରେ ନାହାନ୍ତି। ଏହିସବୁ ଦେଶରୁ ନିଜର ନାଗରିକମାନଙ୍କୁ ଆମେରିକା ଫେରି ଆସିବା ଲାଗି ପରାମର୍ଶ ଦେଲେଣି।

ଏମିତି ବେଇଜ୍ଜତ୍ କେବେ ହୋଇନଥିଲା ଆମେରିକା। ଆମେରିକାକୁ ପୁଣି ମହାନ (ମାଗା) କରିବାକୁ ସଂକଳ୍ପ ନେଇଥିବା ଟ୍ରମ୍ପ ଆମେରିକାର ଇଜ୍ଜତକୁ ବରବାଦ କରିସାରିଲେଣି। ତାଙ୍କର ପାଗଳାମି ଯୋଗୁଁ ମିତ୍ର ଦେଶ ମଧ୍ୟ ଧରାଛୁଆଁ ଦେଉ ନାହାନ୍ତି। ଭାବିଥିଲେ ଇରାନ ଉପରେ ଆକ୍ରମଣ କଲେ ମିତ୍ର ଦେଶ ବିଶେଷ କରି ୟୁରୋପୀୟ ରାଷ୍ଟ୍ର ତାଙ୍କୁ ସହଯୋଗ କରିବାକୁ ଆଗେଇ ଆସିବେ। କିନ୍ତୁ ସେମାନେ ସମର୍ଥନ ଦେବା ତ ଦୂରର କଥା, ତାଙ୍କୁ ଅନାଉ ବି ନାହାନ୍ତି। ଏହାକୁ ନେଇ ଟ୍ରମ୍ପ ଭୀଷଣ ବ୍ୟସ୍ତ ଓ ବିବ୍ରତ। ରାତିଦିନ ନାଟୋ ନେତାମାନଙ୍କୁ ଅଭିଶାପ ଦେବାରେ ଲାଗିଛନ୍ତି। ଅସହାୟ ହୋଇପଡ଼ିଲେଣି ଟ୍ରମ୍ପ। ମିଟିଂରେ ମନ ଲାଗୁନି। ରାତିରେ ନିଦ ହେଉନି। ଧର୍ମଗୁରୁମାନଙ୍କୁ ହ୍ୱାଇଟ୍ ହାଉସ ଡକାଇ ଉପଚାର କରାଉଛନ୍ତି। ତଥାପି କିଛି କାମ ଦେଉନି। ଯୁଦ୍ଧ କେବେ ସରିବ, କହିପାରୁ ନାହାନ୍ତି। କେବେ କହୁଛନ୍ତି ଚାରି ଦିନରେ ସରିଯିବ, କେବେ କହୁଛନ୍ତି ଚାରିମାସ। ପୁଣି କହୁଛନ୍ତି କେବେ ସରିବ, କହିବା ମୁସ୍କିଲ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ କଥାରେ ପଡ଼ି ସେ ଆଜି କଲବଲ ହେଉଛନ୍ତି। ସେ ହିଁ ଟ୍ରମ୍ପଙ୍କୁ ମତାଇ ଏଭଳି କାଣ୍ଡ ଘଟାଇଛନ୍ତି। ଗାଜା ଯୁଦ୍ଧ ପରେ ଅସୁରକ୍ଷିତ ହୋଇପଡ଼ିଥିବା ନେତନ୍ୟାହୁ ନିଜର ଗାଦି ବଞ୍ଚାଇବା ଲାଗି ଟ୍ରମ୍ପଙ୍କୁ ମତାଇଥିବା କୁହାଯାଉଛି।

## ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କ

# 'ନବୀନ ଅର୍ଥନୀତି' ଦେଶରେ ଶ୍ରେଷ୍ଠ

ଭୁବନେଶ୍ୱର,୧୨।୩(ସମିସ): ଅତୀତରେ ବିଜେଡି ସରକାରର ଆର୍ଥିକ ପରିଚାଳନାକୁ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ପ୍ରଶଂସା କରି ଆସିଛନ୍ତି। ଏକ ନିଅଣ୍ଟିଆ ଓ ରୋଗୀଣା ଅର୍ଥନୀତିରୁ ରାଜ୍ୟକୁ ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିବା ସହ ସୁସ୍ଥ ବିତ୍ତୀୟ ପରିଚାଳନା ଯୋଗୁଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିକୁ ସାରା ଦେଶ ପ୍ରଶଂସା କରିଛି। କ୍ଷମତାରୁ ଯିବାର ଦୁଇ ବର୍ଷ ପରେ ବି ବିଭିନ୍ନ କେନ୍ଦ୍ରୀୟ ରିପୋର୍ଟରେ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାରଙ୍କ ବିକାଶର ଛବି, ଅର୍ଥନୀତି, ସ୍ୱାସ୍ଥ୍ୟ ସେବା ଆଦି ପ୍ରଶଂସିତ ହୋଇଛି। ନିକଟରେ ପ୍ରକାଶିତ ନିତି ଆୟୋଗ ରିପୋର୍ଟରେ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାରଙ୍କ ସ୍ୱାସ୍ଥ୍ୟ ଅର୍ଥନୀତିକୁ ବେଶ୍ ପ୍ରଶଂସା କରାଯାଇଛି। ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ନବୀନଙ୍କ ସମୟରେ ଓଡ଼ିଶା ଦେଶରେ ଶ୍ରେଷ୍ଠସ୍ଥାନ ଅଧିକାର କରିଥିଲା ବୋଲି ପୁଣି ନିତି ଆୟୋଗଙ୍କ ଆଉ ଏକ ନୂଆ ରିପୋର୍ଟରେ ପ୍ରକାଶିତ ହୋଇଛି।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ନିତି ଆୟୋଗ ଦ୍ୱାରା ପ୍ରକାଶିତ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ 'ନବୀନ ଓଡ଼ିଶା' ଦେଶର ଏକ ନମ୍ବର ସ୍ଥାନ ଅଧିକାର କରିଛି। ୭୩.୧ ନମ୍ବର ସହ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ୫୪.୭ ନମ୍ବର ରଖି ଗୋଆ ୨ ନମ୍ବର ସ୍ଥାନରେ ରହିଛି। ଓଡ଼ିଶା ଏବଂ ଗୋଆ ମଧ୍ୟରେ ୧୮.୪ ଅଙ୍କର ବ୍ୟବଧାନ ଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ କାହିଁ କେତେ ପଛରେ ରହିଛନ୍ତି। ଏହାହିଁ ଓଡ଼ିଶାର ସୁଦୃଢ଼ ଆର୍ଥିକ ନୀତିକୁ ସୂଚାଉଛି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏହି ରିପୋର୍ଟ ଅନୁଯାୟୀ ତାଲିକାରେ ଝାଡଖଣ୍ଡ ୫୦.୫ ଅଙ୍କ ସହ ତୃତୀୟ ସ୍ଥାନରେ ଥିବାବେଳେ ଗୁଜରାଟ ୪୯.୯ ଅଙ୍କ ସହ ଚତୁର୍ଥ, ମହାରାଷ୍ଟ୍ର ୪୫ ଅଙ୍କ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ଛତିଶଗଡ଼ ଓ ତେଲେଙ୍ଗାନା ୪୪.୩ ଉତ୍ତର ପ୍ରଦେଶ ୪୧.୯, କର୍ଣ୍ଣାଟକ ୪୧.୭, ମ ଧ ପ୍ର ଦେ ଶ ୩୭.୮ ଅଙ୍କ ସହ ଯଥାକ୍ରମେ ଷଷ୍ଠରୁ ଦଶମ ସ୍ଥାନ ଯାଏଁ ରହିଛନ୍ତି।

- ୭୩.୧ ଅଙ୍କ ସହ ସର୍ବାଗ୍ରେ ଓଡ଼ିଶା
- ୫ଟିରୁ ୪ ବର୍ଗରେ ସର୍ବାଗ୍ରେ ଓଡ଼ିଶା
- ଋଣ ପରିଚାଳନାରେ ଓଡ଼ିଶାକୁ ୯୫.୮%
- ଗୁଣାତ୍ମକ ବ୍ୟୟ କ୍ଷେତ୍ରରେ ୭୧.୨୦%

ସାମଗ୍ରିକ ଭାବେ ଓଡ଼ିଶା ସୂଚକାଙ୍କରେ ଏକ ନମ୍ବର ଥିବାବେଳେ ଏଥିରେ ବିଭିନ୍ନ ବର୍ଗରେ ମଧ୍ୟ ନିଜର ଦବଦବା ଜାହିର୍ କରିଛି। ଗୁଣାତ୍ମକ ଖର୍ଚ୍ଚ(କ୍ୱାଲିଟି ଅଫ୍ ଏକ୍ସପେଣ୍ଡିଚର)ରେ ୭୧.୨ ଅଙ୍କ ସହ ଓଡ଼ିଶା ଏହି ବର୍ଗରେ ଶୀର୍ଷରେ ରହିଛି। ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଓଡ଼ିଶାଠାରୁ ଗୋଆ ୦.୧% ଆଗରେ ରହିଛି। ଗୋଆ ୮୦.୪ ଅଙ୍କ ପାଇଥିବା ବେଳେ ଓଡ଼ିଶା ୮୦.୩ ଅଙ୍କ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଫିସକାଲ ପ୍ରୁଡେନ୍ସ ବର୍ଗରେ ଓଡ଼ିଶା ୫୮.୭ ଅଙ୍କ ସହ ପ୍ରଥମ ସ୍ଥାନରେ ଥିବା ବେଳେ ଋଣ ପରିଚାଳନାରେ ୯୫.୮ ପ୍ରତିଶତ ସହ ଏହି ବର୍ଗରେ ସର୍ବୋଚ୍ଚ ସ୍ଥାନରେ ରହିଛି। ଋଣ ସ୍ଥିରତା କ୍ଷେତ୍ରରେ ମଧ୍ୟ ୫୯.୫ ପ୍ରତିଶତ ସହ ସର୍ବାଗ୍ରେ ରହିଛି ଓଡ଼ିଶା। ରିପୋର୍ଟରେ ଅନ୍ୟ ରାଜ୍ୟମାନେ ବହୁ ପଛରେ ରହିଥିବା ବେଳେ ଓଡ଼ିଶାର ସ୍ଥିତି ଏହାର କୁଶଳୀ ନେତୃତ୍ୱକୁ ଦର୍ଶାଉଛି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୫-ଟି ଉପକ୍ରମର ଅନୁପାଳନ, ଦୃଢ଼ ନେତୃତ୍ୱ, ଶାସନରେ ନୂତନତା ସହ ଦୁର୍ନୀତି ବିରୋଧୀ ଶୂନ୍ୟ ସହନଶୀଳ ନୀତି ପାଇଁ ଓଡ଼ିଶାକୁ ଏହି ସଫଳତା ମିଳିଛି ବୋଲି ଅର୍ଥନୈତିକ ମହଲରେ ମତପ୍ରକାଶ ପାଇଛି।



## ଖୁସି ପ୍ରକଟ କଲେ ନବୀନ

# ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ

ଭୁବନେଶ୍ୱର,୧୨।୩(ସମିସ): ନିତି ଆୟୋଗ ଦ୍ୱାରା ୨୦୨୩-୨୪ ବର୍ଷ ପାଇଁ ପ୍ରକାଶିତ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡ଼ିଶାର ପ୍ରଦର୍ଶନକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ବିରୋଧୀ ଦଳ ନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ୨୦୨୩-୨୪ ବର୍ଷ ପାଇଁ ନୀତି ଆୟୋଗର ଆର୍ଥିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଦେଶରେ ନମ୍ବର-୧ ହୋଇଛି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ଯେ ଓଡ଼ିଶା କେବଳ ଦେଶକୁ ନେତୃତ୍ୱ ଦେଇନାହିଁ ବରଂ ୭୩.୧ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ଥିବା ଗୋଆ(୫୪ ଅଙ୍କ)ଠାରୁ ବହୁ ଆଗରେ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ୨୦୦୦ ମସିହାରେ ରାଜ୍ୟ ଦେବାଳିଆ ଅବସ୍ଥାରୁ ବାହାରି ବର୍ତ୍ତମାନ ପ୍ରତ୍ୟେକ ମାନଦଣ୍ଡରେ ଶୀର୍ଷରେ ପହଞ୍ଚିଛି, ଯାହା ଦେଶରେ କୌଣସି ଡବଲ୍ ଇଞ୍ଜିନ ସରକାର ଏହି ସଫଳତା ପାଇପାରି ନାହାନ୍ତି। ଏହା ମୋ ପାଇଁ ଅତ୍ୟନ୍ତ ଆତ୍ମସନ୍ତୋଷର କଥା। ଏକ ସଙ୍କଟଜନକ ଆର୍ଥିକ ଅବସ୍ଥାରୁ ଆର୍ଥିକ ସ୍ୱାସ୍ଥ୍ୟରେ ଶୀର୍ଷ ପ୍ରଦର୍ଶକ ହେବା ପର୍ଯ୍ୟନ୍ତ ଓଡ଼ିଶାର ଯାତ୍ରା ୫-ଟି ନୀତି ଅଧୀନରେ ଦୂରଦୃଷ୍ଟି ଓ ପରିବର୍ତ୍ତନଶୀଳ ଶାସନକୁ ପ୍ରତିଫଳିତ କରୁଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମ ଶାସନର ବିଶେଷତ୍ୱ ଆର୍ଥିକ ସ୍ୱାସ୍ଥ୍ୟର ପ୍ରତ୍ୟେକ ମାନଦଣ୍ଡରେ ପ୍ରତିଫଳିତ ହେଉଛି। ବ୍ୟୟର ଗୁଣବତ୍ତା, ରାଜସ୍ୱ ସଂଗ୍ରହ, ଆର୍ଥିକ ସତର୍କତା ଏବଂ ଋଣ ଭାର ହ୍ରାସ କ୍ଷେତ୍ରରେ ଓଡ଼ିଶା ଏକ ଆଦର୍ଶ ରାଜ୍ୟ ଭାବରେ ଉଭା ହୋଇଛି। ଏହି ନିରନ୍ତର ଆର୍ଥିକ ସ୍ଥିରତା ରାଜ୍ୟକୁ ବହୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହିତ କରିପାରିଛି। କେନ୍ଦ୍ରର ସହଯୋଗକୁ ଅପେକ୍ଷା ନ କରି ଓଡ଼ିଶା ବିଏସକେୱାଇ, କାଳିଆ, ମିଶନ ଶକ୍ତି, ଦକ୍ଷତା ବିକାଶ, ଓଡ଼ିଶା ସ୍କୁଲ ରୂପାନ୍ତରଣ, ଆଦିବାସୀ ବିକାଶ, ବିପର୍ଯ୍ୟୟ ପରିଚାଳନା, ଭିତ୍ତିଭୂମି ବିକାଶ, ଜଳସେଚନ ପ୍ରକଳ୍ପ, ଦାରିଦ୍ର୍ୟ ହ୍ରାସ ଉଦ୍ୟମ ଏବଂ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିପାରିଛି। ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସାଥୀ ହେବା ପାଇଁ ଓଡ଼ିଶାର ଜନତାଙ୍କୁ ମୁଁ ଧନ୍ୟବାଦ ଜଣାଉଛି ବୋଲି ନବୀନ କହିଛନ୍ତି। ଏହାସହ ନବୀନ ବର୍ତ୍ତମାନର ରାଜ୍ୟର ଆର୍ଥିକ ସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାର ଡବଲ୍ ଇଞ୍ଜିନ ସରକାର ଯେଉଁଭଳି ଭାବେ ଆର୍ଥିକ ପରିଚାଳନା କରୁଛନ୍ତି ତାହା ଦେଖି ମୁଁ ଚିନ୍ତିତ ହୋଇପଡ଼ିଛି। ଏହାଦ୍ୱାରା ରାଜ୍ୟ ଦେବାଳିଆ ସ୍ଥିତି ଆଡ଼କୁ ବଢ଼ୁଥିବା ବେଳେ ଏବଂ ବିକାଶର ଗତିକୁ ୨୫ ବର୍ଷ ପଛକୁ ଠେଲି ଦେଉଛି ବୋଲି ନବୀନ ଚିନ୍ତାପ୍ରକଟ କରିଛନ୍ତି।

- ସୂଚକାଙ୍କ '୫-ଟି' ନୀତି ଅଧୀନରେ ଦୂରଦୃଷ୍ଟି ଓ ପରିବର୍ତ୍ତନଶୀଳ ଶାସନକୁ ପ୍ରତିଫଳିତ କରୁଛି
- ବର୍ତ୍ତମାନର ଆର୍ଥିକ ପରିଚାଳନାକୁ ନେଇ ଉଦ୍‌ବେଗ, ଦେବାଳିଆ ସ୍ଥିତି ଆଡ଼କୁ ବଢ଼ୁଛି ରାଜ୍ୟ

# ବିଧାନସଭାରେ ରନ୍ଧନ ଗ୍ୟାସ୍ ତାତି

ଭୁବନେଶ୍ୱର,୧୨।୩(ସମିସ): ଦେଶବ୍ୟାପୀ ରନ୍ଧନ ଗ୍ୟାସର ଅଭାବ ଏବଂ କଳାବଜାରୀକୁ ନେଇ ସଡ଼କରୁ ସଂସଦ ଯାଏଁ ପ୍ରତିବାଦର ପ୍ରତିଧ୍ୱନି ଶୁଭୁଛି। କେନ୍ଦ୍ର ସରକାର ଏନେଇ ପ୍ରତିଶ୍ରୁତି, ଆଶ୍ୱାସନା ଦେଉଥିଲେ ହେଁ ସାଧାରଣ ଲୋକଙ୍କୁ ଏହା ସନ୍ତୁଷ୍ଟ କରିପାରୁ ନାହିଁ। ଓଡ଼ିଶା ବିଧାନସଭାରେ ମଧ୍ୟ ଗୁରୁବାର ଗ୍ୟାସ ଅଭାବ ତାତି ପରିଲକ୍ଷିତ ହୋଇଛି। ରାଜ୍ୟରେ ରନ୍ଧନ ଗ୍ୟାସ ଅଭାବ ଏବଂ କଳାବଜାରୀ ନେଇ ଗୁରବାର ପ୍ରଥମାର୍ଦ୍ଧ ଅଚଳ କରିଛି କଂଗ୍ରେସ। ଗୃହରେ ଗ୍ୟାସ କଳାବଜାରୀ, ଅଭାବ ଏବଂ ଉଚ୍ଚାଦରକୁ ନେଇ କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ ପ୍ରଦର୍ଶନ ସହ ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସର

## ବିଜେଡିର ପ୍ରତିବାଦ, କଂଗ୍ରେସର ହଟ୍ଟଗୋଳ

ହଟ୍ଟଗୋଳ ସହ ବିଜେଡି ସଦସ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ରହିବା କାରଣରୁ ଆଜି ପ୍ରଥମାର୍ଦ୍ଧରେ ଗୃହ ଚାଲିପାରି ନାହିଁ। ପ୍ରଥମାର୍ଦ୍ଧରେ ବିଭିନ୍ନ ପର୍ଯ୍ୟାୟରେ ଗୃହ ମାତ୍ର ୨୫ ମିନିଟ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଆଜି ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ରାଜ୍ୟରେ ଗ୍ୟାସ ଅଭାବ ଏବଂ କଳାବଜାରୀକୁ ନେଇ ବିଧାୟକମାନେ ପୋଷ୍ଟର ପ୍ରଦର୍ଶନ କରିଥିଲେ। 'ଗ୍ୟାସ୍ ଜଳୁନାହିଁ, ଜନତା ହନ୍ତସନ୍ତ, ରନ୍ଧନ ଗ୍ୟାସ କଳାବଜାରୀ ରୋକିବା ଆମର ଦାବି, ଡବଲ ଇଞ୍ଜିନ, ଡବଲ ଧୋକା ଚଳିବ ନାହିଁ, ଏଲପିଜି ଗ୍ୟାସ ଅହେତୁକ ବୃଦ୍ଧି, ସରକାର ନିରବଦ୍ରଷ୍ଟା' ଆଦି ନାରା ଦେଇ କଂଗ୍ରେସ ବିଧାୟକମାନେ ଗୃହରେ ହଟ୍ଟଗୋଳ କରିଥିଲେ। ସେହିପରି ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରଶ୍ନକାଳରେ ଭାଗ ନେଇ ନ ଥିଲେ। ହୋ ହାଲ୍ଲା ମଧ୍ୟରେ ଗୃହରେ ୨ଟି ତାରକା ପ୍ରଶ୍ନ ଆଲୋଚନା ହେବା ପରେ ୧୦ଟା ୪୦ ମିନିଟରୁ ୧୧ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସମାନ ଭାବରେ ଗୃହ ମଧ୍ୟରେ ହଟ୍ଟଗୋଳ କରିଥିଲା। ସମାନ ଭାବରେ ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଥିଲେ। ବାଚସ୍ପତି କହିଥିଲେ ଯେ ପ୍ରଶ୍ନକାଳ ପରି ଗୁରୁତ୍ୱପୂର୍ଣ୍ଣ ସମୟ ନଷ୍ଟ ହୋଇଗଲା। ଆପଣମାନେ ନିଜ କଥା ଶୂନ୍ୟକାଳରେ ରଖିବାର ସୁଯୋଗ ରହିଛି। ସୁଯୋଗର ସଦୁପଯୋଗ କରନ୍ତୁ। ନିଜ ନିଜ ଆସନକୁ ଫେରିଯା'ନ୍ତୁ ବୋଲି ବାଚସ୍ପତି ଅନୁରୋଧ କରିଥିଲେ।

ଗୃହରେ କଂଗ୍ରେସର ଆଚରଣକୁ ନେଇ ବର୍ଷିଛନ୍ତି ବିଜେପି ବିଧାୟକ। ଗୃହରେ ଗ୍ୟାସ ଅଭାବ ସମ୍ପର୍କରେ ଆଲୋଚନା ନକରି ଗୃହକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଜନସ୍ୱାର୍ଥ ବିରୋଧୀ। ରନ୍ଧନ ଗ୍ୟାସକୁ ନେଇ ବିବ୍ରତ ନହେବାକୁ ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ମାତ୍ର ଏହା ସତ୍ତ୍ୱେ ଗୃହକୁ ହଟ୍ଟଗୋଳ କରି ବନ୍ଦ କରିବା ନିନ୍ଦନୀୟ ଓ ଦୁଃଖଦାୟକ ବୋଲି ଶାସକ ଦଳର ବିଧାୟକମାନେ ମତବ୍ୟକ୍ତ କରିଛନ୍ତି। ବିଧାୟକ ସନ୍ତୋଷ ଖଟୁଆ ମଧ୍ୟ ବିରୋଧୀ ଦଳର ଆଚରଣକୁ ନିନ୍ଦା କରିଥିଲେ। ବିରୋଧୀ ନିଜର ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ୧୧ଟା ୩୯ରୁ ୧୨ଟା ୧୦ ଯାଏଁ ମୁଲତବୀ ରଖିଥିଲେ।

ଅପରପକ୍ଷେ ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଉତ୍ତର ରଖିଥିଲେ ହେଁ ଉଭୟ ବିଜେଡି, କଂଗ୍ରେସ ଆଲୋଚନାକୁ ବର୍ଜନ କରିଥିଲେ। ଫଳରେ ବାଚସ୍ପତି ୧୨ଟା ୧୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

# ବିରୂପାରୁ ଦୁଇଭାଇଙ୍କ ମୃତଦେହ ଉଦ୍ଧାର

ଚୌଦ୍ୱାର, ୧୨।୩(ସମିସ): କଟକ ଜିଲ୍ଲା ଚୌଦ୍ୱାର ଥାନା ଅନ୍ତର୍ଗତ ବିରୂପା ନଦୀରୁ ଗୁରୁବାର ସକାଳେ ଦୁଇଜଣ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଦ୍ୱୟ ହେଲେ, କଟକ ପେଟିନ୍ ସାହି ଅଞ୍ଚଳର ଦେବାଶିଷ ସାହୁ (୪୫) ଓ ତାଙ୍କ ଭାଇ ଶୁଭାଶିଷ



ସାହୁ (୪୦)। ସ୍ଥାନୀୟ ମାଛ ଧରାଳିମାନେ ବିରୂପା ବ୍ୟାରେଜ୍ ନିକଟରେ ଦୁଇଟି ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଚୌଦ୍ୱାର ପୁଲିସ ଅଗ୍ନିଶମବାହିନୀ ସହାୟତାରେ ଶବ ଦୁଇଟିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

ମିଳିଥିବା ସୂଚନା ମୁତାବକ, ଦୁଇ ଭାଇ ନିଜର ପୈତୃକ ଘର ଓ ପରେ ଚୌଦ୍ୱାର ମଣ୍ଡାପଡ଼ାରେ କରିଥିବା ଘରକୁ ବିକ୍ରି କରି ତ୍ରିଶୁଳିଆ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଉଭୟ ଅବିବାହିତ ଥିଲେ। ସାନଭାଇ ଶୁଭାଶିଷ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ବଡ଼ଭାଇ ବେକାର ଥିଲେ। ଜାଗା ବିକ୍ରି ଟଙ୍କା ଶେଷ ହୋଇଯିବା ପରେ ସେମାନେ ଗଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ ବୋଲି ସମ୍ପର୍କୀୟମାନେ କହିଛନ୍ତି। ଆର୍ଥିକ ଅନଟନ ଯୋଗୁଁ ସେମାନେ ମାନସିକ ଚାପରେ ଏଭଳି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏଭଳି ସ୍ଥିତିରେ ସେମାନେ ମିଳିତ ଭାବେ ଆତ୍ମହତ୍ୟା କରିଛନ୍ତି ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।

## ରାଜ୍ୟସଭା ନିର୍ବାଚନ

# କଂଗ୍ରେସ ଜାରି କଲା ୩ ଧାଡ଼ିଆ ହ୍ୱିପ୍

ଭୁବନେଶ୍ୱର,୧୨।୩(ସମିସ): ରାଜ୍ୟସଭା ନିର୍ବାଚନକୁ ନେଇ କଂଗ୍ରେସ ପକ୍ଷରୁ ହ୍ୱିପ୍ ଜାରି ହୋଇଛି। କଂଗ୍ରେସ ବିଧାୟକ ଦଳ ମୁଖ୍ୟ ସଚେତକ ଡା. ସିଏସ ରାଜନ ଏକ୍କା ଦଳ ପକ୍ଷରୁ '୩ ଲାଇନ'ର ହ୍ୱିପ୍ ଜାରି କରିଥିବା ବେଳେ ସମସ୍ତ କଂଗ୍ରେସ ବିଧାୟକଙ୍କୁ ୧୩ ମାର୍ଚ୍ଚରୁ ୧୬ ମାର୍ଚ୍ଚ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କଂଗ୍ରେସ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ୨୦୨୬ ମସିହାର ରାଜ୍ୟସଭା ନିର୍ବାଚନ ପାଇଁ ଭୋଟିଂ ୧୬ ମାର୍ଚ୍ଚ ସୋମବାର ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭା ପରିସରରେ ହେବ। ତେଣୁ ଦଳର ନିର୍ଦ୍ଦେଶନାମାକୁ ତିନି ଧାଡ଼ିଆ ହ୍ୱିପ୍ ଭାବରେ ବିବେଚନା କରି ସବୁ ବିଧାୟକଙ୍କୁ ଏହାର ଅନୁପାଳନ ନିର୍ଦ୍ଦେଶ ଦିଆଯାଇଛି।

ଚତୁର୍ଥ ରାଜ୍ୟସଭା ଆସନକୁ ନେଇ ଶାସକ ବିଜେପି ଓ ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢେଇ ହେଉଛି। ଏହି ଆସନ ପାଇଁ ବିଜେଡି ଓ କଂଗ୍ରେସ ମିଳିତ ସମର୍ଥନରେ ଡା. ଦତ୍ତେଶ୍ୱର ହୋତାଙ୍କୁ ପ୍ରାର୍ଥୀ କରାଯାଇଛି। ଅନ୍ୟପଟେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିବା ବେଳେ ବିଜେପି ତାଙ୍କୁ ସମର୍ଥନ ଘୋଷଣା କରିଛି। ସେ ଦୃଷ୍ଟିରୁ ଓଡ଼ିଶାରେ ଏଥର ରାଜ୍ୟସଭା ନିର୍ବାଚନ ରୋଚକ ଆଡ଼କୁ ଗତି କରିଛି। ଦଳୀୟ ହ୍ୱିପ୍ ପ୍ରସଙ୍ଗରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭାରତୀୟ ଜନତା ପ୍ରାର୍ଥୀ ତୀବ୍ର ଭାବେ ଘୋଡ଼ା ବେପାର କରିବାକୁ ଦିନ ରାତି ଲାଗିପଡ଼ିଛନ୍ତି। ବିଧାୟକମାନେ ଏବେ ପର୍ଯ୍ୟନ୍ତ ଘୋଡ଼ା ବେପାରରେ ପଡ଼ି ନାହାନ୍ତି କି ପଡ଼ିବେ ନାହିଁ। ପ୍ରତ୍ୟେକ ବିଧାୟକଙ୍କର ସମ୍ମାନ ସ୍ୱାଭିମାନ ଅଛି। ଏହାର ସୁରକ୍ଷା କରିବାର ଆବଶ୍ୟକତା ରହିଛି। ନଚେତ ସେମାନେ ନିଜ ନିର୍ବାଚନ ମଣ୍ଡଳୀରେ ଚାଲି ପାରିବେ ନାହିଁ। ଘୋଡ଼ା ବେପାର କରୁଥିବା ଲୋକ ଅନ୍ୟାୟ କରୁଛନ୍ତି, ଯିଏ ଏଥିରେ ପଡ଼ିବେ ସେମାନେ ମଧ୍ୟ ଅନ୍ୟାୟ କରିବେ। ଏଆଇସିସି ନେତାମାନେ ମଧ୍ୟ ଦଳୀୟ ବିଧାୟକମାନଙ୍କ ସହିତ କଥା ହେଉଛନ୍ତି ବୋଲି ଭକ୍ତ ସୂଚନା ଦେଇଛନ୍ତି।

## ବିଜେପି ଦିନରାତି ଘୋଡ଼ା ବେପାର ପାଇଁ ଲାଗିଛି: ଭକ୍ତ




## ଚୌଦ୍ୱାର ଜେଲ୍‌ରୁ ଅପରାଧୀ ଫେରାର ଘଟଣା

# କାହା ସୁରକ୍ଷା ଛାଇରେ ଜେଲ୍ ଅଧିକାରୀ?

ଭୁବନେଶ୍ୱର, ୧୨।୩ (ସମିସ): ଚୌଦ୍ୱାର ମଣ୍ଡଳ କାରାଗାର ପାଚେରି ଡେଇଁ ଦୁଇ ଅପରାଧୀ ଫେରାର ଘଟଣାକୁ ୫ ମାସ ବିତିଗଲାଣି। କମିସନରେଟ ପୁଲିସ ଉତ୍ତରପ୍ରଦେଶର ବୃନ୍ଦାବନରୁ ମଧୁକାନ୍ତ ରଣାକୁ ଗିରଫ କରିଥିବା ବେଳେ ରାଜା ସାହାଣୀର ଟେର୍ ପାଇନାହିଁ। ଏହାରି ଭିତରେ ଅପରାଧୀ ଫେରାର ଘଟଣାର ତଦନ୍ତ ରିପୋର୍ଟ ତଳତଳିଆଙ୍କ ଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ପ୍ରର୍ଯ୍ୟନ୍ତ, ସମସ୍ତଙ୍କୁ ଅଡୁଆରେ ପକାଇଛି। ତଦନ୍ତ ରିପୋର୍ଟରେ ୫ ଜଣଙ୍କୁ ଦାୟୀ କରାଯାଇଥିବା ବେଳେ ରହିଥିବା ବେଳେ ୱାର୍ଡର, ମୁଖ୍ୟ ୱାର୍ଡର ଓ ଜେଲରଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଛି। ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ଓ ସବ୍ ଆସିଷ୍ଟାଣ୍ଟ ଜେଲର ଶରତ କୁମାର ନନ୍ଦଙ୍କ ଦାୟିତ୍ୱ ଅବହେଳା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲେ ମଧ୍ୟ ସେମାନଙ୍କ ବିରୋଧରେ ଏଯାଏଁ କାର୍ଯ୍ୟାନୁଷ୍ଠାନ ନହେବା, ବିଭାଗ ମୁଖିଆଙ୍କ ମନମାନୀକୁ ଦର୍ଶାଉଛି।

ଯାଜପୁର ଜିଲ୍ଲା ପାଣିକୋଇଲି ପଣ୍ଡା ଅଲଙ୍କାର ଦୋକାନ ଲୁଟ୍ ଓ ହତ୍ୟା ମାମଲାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଗିରଫ ହୋଇ ଯାଜପୁର ରୋଡ୍ ଜେଲରେ ଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ୨୦୨୫ ମସିହା ଫେବୃଆରୀ ମାସରେ ଉଭୟଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ଉଭୟ ଚୌଦ୍ୱାର ଜେଲର ହାଇ ସିକ୍ୟୁରିଟି ସେଲରେ ରହୁଥିବା ବେଳେ ଗତବର୍ଷ ଅକ୍ଟୋବର ୨/୩ ରାତିରେ ସେଲ୍ ଗ୍ରୀଲ କାଟି ପାଚେରୀ ଉପରେ ଚଢ଼ି ଫେରାର ହୋଇଯାଇଥିଲେ। ଘଟଣାରୁ ନଜର ହଟାଇବା ଲାଗି ପ୍ରଥମେ ୱାର୍ଡର ଓ ମୁଖ୍ୟ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିବା ବେଳେ ପରେ ଜେଲର ମଧ୍ୟ ନିଲମ୍ବିତ ହୋଇଥିଲେ।

## ସବ୍ ଆସିଷ୍ଟାଣ୍ଟ ଜେଲରଙ୍କ ବିରୋଧରେ ହେଲା ନାହିଁ କାର୍ଯ୍ୟାନୁଷ୍ଠାନ

ତେବେ ଡିଆଇଜି ଅନୁସୟା ଜେନା ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ଚୌଦ୍ୱାର ଜେଲ ଅଧିକାରୀଙ୍କ ଦାୟିତ୍ୱରେ ଅବହେଳା ଜଳଜଳ ଦିଶୁଛି। ଚୌଦ୍ୱାର ମଣ୍ଡଳ କାରାଗାରର ତତ୍କାଳୀନ ଜେଲର୍ ୨୦୨୫ ମସିହା ଜୁଲାଇ ୧୫ ତାରିଖ ଦିନ ଠାରୁ ସବ୍ ଆସିଷ୍ଟାଣ୍ଟ ଜେଲର୍ ଶରତ କୁମାର ନନ୍ଦଙ୍କୁ ରାତ୍ରିକାଳୀନ ଡ୍ୟୁଟି (ନାଇଟ୍ ରାଉଣ୍ଡ) କରିବାକୁ ନିର୍ଦ୍ଦେଶନାମା ଦେଇଥିଲେ। ଶ୍ରୀ ନନ୍ଦ ରାତି ସମୟରେ ଜେଲ୍ ଭିତରେ ପଇଁତରା ମାରିବା ସହ ୱାର୍ଡର୍, ମୁଖ୍ୟ ୱାର୍ଡର ଓ ଅନ୍ୟ କର୍ମଚାରୀମାନେ ଠିକ୍ ଭାବେ ଡ୍ୟୁଟି କରୁଛନ୍ତି କି ନାହିଁ, ତାହାର ତଦାରଖ ଦାୟିତ୍ୱରେ ଥିଲେ। ଅକ୍ଟୋବର ୨ ରାତି ୧୦ଟା ୩୦ ସମୟରେ ସବ୍ ଆସିଷ୍ଟାଣ୍ଟ ଜେଲର୍ ଶ୍ରୀ ନନ୍ଦ ଜେଲ୍ ଭିତରକୁ ଯାଇ ୧୧ଟା ୨୦ ସୁଦ୍ଧା ଜେଲ୍ ଗେଟକୁ ଫେରି ଆସିଥିଲେ ବୋଲି ଡିଆଇଜି ଶ୍ରୀମତୀ ଜେନା ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଥିଲେ। ରାତି ୧୧ଟା ୨୦ ପରଠାରୁ ଶ୍ରୀ ନନ୍ଦ ଆଉ ଜେଲ୍ ଭିତରକୁ ଯାଇ ନ ଥିଲେ। ଶ୍ରୀ ନନ୍ଦ ସଠିକ୍ ଭାବେ ତଦାରଖ କରିନଥିବାରୁ ୱାର୍ଡର ଓ ମୁଖ୍ୟ ୱାର୍ଡରଙ୍କ ଡ୍ୟୁଟି ଅବହେଳା ତୁରନ୍ତ ସାମ୍ନାକୁ ଆସି ନ ଥିଲା। ଫଳରେ ଚୌଦ୍ୱାର ଭଳି ସୁରକ୍ଷିତ ଜେଲରୁ ଦୁଇ ଅପରାଧୀ ଅନାୟାସରେ ଖସିଯିବାରେ ସଫଳ ହେଲେ। କାର୍ଯ୍ୟରେ ଅବହେଳା ପାଇଁ ୱାର୍ଡର ଓ ମୁଖ୍ୟ ୱାର୍ଡର ନିଲମ୍ବନ ହୋଇଥିଲେ ମଧ୍ୟ ସବ୍ ଆସିଷ୍ଟାଣ୍ଟ ଜେଲର ଶ୍ରୀ ନନ୍ଦଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେହିପରି ଦୀର୍ଘଦିନ ଧରି ଚୌଦ୍ୱାର ଜେଲରେ ନାଇଟ୍ ଡ୍ୟୁଟି ହେଉନଥିଲା ବୋଲି ଡିଆଇଜିଙ୍କ ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ତଦନ୍ତ ରିପୋର୍ଟରେ ୱାର୍ଡରଙ୍କ ଆରମ୍ଭ କରି ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳଙ୍କ ଦାୟିତ୍ୱ ଅବହେଳା ଜଳଜଳ ଦିଶୁଥିଲେ ମଧ୍ୟ ଏଯାଏଁ କେବଳ ୱାର୍ଡର, ମୁଖ୍ୟ ୱାର୍ଡର ଓ ଜେଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏପରି ସ୍ଥଳେ ବାକି ଅଧିକାରୀ ଦୋଷୀ ନା ତଦନ୍ତରେ କୌଣସି ତ୍ରୁଟି ରହିଛି, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଦେବସଭାରେ ଖୁଣ୍ଟିଲାଗି ଠାକୁରଙ୍କ ଶେଷ ଦର୍ଶନ ପାଇଁ ପ୍ରବଳ ଭିଡ଼

# ଅଧରପଣା ପରେ ମନ୍ଦିରକୁ ଫେରିଲେ ସୋମନାଥ ଦେବ

ଡେଲାଙ୍ଗ,୧୨।୩(ସମିସ)



ଗୁରୁବାର ଗୋଧୂଳି ଲଗ୍ନରେ ହରିହର ଭେଟ କରାଯାଇ ହରିରାଜପୁର ମେଳଣ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ଅରାଗଡ଼ର ଶ୍ରୀକୁନ୍ତେଶ୍ୱର ଦେବ, କୁସୁମାଟିର

**ଗୋଧୂଳି ଲଗ୍ନରେ ଅନୁଷ୍ଠିତ ହେଲା ହରିହର ଭେଟ**

ଶ୍ରୀଗଟେଶ୍ୱର ଦେବ, କନ୍ତିଆର ଶ୍ରୀବାଲୁଙ୍କେଶ୍ୱର ଦେବ, ଟାଙ୍ଗୀ ଭଁସରର ଶ୍ରୀନୀଳକଣ୍ଠେଶ୍ୱର ଦେବ ପ୍ରମୁଖ ହର ବିଗ୍ରହମାନଙ୍କ ସହିତ ହରିରାଜପୁର ବାଳମୁକୁନ୍ଦ ଦେବଙ୍କ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ହରିହର ଭେଟ ପରେ ଖୁଣ୍ଟିଲାଗି ହୋଇଥିବା ସମସ୍ତ ବିମାନ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଭେଟ ସମୟରେ ସମସ୍ତ ଦୋଳ ବିମାନଙ୍କୁ ଭକ୍ତମାନେ ଫଗୁ ଅର୍ପଣ କରିବା ସହିତ ଦୋଳ ବିମାନ ମଧ୍ୟରେ ଘେରିନାଚ କରାଯାଇ ମୁହାଁମୁହିଁ ହୋଇଥିଲେ। ଏହି ଘେରିନାଚ ପରେ ସୋମନାଥଙ୍କୁ ଅଧରପଣା ସମର୍ପଣ ସହିତ ଦୁଆରୀ ଭୋଗ ପରେ ଠାକୁର ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଏହି ଭେଟ ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ମେଳଣ କମିଟି ପକ୍ଷରୁ ସୂଚନା ମିଳିଛି। ଅନେକ ଶ୍ରଦ୍ଧାଳୁ ଏହି ଭେଟ ବେଳରେ ଫଗୁ ଅର୍ପଣ କରିବା ପାଇଁ ମାନସିକ କରିଥିବାବେଳେ ଅନେକ ଶ୍ରଦ୍ଧାଳୁ ମେଳଣ ଉପବାସ କରିଥିଲେ। ଫଗୁ ଅର୍ପଣ ଓ ପ୍ରଭୁଙ୍କ ପାଦୁକ ପାଇବା ପରେ ମାନସିକଧାରୀ ଉପବାସ ଭଙ୍ଗ କରିଥିଲେ।

**ହାଇଟେକ୍ ମେଡିକାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା**

ହରିରାଜପୁର ମେଳଣରେ ଭୁବନେଶ୍ୱର ହାଇଟେକ୍ ମେଡିକାଲ ଓ କଲେଜ ପକ୍ଷରୁ ୫ ଦିନିଆ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମେଳଣକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କୁ ହାଇଟେକ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିବା ବେଳେ ଜମାଣ ରାତ୍ରଠାରୁ ହରିହର ଭେଟ ପର୍ଯ୍ୟନ୍ତ ଭିଡ଼ରେ ଆହତ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଶ୍ରଦ୍ଧାଳୁଙ୍କ ଆଶୁ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତର ହୋଇଥିବା କିଛି ଲୋକଙ୍କୁ ହାଇଟେକ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଓ ୫ମ ଦିବସ ସୁଦ୍ଧା ୩ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

**ବିଭିନ୍ନ ସଂଗଠନ ପକ୍ଷରୁ ଜଳଦାନ ଓ ଅନ୍ନ ପ୍ରସାଦ ବିତରଣ**

ହରିରାଜପୁର ମେଳଣର ଅନ୍ତିମ ଦିବସରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଥିବାବେଳେ ସେବା ହିଁ ଜୀବନର ଲକ୍ଷ୍ୟ, ଗଡ଼ମୋଟରୀ ମଣ୍ଡଳ ସହିତ ଅନ୍ୟାନ୍ୟ ଯୁବ ସଂଗଠନଗୁଡ଼ିକ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଜଳଦାନ ସେବା ଶିବିର ଆୟୋଜନ କରାଯାଇଥିଲା। ସେହିପରି ଶ୍ରୀଜଗନ୍ନାଥ ପଞ୍ଚସଖା ସେବା ଓ ଉତ୍କଳ ବ୍ୟବସାୟୀ ସଂଘ ପକ୍ଷରୁ ଜଟଣୀ-ପିପିଲି ରାସ୍ତାର ହରିରାଜପୁର ଛକ ନିକଟରେ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା।

## ବିଭିନ୍ନ ସଂଗଠନ ପକ୍ଷରୁ କବିତା ଆସର ଓ ପୁସ୍ତକ ଉନ୍ମୋଚିତ



ନିମାଇଁ ସାହିତ୍ୟ ସଂସଦ ଓ ହରିରାଜପୁର ମେଳଣ କମିଟି ପକ୍ଷରୁ ଆଧ୍ୟାତ୍ମିକ କବିତା ପାଠୋତ୍ସବ ସୂଚନା କେନ୍ଦ୍ର ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ପ୍ରେମାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବୟିତ୍ରୀ ପ୍ରମିଳା ପଟ୍ଟନାୟକ, ଗୀତାରାଣୀ ରଞ୍ଜିତ୍, ନଳିନୀପ୍ରଭା ପଟ୍ଟନାୟକ, କବି ରବୀନ୍ଦ୍ର ଷଡ଼ଙ୍ଗୀ, ଦିଲ୍ଲୀପ କୁମାର ଧାଉଡ଼ିଆ ପ୍ରମୁଖଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତାପାଠ କରିବା ସହିତ ପୁସ୍ତକ 'ଧାରା ଶ୍ରାବଣୀ' ଓ ''ଝରା ସେଫାଳୀ' ଉନ୍ମୋଚନ କରିଥିଲେ। ସେହିପରି ପିତାପାଣିଆ ମଞ୍ଚରେ ପଶ୍ଚିମାଶମ୍ଭୁ ଯୁବ ସଂଗଠନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ କବି ଭିକାରୀ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ଆସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଲେଖକ ଡ. ଅରବିନ୍ଦ ରାୟ, ଅଜୟ ମହାପାତ୍ର, ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ, ସ୍ତମ୍ଭକାର ଅର୍ଜୁନ ଘଡ଼େଇ, ଯୁବ ସଂଗଠନର ସମ୍ପାଦକ ବାସୁଦେବ ସାହୁ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତାପାଠ କରିବା ସହିତ ମୁଖପାତ୍ର 'ପଞ୍ଚୁଦୋଳ ପ୍ରସଙ୍ଗ' ଲୋକାର୍ପଣ କରିଥିଲେ।

ସେହିପରି ମହୋତ୍ସବର ତୃତୀୟ ଦିବସରେ ସୃଷ୍ଟି ଓ ସ୍ରଷ୍ଟା ଆଧ୍ୟାତ୍ମିକ ସାହିତ୍ୟ ମହୋତ୍ସବ ଆୟୋଜନ କରିବା ସହ ପଞ୍ଚୁଦୋଳ ବିଶେଷାଙ୍କ ହରିହର ମିଳନ ଆଧ୍ୟାତ୍ମିକ ସାହିତ୍ୟ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଆୟୋଜିତ ଏହି ଆଧ୍ୟାତ୍ମିକ ମହୋତ୍ସବକୁ ମୁଖ୍ୟ ଅତିଥି ଶ୍ରୀଜଗନ୍ନାଥ ସଂସ୍କୃତି ବିଶାରଦ ପ୍ରବଚକ ଡ. ଚନ୍ଦ୍ରଶେଖର ଦାସ, ମୁଖ୍ୟବକ୍ତା ଡ. ଅମ୍ବରିଶ ଶତପଥୀ, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଗୀତିକାର ଲକ୍ଷ୍ମୀନାରାୟଣ ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ମହାରଥୀ, ସୁସାହିତ୍ୟିକ ମାନସ ରଞ୍ଜନ ପଟ୍ଟନାୟକ, ସୁସାହିତ୍ୟିକା ଗୀତାଞ୍ଜଳି ମହାପାତ୍ର, ଓଡ଼ିଆ ସାଂସ୍କୃତିକ ସଂଗଠନର ସଭାପତି ଦୀପକ ରଞ୍ଜନ ମହାରଥୀ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିଶ୍ୱ ରଞ୍ଜନ ମହାନ୍ତି ଅତିଥିମାନଙ୍କୁ ପଟ୍ଟଚିତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ଅଲେଖ ଚରଣ ରାଉତଙ୍କ ସଭାପତିତ୍ୱରେ ଏହି ଆଧ୍ୟାତ୍ମିକ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଥିଲା।

## ସାମ୍ବାଦିକଙ୍କ ମାତୃ ବିୟୋଗ

ଚାରିଛକ,୧୨।୩(ସମିସ): ଚାରିଛକ ନିକଟସ୍ଥ ରତନପୁର ପଞ୍ଚାୟତ ବନମାଳୀପୁର ଗ୍ରାମର ସାମ୍ବାଦିକ ଡ. କେଦାରନାଥ ସାହୁଙ୍କ ମାଆ ପାର୍ବତୀ ସାହୁ(୮୨)ଙ୍କର ଗୁରୁବାର ସକାଳୁ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ, ସମାଜସେବୀ, ପରୋପକାରୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୨ ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବିୟୋଗ ପରେ ସେ ତାଙ୍କର ଦୁଇଟି ଚକ୍ଷୁ ପୁରୀ ଚକ୍ଷୁ ବ୍ୟାଙ୍କକୁ ଦାନ କରି ସ୍ଥାନୀୟ ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ବିୟୋଗ ଖବର ପାଇ ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସାମ୍ବାଦିକ ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ କୁମାର ସାହୁ, ଚାରିଛକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ କାହ୍ନୁ ଚରଣ ବେହେରା, ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, କୃଷକନେତା ସନାତନ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଡ. କେଦାରନାଥ ମୁଖାଗ୍ନି ଦେଇଥିଲେ।



## ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

ଚାରିଛକ,୧୨।୩(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଅନ୍ତର୍ଗତ ସୁଧବାରିମୂଳ ଗ୍ରାମର ସାମ୍ବାଦିକ ଅଜୟ କୁମାର ମଲ୍ଲିକଙ୍କ ବାପା ପୂର୍ବତନ ନାଏବ ସରପଞ୍ଚ ଗୌରାଙ୍ଗ ଚରଣ ମଲ୍ଲିକ(୭୪)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବୁଧବାର ରାତି ୧୧ଟାରେ ଖାଇସାରି ଶୋଇବା ପାଇଁ ଯାଉଥିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଶାନ୍ତ, ସରଳ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ଶୁଣି ଚାରିଛକ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର କର, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ କାହ୍ନୁ ଚରଣ ବେହେରା, ଶିକ୍ଷକ ନେତା ତ୍ରିଲୋଚନ କର, ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ରଜନୀକାନ୍ତ ତ୍ରିପାଠୀ, ବନବିହାରୀ ଦାଶ, କୈଳାଶ ଚନ୍ଦ୍ର କର, ପ୍ରକାଶ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ସାମ୍ବାଦିକ ଅଜୟ ମୁଖାଗ୍ନି ଦେଇଥିଲେ।



## 'ନୂତନ ଶିକ୍ଷାନୀତି ଓ ଭାରତର ଉଚ୍ଚଶିକ୍ଷା' ଆଲୋଚନାଚକ୍ର



କଣାସ,୧୨।୩(ସମିସ): କଣାସ ବ୍ଲକ୍ ଦୟାବିହାରଠାରେ ପ୍ରତିଷ୍ଠିତ ଦୟାବିହାର ସ୍ୱାତକ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ସହଯୋଗରେ ''ନୂତନ ଶିକ୍ଷାନୀତି-୨୦୨୦ ଏବଂ ଭାରତର ଉଚ୍ଚଶିକ୍ଷା' ଶୀର୍ଷକ ଏକ ଆଲୋଚନା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷା ବିଭାଗର ପ୍ରାଧ୍ୟାପକ ଡ. ଗୌରାଙ୍ଗ ଚରଣ ନନ୍ଦ, ମୁଖ୍ୟବକ୍ତା ଡ. ପ୍ରଦୋଶ କୁମାର ପତି, ବଳଙ୍ଗା ଡିଗ୍ରୀ କଲେଜ, ଗାଦୀବ୍ରହ୍ମ ଡିଗ୍ରୀ କଲେଜର ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପକ ଡ. ଲକ୍ଷ୍ମୀଧର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ମନୁଷ୍ୟର ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ, ଆନନ୍ଦମୟ କୋଷ ଓ ଅନ୍ନମୟ କୋଷର ବିକାଶ ହେଲେ ପୂର୍ଣ୍ଣାଙ୍ଗ ଶିକ୍ଷା ହୋଇପାରିବ। ଶିକ୍ଷା ହାସଲ କରିଦେଲେ କେବଳ ହେବନି, ଜୀବନରେ ଆସୁଥିବା ସମସ୍ତ ସମସ୍ୟାକୁ ସମ୍ମୁଖୀନ ହେବାର ଦକ୍ଷତା ହିଁ ସାମଗ୍ରିକ ଶିକ୍ଷା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହିତ ଉପହାର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ସୁପ୍ରଭା ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ ପୂର୍ବକ ମଞ୍ଚ ପରିଚାଳନା କରିଥିଲେ। ବିଭାଗୀୟ ମୁଖ୍ୟ ମୈତ୍ରୀ ମିଶ୍ର ଆଲୋଚନାଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟତଃ ୧୫ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ। ଶିକ୍ଷା ବିଭାଗର ୧୦ ଜଣ ଛାତ୍ରଛାତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ଶ୍ରାବଣୀ ବାରିକ, ଯାଜ୍ଞସେନୀ ଜେନା, ରୂପଶ୍ରୀ ସାହୁ, ମୌସୁମୀ ମାର୍ଥା, ପ୍ରିୟାଂଶୁ ଜେନା ଆଦି ନିଜର ଆଲେଖ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଏକାଡେମିକ୍‌ର ମୁଖ୍ୟ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ନବମୀ ମହୋତ୍ସବ ପ୍ରସ୍ତୁତି ବୈଠକ

ନିମାପଡ଼ା,୧୨।୩(ସମିସ): ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପଠାରେ ସଂଯୋଜକ ଶ୍ରୀକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ବିଶ୍ୱ ହିନ୍ଦୁ ପରିଷଦର ଶ୍ରୀରାମ ନବମୀ ମହୋତ୍ସବ ସମିତି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ ତାରିଖରେ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳିତ ହେବ। ଜଇନାବାଦ ଶ୍ରୀରାମ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ପୂର୍ଣ୍ଣେଶ୍ୱରୀ ମନ୍ଦିରଠାରୁ ଦିନ ୪ଟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ କୀର୍ତ୍ତନ ମଣ୍ଡଳୀ ସହ ବଜାର ପରିକ୍ରମା କରି ମହାବୀରଙ୍କ ପ୍ରାଙ୍ଗଣରେ ପହଞ୍ଚିବେ। ଉକ୍ତ ଦିନ ନିମାପଡ଼ାବାସୀ ଗୃହ ସମ୍ମୁଖରେ କଳସ ସ୍ଥାପନ ଓ ଗୈରିକ ପତାକାକୁ ବିରାଜମାନ କରାଇବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି। ବୈଠକରେ ବିଶ୍ୱ ହିନ୍ଦୁ ପରିଷଦ ନିମାପଡ଼ା ପ୍ରଖଣ୍ଡ ଆର୍ଥିକ ଟୋଲୀ ମୁଖ୍ୟ ଆଇ. ତ୍ରିନାଥ ପାତ୍ର, ଜିଲ୍ଲା ସଭାପତି ରଘୁନାଥ ମହାପାତ୍ର, ରାଜ୍ୟ ନେତୃତ୍ୱ ଉମାଶଙ୍କର ଆଚାର୍ଯ୍ୟ, ଜିଲ୍ଲା ଉପସଭାପତି ଶରତ ସେନାପତି, ଦୁର୍ଗା ପ୍ରସାଦ ସାହୁ (ମିଟୁ), ପ୍ରଖଣ୍ଡ ସଭାପତି ସୀମନ୍ତ ରଥ, ଜିଲ୍ଲା ପ୍ରମୁଖ ରଞ୍ଜନ ନାୟକ, ମାର୍ଗଦର୍ଶକ ବାବାଜୀ ବୈକୁଣ୍ଠ ନାଥ ଦାଶ, ଅନନ୍ତ ରାମ ପଣ୍ଡା, ବଜରଙ୍ଗ ପ୍ରମୁଖ ରଞ୍ଜନ ପ୍ରଧାନ, ସହସମ୍ପାଦକ ଜ୍ୟୋତି ଛୋଟରାୟ, ଶ୍ୱେତପର୍ଣ୍ଣ ରାୟମହାପାତ୍ର, ବିଶ୍ୱଜିତ୍ ମିଶ୍ର, ଚନ୍ଦ୍ରକାନ୍ତ ବରାଳ, ନିଗମାନନ୍ଦ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ଯୋଗଦେଇଥିଲେ।

### ପୁଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ

## ରାଧାକୃଷ୍ଣଙ୍କ ମନ୍ଦିରରେ ବୁଲାଇଲେ କଳାକନା

ଅସ୍ତରଙ୍ଗ,୧୨।୩(ସମିସ): ଗତ କିଛିଦିନ ହେଲା ଲୁଟେରାଙ୍କ ଟାର୍ଗେଟରେ ମଠ ମନ୍ଦିର ରହିଥିବା କାରଣରୁ ସ୍ଥାନୀୟ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହୋଇଛି। କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ଅନେକ ଐତିହାସିକ ମନ୍ଦିରରୁ କିଛି ମାସ ହେବ ଲୁଟ୍ ହୋଇଥିବାବେଳେ ଗତ ବୁଧବାର ରାତିରେ ଅସ୍ତରଙ୍ଗ ବ୍ଲକ୍ ଖଣ୍ଡାସାହି ବାଲିସାହି ଗ୍ରାମର ରାଧାକୃଷ୍ଣଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ରବିବାର ସକାଳୁ ପୂଜାରୀ ମନ୍ଦିରକୁ ଆସି ଦେଖିଥିଲେ ମନ୍ଦିରର ମୁଖ୍ୟ ଦ୍ୱାର ତାଲା ପଡୁଥିବା କୁନ୍ଦା ଭଙ୍ଗାଯାଇଛି। ଆଉ ଦ୍ୱାର ଖୋଲାଯାଇ ଠାକୁରଙ୍କ ମୁଣ୍ଡରେ ଥିବା ଦୁଇଟି ରୁପା ମୁକୁଟ, ଦୁଇ ହଳ ରୁପା ପାଉଜି, ରୁପାର ହାର ୧, ସୁନାର ମଙ୍ଗଳ ସୂତ୍ର ୧, ସୁନା ନାକ ଫୁଲ ୧, ସୁନା ମୁଦି ୨, ସୁନା ଖଡୁ ୧, ରୁପା ଖଡୁ ୨, ରୁପା ଗିନା ୧, ଥାଳିଆ ୧, ପିତଳ ଘଣ୍ଟ ୨, ପିତଳ ଡାଲ ୨, ପିତଳ କୁଣ୍ଡ ୧, ହାତ ଘଣ୍ଟି, ଦ୍ୱୀପ, ଆଳତି ଦ୍ୱୀପ, ତସଲା ୨,



ଥାଳି ୨ଟି ସମେତ ଅନ୍ୟ ସବୁ ପୂଜା ସରଞ୍ଜାମ ଚୋରି ହୋଇଯାଇଥିବା ପୂଜକ ପୁରୁଷୋତ୍ତମ ପଣ୍ଡା ଦେଖି ଗ୍ରାମବାସୀଙ୍କୁ ଜଣାଇବା ସହିତ ସଭାପତି ଭାସ୍କର ରାଉତଙ୍କ ସହିତ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାରମ୍ବାର ମନ୍ଦିରରୁ ଚୋରି ହେଉଥିବାରୁ ସେମାନେ କିଏ ତାହା ଆଜି ପର୍ଯ୍ୟନ୍ତ ଅସ୍ପଷ୍ଟ ଥିବାବେଳେ ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ମନ୍ଦିର ଲୁଟେରାଙ୍କ ଉତ୍ପାତ ଏବେ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳରେ ନିଶା କାରବାର ବୃଦ୍ଧି ଘଟୁଥିବାବେଳେ ଏହା ପଛରେ ନିଶାଖିଆ ଲୁଟେରା ହୋଇଥାଇପାରନ୍ତି ବୋଲି ଲୋକ ଅଭିଯୋଗ କରିଛନ୍ତି। ଯାହା ଥାନାଧିକାରୀଙ୍କ ଆଗରେ ଏକ ଚ୍ୟାଲେଞ୍ଜ ଭାବରେ ରହିଛି। ଏ ସମ୍ବନ୍ଧରେ କାକଟପୁର ଥାନାଧିକାରୀ ବସନ୍ତ ସାହୁଙ୍କୁ ପଚାରିବାରୁ, ଏକ ମାମଲା ରୁଜୁ କରାଯାଇ ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି, ଖୁବ୍‌ଶୀଘ୍ର ଲୁଟେରାଙ୍କୁ ଧରାଯିବ ବୋଲି କହିଛନ୍ତି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ



ସାକ୍ଷୀଗୋପାଳ,୧୨।୩(ସମିସ): ପୁରୀ ଜିଲ୍ଲା ଶାଖା, ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ବୁଧବାର ସତ୍ୟବାଦୀ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ପାଳିତ ହୋଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ଶିବପ୍ରସାଦ ଦାଶ ଓ ଦେଶ ମିଶ୍ରଣର ପୂର୍ବସୂରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ଅନୁଷ୍ଠିତ ହୋଇଥିଲା। ବନ୍ଦେ ଉତ୍କଳ ଜନନୀ ବୃନ୍ଦଗାନ କରାଯାଇଥିଲା। ଭୀମସେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଲାଗାୟକ ବୈକୁଣ୍ଠ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶାଖା ଦେବୀ କାର୍ଯ୍ୟକ୍ରମ ସଂଯୋଜନା, ସ୍ୱାଗତ ଅଭିନନ୍ଦନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ଅଭିମନ୍ୟୁ ବରାଳ, ଡ. ହେମନ୍ତ ଛୋଟରାୟ, ପ୍ରଭାକର ଜେନା, ଦିଗମ୍ବର ରଥ, ବିଭୂତିଭୂଷଣ ହୋତା, ବିଜୟ ପରିଡ଼ା, ସମ୍ପୂର୍ଣ୍ଣାନନ୍ଦ ମିଶ୍ର, ସୁନନ୍ଦା ମହାନ୍ତି, କୃପାନିଧି ପ୍ରଧାନ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଭବାନୀପ୍ରସାଦ ଦାଶ, ବନ୍ଦନାରାଣୀ ମିଶ୍ର, ଚୌଧୁରୀ ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ଭାଷାର ଆଭିଜାତ୍ୟପୂର୍ଣ୍ଣ ଇତିହାସ ସମ୍ପର୍କିତ କବିତା-ପ୍ରବନ୍ଧ ପାଠ ଓ ଆଲୋଚନାଚକ୍ର କରିଥିଲେ। କବୟିତ୍ରୀ ଅନୁସୂୟା କାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

### ● ଅବକାରୀ ବିଭାଗର ବିଚିତ୍ର ନୀତି

## ଦୋଷୀଙ୍କୁ ଛାଡ଼; ନିର୍ଦ୍ଦୋଷୀଙ୍କୁ ଜରିମାନା !

ନୟାହାଟ,୧୨।୩(ସମିସ): ଅବକାରୀ ବିଭାଗର ଜ୍ଞାତସାରରେ ମଦ, ଗଞ୍ଜେଇ ଚୋରାରେ ଅବାଧ କାରବାର ଚାଲିଥିଲେ ମଧ୍ୟ ମାସିକିଆ ବଟି ନେଇ ନିର୍ଦ୍ଦିଷ୍ଟ କେତେକ ଲୋକଙ୍କୁ ଧରିବା ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମାଦକଦ୍ରବ୍ୟ ବିକୁଥିବା ଲୋକଙ୍କୁ ଧରି ତାଙ୍କ ଫଟୋ ଉଠାଇ ଟଙ୍କା ନେଇ ଛାଡ଼ିବା ଜହ୍ନିମାଳିଆ ଛକରେ ଚର୍ଚ୍ଚାର ବିଷୟ ପାଲଟିଛି। ଗୁରୁବାର ନୟାହାଟ ଫାଣ୍ଡି ଅନ୍ତର୍ଗତ ଜହ୍ନିମାଳିଆ ଛକରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ଯେଉଁ ବ୍ୟକ୍ତିଙ୍କୁ ଧରିଲେ ତାଙ୍କ ନିକଟରୁ କୌଣସି ମାଦକଦ୍ରବ୍ୟ ବାହାରି ନ ଥିଲା। ଜହ୍ନିମଳିଆ ଛକର ବରଗଛ ମୂଳେ ମୁଣ୍ଡରେ ଗାମୁଛା ପକାଇ ଭୟଭୀତ କରି ତାଙ୍କର ଫଟୋ ଉଠାଇ ତାଙ୍କଠାରୁ ୫ହଜାର ଟଙ୍କା ନେଇ ଛାଡ଼ିଥିଲେ। ଛକରେ ଗାଡ଼ି ମେକାନିକ୍ ଅନିଲ ବିଶ୍ୱାଳଙ୍କଠାରୁ ସାଦା କାଗଜରେ ଦସ୍ତଖତ ନେଇଥିଲେ। ଏ ସମ୍ପର୍କରେ ଅନିଲ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଥିଲେ ଯେ, ମୁଁ ଏ ସମ୍ପର୍କରେ କିଛି ଜାଣିନି କି ସେ ଲୋକ ନିକଟରୁ କୌଣସି ମାଦକଦ୍ରବ୍ୟ ବାହାରିନାହିଁ। ଯେଉଁ ଲୋକେ ମାଦକଦ୍ରବ୍ୟ ବିକ୍ରି କରୁଛନ୍ତି ସେମାନଙ୍କୁ ଧରୁନାହାନ୍ତି। ଅବକାରୀ ବିଭାଗ କର୍ମଚାରୀ ବାଲିଦଣ୍ଡା, ଭିଆଁପଡ଼ା, ପିଣ୍ଡଳ, ପାଞ୍ଚେଣା ସ୍କୁଲ ପାଖ, ବାଉଲାଙ୍ଗ, ପାଇକସାହି ଆଦି ସ୍ଥାନରେ ମାଦକ ଦ୍ରବ୍ୟ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଉ ନାହିଁ କାହିଁକି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ୫ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ନୟାହାଟ,୧୨।୩(ସମିସ): ପୁରୀ ଜିଲ୍ଲା ସିନିୟର୍ ସିଟିଜେନ୍ ଫୋରମ୍‌ର ସପ୍ତମ ବାର୍ଷିକ ଉତ୍ସବ ବୁଧବାର ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପ ବ୍ଲକ୍ ନୟାହାଟର ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ୫ଜଣ ସଦସ୍ୟଙ୍କୁ ଜିଲ୍ଲାର ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ ଦେବାଶିଷ ଦାସ ସମ୍ମାନିତ କରିଥିଲେ। ସେମାନେ ହେଲେ ମନୁ ବିଶ୍ୱାଳ, ହରିହର ସ୍ୱାଇଁ, ବେଣୁ ସ୍ୱାଇଁ, ନଟବର ସେଠୀ, କୃଷ୍ଣ ଚନ୍ଦ୍ର ଖଟୋଇ ସାମିଲ୍ ହୋଇଥିଲେ। ଏଥିରେ ପୁରୀ ଜିଲ୍ଲାର ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ କୃଷ୍ଣ ଚନ୍ଦ୍ର ବାରିକ, କରୁଣାକର ପାତ୍ର ପ୍ରମୁଖ ଉକ୍ତ ଉତ୍ସବରେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଦୀର୍ଘାୟୁ କାମନା କରିଥିଲେ।

## ପାରିକୁଦ ମହୋତ୍ସବ ପ୍ରସ୍ତୁତି ବୈଠକ

କୃଷ୍ଣପ୍ରସାଦ,୧୨।୩(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଅଲଣ୍ଡା ପଞ୍ଚାୟତ ବାଲିଗୋଠ ମେଳଣ ପଡ଼ିଆ ଅଲଣ୍ଡା ପାଟଣାଠାରେ ଆରମ୍ଭ ହୋଇଥିବା ପାରିକୁଦ ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୪୨ ମୌଜା ଅଧୀନରେ ହେଉଥିବା ଏହି ମହୋତ୍ସବର ପରିଚାଳକଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୪୨ ମୌଜା ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ କୁମାର ପଲେଇଙ୍କ ଉପସ୍ଥିତିରେ ସମସ୍ତ ଗ୍ରାମର ନେତୃମଣ୍ଡଳୀ ଯୋଗଦେଇଥିଲେ। ମହୋତ୍ସବକୁ କିଭଳି ଶୃଙ୍ଖଳିତ ଭାବେ ସମାପନ କରାଯିବ ଏ ନେଇ ଆଲୋଚନା କରାଯାଇଥିଲା। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କୃଷ୍ଣପ୍ରସାଦ ଥାନାର ସହଯୋଗ, ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିର, ଅଗ୍ନିଶମ ବିଭାଗ, ବ୍ୟବସାୟୀମାନଙ୍କ ପାଇଁ ସ୍ଥାନ ନିରୂପଣ କରାଯାଇଛି। ଯାନବାହନ ରଖିବା ନିମନ୍ତେ ଏକ ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଛି। ପ୍ରଥା ଅନୁଯାୟୀ ୧୯ ତାରିଖ ଦିନ ପ୍ରଥମେ ସ୍ଥାନାଧିପତି ହିସାବରେ ଅଲଣ୍ଡା ଦଧିବାମନ ଦେବ ପଡ଼ିଆ ମଧ୍ୟକୁ ଆଗମନ କରିବେ। ପରେ ବିଭିନ୍ନ ଗ୍ରାମର ୧୩ ଠାକୁରଙ୍କ ସହିତ ଦୁଇ ଅତିଥି ଠାକୁର ତିତିପ ପଣ୍ଡେଶ୍ୱର ଦେବ ଏବଂ ନବା ଜଗତେଶ୍ୱର ଦେବ ଆସି ମହୋତ୍ସବ ପଡ଼ିଆରେ ନିଜ ଆସ୍ଥାନରେ ବିରାଜମାନ କରିବେ।

### ଦୟା ନଦୀ ଖନନ କାହା ସ୍ୱାର୍ଥରେ

# ଜନତାଙ୍କ ହିତ ପାଇଁ ନା ଠିକାଦାରଙ୍କ ପୋଷଣ ?

କଣାସ,୧୨।୩(ସମିସ)



କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ଦୟା ନଦୀ କୁଆଖାଇ ନଦୀର ସରଦେଇପୁରଠାରୁ ବାହାରି ଧଉଳି ପାହାଡ଼ର ପାଦଦେଶ ଦେଇ ତିରିମଲ, ଘୋରଡ଼ିଆ, କଣାସ, ଗଡ଼ବାଳ ଭଦ୍ରପୁର, ଜଙ୍କିଆ, ବସନ୍ତପୁର, ଗଡ଼ିଶାଗୋଦା, ନୂଆଗାଁ ଦେଇ ଚିଲିକାରେ ମିଶିଛି। ତିରିମଲଠାରୁ ନୂଆ ଦୋକନ୍ଦା ପର୍ଯ୍ୟନ୍ତ ଦୀର୍ଘ ୧୫ କିଲୋମିଟର ଦୀର୍ଘ ଦିନ ହେଲା ଦୟା ନଦୀ ଶଯ୍ୟା ପୋତି ହୋଇ ନାଳରେ ପରିଣତ ହୋଇଯାଇଛି। ଯାହାଫଳରେ କି ବନ୍ୟା ସମୟରେ ଦୟା ନଦୀ ତାଣ୍ଡବ ଲୀଳା ସୃଷ୍ଟି କରୁଛି। ଦୟା ନଦୀ ଖନନ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି ଓ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପରେ ରାଜ୍ୟ ସରକାର ଦୟାନଦୀ ଖନନ ପାଇଁ ଅର୍ଥ ମଞ୍ଜୁର କରି ଠିକାଦାର ନିଯୁକ୍ତି କରିଛନ୍ତି। ଦୟା ନଦୀର ଶଯ୍ୟା ୪୦ ମିଟର ଚଉଡ଼ାରେ ଖନନ ପାଇଁ ନିର୍ଦ୍ଦେଶ ଥିବାବେଳେ ଠିକାଦାର ନଦୀକୂଳରେ ହିଟାଚି ରଖି ନଦୀ ଗର୍ଭରୁ ବାଲି ଓ ମାଟି ଟାଣି ଆଣି ନଦୀ କୂଳରେ ଜମା କରି ରଖୁଛନ୍ତି। ଯାହା ଫଳରେ କି ଅସରାଏ ବର୍ଷା ହେଲେ ଖୋଳାଯାଇଥିବା ମାଟି ପୁନଶ୍ଚ ନଦୀ ଭିତରକୁ ପଶିଯାଇ ପୋତି ହୋଇପଡ଼ିବ। ନଦୀ ଖନନ ଦାୟିତ୍ୱ ଡ୍ରେନେଜ୍ ବିଭାଗର ଦାୟିତ୍ୱରେ ଥିବାବେଳେ ନଦୀ ଖନନ ସମୟରେ କୌଣସି ଅଧିକାରୀ ନ ଥିବା ଦେଖିବାକୁ ମିଳୁଛି। ନଦୀ କୂଳରେ ଜମା ହୋଇ ରହୁଥିବା ଖୋଳାଯାଇଥିବା ମାଟିଗୁଡ଼ିକୁ ତୁରନ୍ତ ଉଠାଇ ନେବା ପାଇଁ ଜନସାଧାରଣରେ ଦାବି ହେଉଛି।

## ବିଶ୍ୱଶାନ୍ତି ମହାଯଜ୍ଞ

କଣାସ,୧୨।୩(ସମିସ): କଣାସ ବ୍ଲକ୍ ଅନ୍ତର୍ଗତ ଖୁଣ୍ଟିଆବାଣପୁର ଗ୍ରାମର ଆରାଧ୍ୟ ଦେବତା ବାବା ବିଶ୍ୱନାଥ ଦେବଙ୍କ ୪୨ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହେଉଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ୬ଦିନ ବ୍ୟାପୀ ଗୀତାଯଜ୍ଞ, ଗୀତାପଠନ, ଚଣ୍ଡୀପାଠ, ଯଜ୍ଞାହୁତି ପ୍ରଦାନ, ଶ୍ରୀରାମଚରିତ ମାନସ ଓ ସମୂହ ପାରାୟଣ ବିଧିପୂର୍ବକ ଦେଶର କଲ୍ୟାଣ ସାଧନ ନିମନ୍ତେ ଅନୁଷ୍ଠିତ ହେଉଛି। ଦୀର୍ଘ ୪୨ ବର୍ଷ ଧରି ଶାନ୍ତି ଶୃଙ୍ଖଳାର ସହ ଏହି ଆହୁତି କାର୍ଯ୍ୟ ଚାଲୁଛି। ଶହଶହ ଭକ୍ତ କଳସ ଯାତ୍ରାରେ ସାମିଲ୍ ହୋଇ ଗାଇଦେଶ ପୁଷ୍କରିଣୀରୁ ମାନସିକ ରଖି ଜଳ ଯାତ୍ରା କରିଥିଲେ।

ସେହିପରି କଣାସ ବ୍ଲକ୍ ଗୋପୀନାଥପୁର ଗ୍ରାମପଞ୍ଚାୟତର ଗୋପୀନାଥପୁରଠାରେ ମା' ଡୋମଣୀ ଠାକୁରାଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ୪ ଦିନ ଧରି ଅନୁଷ୍ଠିତ ହେଉଛି। ଦୟା ନଦୀରୁ କଳସ ଯାତ୍ରା କରାଯାଇ ବ୍ରତୀମାନେ ଯଜ୍ଞ ମଣ୍ଡପକୁ କଳସ ଆଣିଥିଲେ। ପ୍ରତିଦିନ ସୂର୍ଯ୍ୟ ପୂଜା, ଗୋ-ପୂଜା ଓ ବୈଦିକ ଆହୁତି, ଚଣ୍ଡୀପାଠ କରାଯାଉଛି।

୧୨/୩/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୩୭,୩୩୫/- ସୁନା:୦୧.୩୦୦ ଗ୍ରାମ୍ ରୁପା: ୧୭.୦୦୦ ଗ୍ରାମ୍





ବ୍ୟାବସାୟିକ ରନ୍ଧନ ଗ୍ୟାସ୍‌ର ଅଭାବ

# କାଠ ଚୁଲିକୁ ଆପଣାଇଲେଣି ହୋଟେଲ ମାଲିକ

**ପୁରୀ, ୧୨।୩ (ସମିସ):** ମଧ୍ୟପ୍ରାଚ୍ୟରେ ଲାଗିଥିବା ଯୁଦ୍ଧର ପ୍ରଭାବ ଏବେ ସବୁଠି ପଡ଼ିଲାଣି। ବିଶେଷକରି ତୈଳ ବଜାର ଏବଂ ଏଲ୍‌ପିଜି ସିଲିଣ୍ଡର କ୍ଷେତ୍ରରେ ଅଧିକ ପ୍ରଭାବ ଦେଖିବାକୁ ମିଳିଛି। ପର୍ଯ୍ୟଟନ ସହର ପୁରୀରେ ବ୍ୟାବସାୟିକ ରନ୍ଧନ ଗ୍ୟାସ୍ ଯୋଗାଣ ବନ୍ଦର ପ୍ରଭାବ ହୋଟେଲ ଶିଳ୍ପକୁ ପ୍ରଭାବିତ କଲାଣି। ରନ୍ଧନ ଗ୍ୟାସ୍ ଅଭାବରୁ ସହରର ଅନେକ ହୋଟେଲ ଏବଂ ରେସ୍ତୋରାଁରେ ରୋଷେଇ ଏକପ୍ରକାର ବନ୍ଦ ଅବସ୍ଥାକୁ ଚାଲି ଆସିଲାଣି। ଏଭଳି ସ୍ଥିତିରେ ପର୍ଯ୍ୟଟକମାନଙ୍କୁ କିଭଳି ଆତିଥେୟତା ପ୍ରଦାନ କରାଯିବ ତାହାକୁ ନେଇ ଭାଳେଣି ପଡ଼ିଲାଣି। ତେଣୁ କିଛି ହୋଟେଲ, ରେସ୍ତୋରାଁ ଏବେ ରନ୍ଧନ ଗ୍ୟାସ୍‌ର ବିକଳ୍ପ ଭାବେ ଚୁଲି ଖୋଲିଲେଣି। କାଠ ଚୁଲିରେ ରୋଷେଇ କରି ଗ୍ରାହକଙ୍କୁ ପରସିବା ଆରମ୍ଭ କଲେଣି। ଗୁରୁବାର ପର୍ଯ୍ୟଟକ ବହୁଳ ସିଟିରୋଡ୍ ଅଞ୍ଚଳରେ ଥିବା ଏକ ପ୍ରତିଷ୍ଠିତ ଫୁଡ୍‌କୋର୍ଟ 'ଭିବ୍ରାନ୍ସ'ରେ କାଠ ଚୁଲିରେ



ରୋଷେଇ ଆରମ୍ଭ ହୋଇଛି। କିନ୍ତୁ ଏଠାରେ ଯେଉଁ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପରସା ଯାଉଥିଲା ସେଥିରେ କାଣ୍ଟଛାଣ୍ଟ କରାଯାଉଛି। ପୂର୍ବରୁ ଏଠାରେ ଚାଇନିଜ୍, କଣ୍ଟିନେଣ୍ଟାଲ, ଦକ୍ଷିଣ ଭାରତୀୟ, ବେଙ୍ଗଲୀ ଆଦି ଖାଦ୍ୟ ପ୍ରସ୍ତୁତ କରାଯାଉଥିଲା। କିନ୍ତୁ ଏବେ କାଠ ଚୁଲିରେ ଏହା ସମ୍ଭବ ନ ଥିବାରୁ ଯଥାସମ୍ଭବ କମ୍ ପ୍ରକାର ଖାଦ୍ୟ ତିଆରି ହେଉଛି। ଗ୍ରାହକମାନଙ୍କୁ ରନ୍ଧନ ଗ୍ୟାସ୍‌ର ଅଭାବ ସମ୍ପର୍କରେ ସୂଚନା ଦିଆଯାଇ ସେମାନଙ୍କୁ ସୀମିତ ଖାଦ୍ୟ ପରଷା ଯାଉଛି। ରନ୍ଧନ ଗ୍ୟାସ୍ ମିଳୁ ନ ଥିବାରୁ ହୋଟେଲ ମାଲିକମାନେ ଅଧିକ ଚିନ୍ତାରେ ପଡ଼ିଛନ୍ତି। ପର୍ଯ୍ୟଟକମାନଙ୍କୁ କିପରି ଖାଦ୍ୟ ଯୋଗାଇ ଦିଆଯିବ ସେ ନେଇ ଚିନ୍ତାରେ ଥିବାବେଳେ ବୁକିଂ ମଧ୍ୟ ପ୍ରଭାବିତ ହୋଇଛି। ତେଣୁ ଏକାଧିକ ହୋଟେଲ ମାଲିକ କାଠ ଚୁଲିରେ ରୋଷେଇ କରିବା ଆରମ୍ଭ କରିଛନ୍ତି।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ପର୍ଯ୍ୟଟକ ଗୁରୁତର

**ପୁରୀ,୧୨।୩(ସମିସ):** ପୁରୀରେ ଅସୁରକ୍ଷିତ ପର୍ଯ୍ୟଟକ। ଅନେକ ସମୟରେ ପର୍ଯ୍ୟଟକମାନେ ଅସାମାଜିକ ବ୍ୟକ୍ତିଙ୍କ ଶିକାର ହେଉଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ବୁଧବାର ରାତିରେ ଦେଖିବାକୁ ମିଳିଛି। ସ୍ୱର୍ଗଦ୍ୱାରଠାରେ ଦୁର୍ବୃତ୍ତଙ୍କ ଲୁହା ପାଇପ୍ ମାଡ଼ରେ ଲହୁଲୁହାଣ ହୋଇଛନ୍ତି ପର୍ଯ୍ୟଟକ। ଚୈତନ୍ୟ ଛକରେ ଏଭଳି ଅଭାବନୀୟ ଘଟଣା ଘଟିଛି। ତେବେ ଆକ୍ରମଣରେ ଜଣେ ଯୁବକଙ୍କ ମୁଣ୍ଡ ଫାଟି ଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି। ଭିଡିଓରେ ଦେଖିବାକୁ ମିଳୁଛି କି ସମ୍ପୃକ୍ତ ଯୁବକଙ୍କ ମୁଣ୍ଡ ଫାଟି ରକ୍ତ ବାହାରୁଛି। ଏପରିକି ତାଙ୍କ ଦୁଇହାତ ରକ୍ତରେ ଭିଜିଯାଇଛି। ଆକ୍ରମଣର ଶିକାର ହୋଇଥିବା ବଙ୍ଗୀୟ ପର୍ଯ୍ୟଟକ ହେଉଛନ୍ତି ପଶ୍ଚିମବଙ୍ଗର ଆନନ୍ଦ ସାହୁ। ଆନନ୍ଦ ଏବଂ ତାଙ୍କ ସାଥିଙ୍କୁ କିଛି ଦୁର୍ବୃତ୍ତ ଆକ୍ରମଣ କରିଥିବା ସେ କହୁଛନ୍ତି। ତାଙ୍କର ଅନ୍ୟ ସାଙ୍ଗମାନଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରୁଥିବାବେଳେ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଆନନ୍ଦ ଆକୁଳ ନିବେଦନ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ତେବେ ଖବରପାଇ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲା। ଚିକିତ୍ସା ପାଇଁ ସେମାନଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।

ଏଲ୍‌ପିଜି ସିଲିଣ୍ଡର କଳାବଜାର ବିରୋଧରେ ଅଭିଯାନ

# ୫୮ ସିଲିଣ୍ଡର ଜବତ; ୬ ଅଟକ

**ପୁରୀ,୧୨।୩(ସମିସ):** ପୁରୀ ଜିଲ୍ଲାରେ ବେଆଇନ ଭାବେ ଏଲ୍‌ପିଜି ସିଲିଣ୍ଡର ମହଜୁଦ କରି କଳାବଜାର ମାଧ୍ୟମରେ




ବିକ୍ରୟ କରାଯାଉଥିବା ସମ୍ବନ୍ଧରେ ମିଳୁଥିବା ଗୋପନ ସୂଚନାକୁ ଆଧାର କରି ପୁରୀ ପୁଲିସ ଦ୍ୱାରା ସହରର ବିଭିନ୍ନ ଥାନା ଅଞ୍ଚଳରେ ବିଶେଷ ଅଭିଯାନ ଚାଲିଛି। ଏହି ଅଭିଯାନ ସମୟରେ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ମହଜୁଦ କରି କଳାବଜାର କରୁଥିବା କିଛି ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପୁରୀ ସହର ଅନ୍ତର୍ଗତ ବିଭିନ୍ନ ଥାନା ଅଞ୍ଚଳରୁ ୫୮ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଥିବା ବେଳେ ୬ ଜଣଙ୍କୁ ଅଟକ ରଖାଯାଇଛି। ସି-ବିଚ୍ ଥାନା ଅଞ୍ଚଳରୁ ୧୬ଟି ବଡ଼ ଏଲ୍‌ପିଜି ସିଲିଣ୍ଡର (କମର୍ସିଆଲ ଓ ଡୋମେଷ୍ଟିକ୍) ଏବଂ ୮ଟି ଛୋଟ ୫ ଲିଟରର ସିଲିଣ୍ଡର ଜବତ କରାଯାଇଛି। ବାସେଳିସାହି ଥାନା ଅଞ୍ଚଳରୁ ୫ଟି ବଡ଼ ଏଲ୍‌ପିଜି ସିଲିଣ୍ଡର ଏବଂ ୨ଟି ୫ ଲିଟର ଛୋଟ ସିଲିଣ୍ଡର ଜବତ କରାଯାଇଛି। ଟାଉନ ଥାନା ଅଞ୍ଚଳରୁ ୬ଟି ବଡ଼ ଏଲ୍‌ପିଜି ସିଲିଣ୍ଡର ଏବଂ ୧୫ଟି ୫ ଲିଟରର ଛୋଟ ସିଲିଣ୍ଡର ଜବତ କରାଯାଇଛି। କୁମ୍ଭାରପଡା ଥାନା ଅଞ୍ଚଳରୁ ୫ଟି ବଡ଼ ଏଲ୍‌ପିଜି ସିଲିଣ୍ଡର ଏବଂ ୧ଟି ୫ ଲିଟରର ଛୋଟ ସିଲିଣ୍ଡର ଜବତ କରାଯାଇଛି। ଏହି ଅଭିଯାନ ସମୟରେ ସହର ବିଭିନ୍ନ ଥାନା ଅଞ୍ଚଳରୁ ବେଆଇନ ଭାବେ ଏଲ୍‌ପିଜି ସିଲିଣ୍ଡର ମହଜୁଦ କରି କଳାବଜାର କରୁଥିବା ସନ୍ଦେହରେ ୬ ଜଣଙ୍କୁ ଅଟକ ରଖାଯାଇଛି ଏବଂ ସମ୍ପୃକ୍ତ ଘଟଣାରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ତଦନ୍ତ ଜାରି ରହିଛି। ଏପରି କାର୍ଯ୍ୟକଳାପ ବିରୋଧରେ ପୁରୀ ପୁଲିସ ଆଗାମୀ ଦିନରେ ମଧ୍ୟ କଡ଼ା ଅଭିଯାନ ଜାରି ରଖିବ।

ସାଧାରଣ ଲୋକଙ୍କୁ ମଧ୍ୟ ଅନୁରୋଧ କରାଯାଉଛି ଯେ, ଯଦି କୌଣସି ସ୍ଥାନରେ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର କଳାବଜାର କିମ୍ବା ଅନୁମତି ବିନା ମହଜୁଦ କରାଯାଉଥିବା ସମ୍ବନ୍ଧରେ ସୂଚନା ମିଳେ, ତେବେ ନିକଟସ୍ଥ ଥାନା କିମ୍ବା ୧୧୨ରେ ପୁରୀ ପୁଲିସକୁ ଅବଗତ କରାନ୍ତୁ। ପୁରୀ ପୁଲିସ ଏପରି ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେବ।

● ଏସ୍‌ସିଏସ୍ କଲେଜରେ ସୂଚନା ଅଧିକାର ଆଇନ କର୍ମଶାଳା

# ଆର୍‌ଟିଆଇ ପାଇଁ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିଛି

**ପୁରୀ,୧୨।୩(ସମିସ):** ସୂଚନା ଅଧିକାର ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାଦ୍ୱାରା ସାଧାରଣ ଲୋକ ଅନେକ ସୁଫଳ ପାଉଥିବାବେଳେ ଅଧିକାରୀ ବା କର୍ମଚାରୀମାନଙ୍କୁ କର୍ମତତ୍ପର କରାଇ ପାରିଛି ବୋଲି କହିଛନ୍ତି ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ। ଗୁରୁବାର ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏସ୍‌ସିଏସ୍ କଲେଜରେ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ଡ. ଦ୍ୱିବେଦୀ ୨୦୦୫ରେ ସୂଚନା ଅଧିକାର ଆଇନ ପ୍ରଣୟନ ହେବା ପରେ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିଛି। ସାଧାରଣ ଭାବେ ସମସ୍ତ କାର୍ଯ୍ୟାଳୟରେ କର୍ମ ପ୍ରବଣତା ବୃଦ୍ଧି ପାଇଛି। ପୂର୍ବାପେକ୍ଷା ଆଇନରେ ଆବଶ୍ୟକତା ଅନୁସାରେ ସଂଶୋଧନ ଏହାକୁ ଅଧିକ ଦକ୍ଷ କରିଛି ବୋଲି ସେ କହିବା ସହ ସମସ୍ତ ନାଗରିକ ଏହାର ଉପଯୋଗ କରି ସୁଫଳ ନେବାକୁ ପରାମର୍ଶ ଦେଇଥିଲେ।



ଅନ୍ୟମାନଙ୍କ ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜନ ସୂଚନା ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ, ସହକାରୀ ଜନ ସୂଚନା ଅଧିକାରୀ ଡ. ସ୍ନିଗ୍ଧା ସୁହାଗିନୀ ପ୍ରମୁଖ ଯୋଗଦେଇ ସୂଚନା ଅଧିକାରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅନୁପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କର୍ମଶାଳାକୁ ପରିଚାଳନା କରିବା ସହ ଏହି ଆଇନ ଭଲ କାମ କରୁଥିବା କର୍ମଚାରୀଙ୍କ ପାଇଁ ଯେତିକି ଆନନ୍ଦଦାୟକ ଅନିୟମିତତା ବା ଦୁର୍ନୀତି କରୁଥିବା କର୍ମଚାରୀମାନଙ୍କ ପାଇଁ ତତୋଧିକ ଭୟ ପ୍ରଦାନକାରୀ। ଯଦି ନିଜ କାମକୁ ନିୟମ ଅନୁସାରେ ଜଣେ ସଠିକ୍ ଭାବେ ନିର୍ବାହ କରୁଛନ୍ତି ତଥ୍ୟ ଠିକ୍ ଭାବେ ଦେଇପାରୁଛନ୍ତି ତେବେ ଏ ଆଇନ ଦ୍ୱାରା ତାଙ୍କର କିଛି କ୍ଷତି ହେବ ନାହିଁ। କିନ୍ତୁ ଅନିୟମିତତା ବା ତଥ୍ୟ ନ ଦେବା କ୍ଷେତ୍ର ପାଇଁ ଏହି ଆଇନରେ କାର୍ଯ୍ୟାନୁଷ୍ଠାନ ରହିଛି ବୋଲି ସେ ସୂଚନା ଦେବା ସହ ସଠିକ୍ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ମାଷ୍ଟର ଟ୍ରେନର ସଂଗ୍ରାମ କେଶରୀ ପୃଷ୍ଟି, ହରିହର ମହାନ୍ତି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଇଂରାଜୀ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

● ଅଭୟାରଣ୍ୟରେ ବେଆଇନ ନିର୍ମାଣ

# କ୍ଷେତ୍ର ପରିଦର୍ଶନ କଲେ ଜିଲ୍ଲାପାଳ ଓ ଅଭିଯୋଗକାରୀ

**ପୁରୀ,୧୨।୩(ସମିସ):** ପୁରୀ ବାଲୁଖଣ୍ଡ ଅଭୟାରଣ୍ୟ ଓ ଏହାର ଇକୋ ସେନ୍‌ସିଟିଭି ଅଞ୍ଚଳରେ ବେଆଇନ କୋଠା, ଫାର୍ମ ହାଉସ୍, ରାସ୍ତା, ହୋଟେଲ, ରେସ୍ତୋରାଁ ପ୍ରଭୃତି ନିର୍ମାଣ ହୋଇଛି। ପୁରୀ ସଦର ଓ ଗୋପ ତହସିଲ୍ ଅଞ୍ଚଳରେ ଏହି ବେଆଇନ କଂକ୍ରିଟ ନିର୍ମାଣ ଓ ଜଙ୍ଗଲ ନଷ୍ଟ ସମ୍ପର୍କରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସଭାପତି ସଞ୍ଜୀବ କୁମାର ମହାନ୍ତି ଏବଂ ସାମାଜିକ କର୍ମୀ ସନ୍ତୋଷ କୁମାର ମହାନ୍ତି। ଏ ସବୁକୁ ବେଆଇନ ଭାବେ ତିଆରି କରିଥିବା ବ୍ୟକ୍ତିବିଶେଷ ଏବଂ ଏକାଧିକ ଅନୁଷ୍ଠାନ ବିରୋଧରେ ଦୁହେଁ ଅଭିଯୋଗ ଫାଇଲ୍ କରିଥିଲେ। ଏନ୍‌ଜିଟିଙ୍କ ଖଣ୍ଡପୀଠ ବିଚାର କରି ଉତ୍ତର ରଖିବା ପାଇଁ ବେଆଇନ ନିର୍ମାଣକାରୀଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପୁରୀ ଜିଲ୍ଲାପାଳ, ଡିଏଫ୍‌ଓ, ପୁରୀ ସଦର ତହସିଲ୍‌ଦାର, ଗୋପ ତହସିଲ୍‌ଦାରଙ୍କ ସମେତ ୧୩ ଜଣ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ମୁତାବକ ଗୁରୁବାର କ୍ଷେତ୍ର ପରିଦର୍ଶନ କରିଥିଲେ ଜିଲ୍ଲାପାଳ ଏବଂ ଅଭିଯୋଗକାରୀ। ଜିଲ୍ଲାପାଳ ଦିବ୍ୟାଜ୍ୟୋତି ପରିଡ଼ା, ପୁରୀ ଡିଏଫ୍‌ଓଙ୍କ ସମେତ ଦୁଇ ଅଭିଯୋଗକରୀ ସଞ୍ଜୀବ କୁମାର ମହାନ୍ତି ଏବଂ ସାମାଜିକ କର୍ମୀ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଯୁଗ୍ମ ତଦନ୍ତରେ ସାମିଲ୍ ରହି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଅଭିଯୋଗକାରୀ ଶ୍ରୀ ମହାନ୍ତି ଜିଲ୍ଲାପାଳଙ୍କୁ ସ୍ୱାମୀ ନାରାୟଣ ମନ୍ଦିର, ନାରାୟଣୀ ମନ୍ଦିର ପାର୍ଶ୍ୱ,



ବେଲେଶ୍ୱର ରାସ୍ତା ପାର୍ଶ୍ୱ ଆଦି ଜାଗା ଦେଖାଇଥିଲେ। ସେଠାରେ କିଭଳି ବେଆଇନ ନିର୍ମାଣ ହେଉଛି କହିଥିଲେ। ବେଲେଶ୍ୱର ରାସ୍ତା ଓ ନାରାୟଣୀ ମନ୍ଦିର ପାର୍ଶ୍ୱରେ ଏଭଳି ନିର୍ମାଣ ଦେଖି ଜିଲ୍ଲାପାଳ ଆଶ୍ଚର୍ଯ୍ୟ ହେଇଥିଲେ। ଯେହେତୁ କିଛି ବ୍ୟକ୍ତିଗତ ଜାଗା ରହିଛି ସେହି ନିର୍ମାଣକୁ ବାଦ୍ ଦେଇ ବାକି ନିର୍ମାଣ ଉପରେ ଅନୁସନ୍ଧାନ କରିବା ପାଇଁ ଡିଏଫ୍‌ଓଙ୍କୁ କହିଥିଲେ। ଜଙ୍ଗଲ ଭିତରେ ପେଭର ବ୍ଲକ୍ ରାସ୍ତା ନିର୍ମାଣ ଦେଖି ବିରକ୍ତି ଭାବ ପ୍ରକାଶ କରିଥିଲେ ଜିଲ୍ଲାପାଳ। ଆଗାମୀ ନିର୍ଦ୍ଦେଶ ନ ଆସିବା ଯାଏ ଅଭୟାରଣ୍ୟରେ ହେଉଥିବା ବେଆଇନ ନିର୍ମାଣ ଉପରେ ତୁରନ୍ତ ରୋକ୍ ଲାଗିବ ବୋଲି କହିଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲ୍‌ଦାର, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ସଦସ୍ୟ, ଗୋପ ତହସିଲ୍‌ଦାର ପ୍ରମୁଖ ଉପସ୍ଥିତ ଥିଲେ।

■ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଯାପିତ

# 'ହିନ୍ଦୁଧର୍ମ ଏକ ପରିପୂର୍ଣ୍ଣ ଜୀବନ ଦର୍ଶନ'

**ପୁରୀ,୧୨।୩(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରସ୍ଥ ହିନ୍ଦୁ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ସଂଗୋଷ୍ଠୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। "ବିଶ୍ୱବନ୍ଧୁତ୍ୱ ସଂସ୍ଥାପନେ ହିନ୍ଦୁଧର୍ମସ୍ୟ ପ୍ରାସଙ୍ଗିକତା' ଶୀର୍ଷକ ଏହି ସଂଗୋଷ୍ଠୀରେ ଦେଶ ବିଦେଶର ବିଶିଷ୍ଟ ବିଦ୍ୱାନମାନେ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇ ମାନବିକତା ଓ ବିଶ୍ୱ ଶାନ୍ତି କ୍ଷେତ୍ରରେ ହିନ୍ଦୁଧର୍ମର ମୂଲ୍ୟବୋଧ ଉପରେ ଗଭୀର ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ କହିଥିଲେ ଯେ, "ହିନ୍ଦୁଧର୍ମ କେବଳ ଏକ ଉପାସନା ପଦ୍ଧତି ନୁହେଁ, ବରଂ ଏହା ଏକ ପରିପୂର୍ଣ୍ଣ ଜୀବନ ଦର୍ଶନ। ଆଧ୍ୟାତ୍ମିକତା ମାଧ୍ୟମରେ ହିଁ ବିଶ୍ୱଶାନ୍ତି ସମ୍ଭବ ଏବଂ ଶାସ୍ତ୍ରୀୟ ମୂଲ୍ୟବୋଧକୁ ଆପଣେଇଲେ ବିଶ୍ୱରୁ ହିଂସା ଓ ଦ୍ୱେଷ ଦୂର ହୋଇପାରିବ'। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡମ୍ବରୁଧର ପତି, ଆଲୋକ ବାବା ଏବଂ ବିଶିଷ୍ଟ ସମାଜସେବୀ ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିପରି ସାରସ୍ୱତ ଅତିଥି ଭାବେ ପ୍ରଫେସର ଜ୍ଞାନୀନ୍ଦ୍ର ମିଶ୍ର ଏବଂ ପ୍ରଫେସର ଖଗେଶ୍ୱର ମିଶ୍ର ଉଦ୍‌ବୋଧନ ଦେଇଥିଲେ।

ଦୁଇଦିନ ଧରି ଚାଲିଥିବା ଏହି ଅନ୍ତର୍ଜାତୀୟ ସଂଗୋଷ୍ଠୀର ବିଭିନ୍ନ ବୈଷୟିକ ଅଧିବେଶନରେ ଦେଶ ଓ ବିଦେଶରୁ ଯୋଗଦେଇଥିବା ପ୍ରତିନିଧିଙ୍କ ଦ୍ୱାରା ଶତାଧିକ ଗବେଷଣାତ୍ମକ ପ୍ରବନ୍ଧ ପାଠ କରାଯାଇଥିଲା, ଯାହା ଆଧୁନିକ ସମାଜରେ ହିନ୍ଦୁଧର୍ମର ଉପଯୋଗିତାକୁ ପ୍ରମାଣିତ କରିଥିଲା। ପରିସରର ନିର୍ଦ୍ଦେଶକ ତଥା ସଂଗୋଷ୍ଠୀର ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ନିଜ ଅଭିଭାଷଣରେ 'ବସୁଧୈବ କୁଟୁମ୍ବକମ୍'ର ଚିନ୍ତାଧାରା ଆଜିର ଯୁଗରେ ଅଧିକ ପ୍ରାସଙ୍ଗିକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ଜିତେନ୍ଦ୍ର ରାୟଗୁରୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଅମିତ୍ କୁମାର ଉପାଧ୍ୟାୟ ମାନପତ୍ର ପାଠ କରିଥିଲେ। ସିଦ୍ଧାର୍ଥ ଶଙ୍କର ଦାଶ ସଂଗୋଷ୍ଠୀର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମର ଆବାହକ ଥିଲେ ହିନ୍ଦୁ ଅଧ୍ୟୟନ କେନ୍ଦ୍ରର ଅଧ୍ୟାପକ ଡ. ସନ୍ଦୀପ ଚାଟାର୍ଜୀ। କାର୍ଯ୍ୟକ୍ରମକୁ ଡ. ସୁଶାନ୍ତ କୁମାର ରାୟ ସଂଯୋଜନା କରିଥିବାବେଳେ ଡ. ନନ୍ଦିଘୋଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସୂଚନା ଅଧିକାର ଆଇନ କର୍ମଶାଳା

# ଆର୍‌ଟିଆଇ ଦ୍ୱାରା ଅନିୟମିତତା ହ୍ରାସ ପାଉଛି

**ପୁରୀ,୧୨।୩(ସମିସ):** ସୂଚନା ଅଧିକାର ଆଇନ ଦ୍ୱାରା ଅନେକ ଦୁର୍ନୀତିକୁ ରୋକାଯିବା ସହ କାର୍ଯ୍ୟରେ ସ୍ୱଚ୍ଛତା ଆସିପାରିଛି ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା। ଗୁରୁବାର ପୂର୍ବାହ୍ଣରେ ସଦ୍‌ଭାବନା ସଭାଗୃହ ପରିସରରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ସାଧାରଣ ଲୋକମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଲକ୍ଷ୍ୟରେ ଆମେ ସମସ୍ତେ କାର୍ଯ୍ୟରତ। ତେବେ କିଛି ଅଧିକାରୀ ବା କର୍ମଚାରୀ ଯଦି କାର୍ଯ୍ୟରେ ଅବହେଳା କରନ୍ତି ବା କାର୍ଯ୍ୟ ସମ୍ପାଦନରେ ଅନିୟମିତତା କରନ୍ତି ତାହା ପାଇଁ ପ୍ରତିକାର ସ୍ୱରୂପ ଏହି ଆଇନ ହିଁ ଉପଯୁକ୍ତ ମାଧ୍ୟମ। ଏହି ଆଇନ ଦ୍ୱାରା ସାଧାରଣ ଲୋକଙ୍କୁ ଅନେକ ସୁଫଳ ମିଳୁଛି ଓ ଦୁର୍ନୀତି ବା ଅନିୟମିତତାକୁ କମାଯାଇପାରୁଛି ବୋଲି ସେ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ପାଇଁ ସମସ୍ତ ବିଭାଗ ଉତ୍ତରଦାୟୀ। କେହି ତଥ୍ୟ ମାଗିଲେ ଆଇନ ମୁତାବକ ତଥ୍ୟ ପାଇବା ଆବେଦନକାରୀଙ୍କର ଅଧିକାର ଓ ତଥ୍ୟ ପ୍ରଦାନ କରିବା ଆମର



ଦାୟିତ୍ୱ। ତେବେ ଠିକ୍ ଭାବରେ ସୂଚନା ଅଧିକାର ଆଇନକୁ ବୁଝି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ଓ ଅନନ୍ୟା ଗରାବଡୁ ଯୋଗଦେଇଥିଲେ। ପରେ ମାଷ୍ଟର ଟ୍ରେନର ସଂଗ୍ରାମ କେଶରୀ ପୃଷ୍ଟି ଓ ହରିହର ମହାନ୍ତି ପାୱାର ପଏଣ୍ଟ ମାଧ୍ୟମରେ ସମସ୍ତ ଫାଷ୍ଟ ଆପିଲେଟ୍ ଅଥରିଟି, ସୂଚନା ଅଧିକାରୀ ଓ ସହକାରୀ ସୂଚନା ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସୂଚନା ଅଧିକାର ସମ୍ପର୍କରେ ଅଧିକାରୀମାନଙ୍କର ବିଭିନ୍ନ ପ୍ରଶ୍ନ ବା ସଂଶୟକୁ ମାଷ୍ଟର ଟ୍ରେନର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସବୁ ବିଭାଗ ଓ ଲାଇନ୍ ଡିପାର୍ଟମେଣ୍ଟର ସୂଚନା ଅଧିକାରୀମାନେ ଯୋଗଦେଇ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ।

# ବୃଦ୍ଧାଶ୍ରମରେ ସ୍ୱେଚ୍ଛାସେବୀଙ୍କ ଏକାଦଶାହ ସମ୍ପନ୍ନ

**ପୁରୀ,୧୨।୩(ସମିସ):** ସ୍ଥାନୀୟ ପାରାଡାଇଜ ସିନିୟର ସିଟିଜେନ ହୋମ୍ ପରିସରରେ ଗୁରୁବାର ସ୍ୱେଚ୍ଛାସେବୀ ଚନ୍ଦନା ଖଣ୍ଡାୟତରାଏଙ୍କ ଏକାଦଶାହ ସମ୍ପନ୍ନ ହୋଇଛି। ଏହି ଅବସରରେ ସୁନ୍ଦରାକାଣ୍ଡ ଓ ଭାଗବତ ପାରାୟଣ ପରେ କୋଇଲାଅଡାସ୍ଥିତ ଆଖଣ୍ଡଳମଣି ମନ୍ଦିରରେ ବ୍ରାହ୍ମଣ ଭୋଜନ କରାଯାଇଥିଲା। ଏଥିରେ ପାରାଡାଇଜ



ବୃଦ୍ଧାଶ୍ରମର ଅନ୍ତେବାସୀ, ରେଡ୍‌କ୍ରସ ସୋସାଇଟିର ସ୍ୱେଚ୍ଛାସେବୀ, ସେଣ୍ଟଜନ୍ ଆମ୍ବୁଲାନ୍ସର କ୍ୟାଡେଟ୍, ଗାନ୍ଧୀପାର୍କ ସିନିୟର ସିଟିଜେନ କ୍ଲବ୍‌ର ସଭାପତି ନିରଞ୍ଜନ ପତି, ସମ୍ପାଦକ ଅଭିମନ୍ୟୁ ଗୁରୁ, ସୀତାରାମ ଅଗ୍ରୱାଲ ଓ ସଦସ୍ୟଙ୍କ ସହ ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର, ଉପଦେଷ୍ଟା ଶିବ ପ୍ରଧାନ, ରାଜେନ୍ଦ୍ର ମିଶ୍ର, ଆଖଣ୍ଡଳମଣି ଯୋଗଶିକ୍ଷା କେନ୍ଦ୍ରର ମୁଖ୍ୟ ପରିଚାଳକ ମନୋଜ କୁମାର ନାୟକ, ସବିତା ପ୍ରହରାଜ ଓ ପାରାଡାଇଜ ସିନିୟର ସିଟିଜେନ୍‌ର ସୁପରିଣ୍ଟେଣ୍ଡେଣ୍ଟ ପ୍ରଣତି ମହାରଣାଙ୍କ ଉପସ୍ଥିତିରେ ଅମର ଆତ୍ମାର ସଦ୍‌ଗତି କାମନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମିଶନ ଓଡ଼ିଶାର ଅଜୟ ପ୍ରଧାନ, ସବ୍ୟସାଚୀ ସେନାପତି, ଅଜୟ ଦାସ, ନିରଞ୍ଜନ ମହାପାତ୍ର, କେଦାରନାଥ ମହାପାତ୍ର, ବଦ୍ରି ମହାପାତ୍ର, ଦୁର୍ଗା ପ୍ରଧାନ, ଉମା ଦଳେଇ, ଶଙ୍କର ରେଡ୍ଡି, ସତ୍ୟ ପାତ୍ର, ମଧୁମିତା ମହାପାତ୍ର, ଗାୟତ୍ରୀ ଦାସ, ସଂଯୁକ୍ତା ଆପଟ, ଜଗନ୍ନାଥ ଷଡ଼ଙ୍ଗୀ, ବୁଦ୍ଧିଜୀବୀ ସୁଧାକର ଭୋଳ, ରାଜେଶ ମହାନ୍ତି, ଶୀତଲ ମିଶ୍ର, ବାବୁଲି ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ବ୍ରହ୍ମଗିରି ବିଦୁରବାଙ୍କର ସ୍ୱର୍ଗତା ଚନ୍ଦନା ଖଣ୍ଡାୟତରାଏଙ୍କ ବ୍ରେନ୍ ଇନ୍‌ଫେକ୍ସନ ଯୋଗୁଁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଗତ ୨ ତାରିଖରେ ଦେହାନ୍ତ ଘଟିଥିଲା। ପରିବାର ପକ୍ଷରୁ ସମସ୍ତ ସଂସ୍କାର କାର୍ଯ୍ୟ କରାଯାଇଥିବା ବେଳେ ତାଙ୍କର ଗୋଟିଏ ପୁତ୍ର ଓ କନ୍ୟା ସନ୍ତାନ ରହିଛନ୍ତି।

ପୁଲିସର ଅପରାଧ ସମୀକ୍ଷା ବୈଠକ

# ଠିକଣା ସମୟରେ ଚାର୍ଜସିଟ୍ ଦାଖଲ କରିବାକୁ ଗୁରୁତ୍ୱ

**ପୁରୀ,୧୨।୩(ସମିସ):** ପୁରୀ ପୁଲିସ ପକ୍ଷରୁ ବୁଧବାର ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ପ୍ରତୀକ୍ ସିଂ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ଥାନାର ଗତ ମାସର ଅପରାଧ ସ୍ଥିତି, ମାମଲାର ତଦନ୍ତ, ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ସମୀକ୍ଷା କରାଯାଇଥିଲା। ଏସ୍‌ପି ଶ୍ରୀ ସିଂ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକୁ କ୍ରିୟାଶୀଳ କରିବା, ଠିକ୍ ସମୟରେ ଚାର୍ଜସିଟ୍ ଦାଖଲ ଓ କୋର୍ଟରେ ମାମଲାକୁ ଦୃଢ଼ ଭାବେ ପ୍ରସ୍ତୁତ କରିବାକୁ ଗୁରୁତ୍ୱ ଦେବାକୁ କହିଥିଲେ। ସେହିପରି ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଓ ବିଶ୍ୱାସ ଗଢ଼ି ଉଠିବା ପାଇଁ ସମସ୍ତ ପୁଲିସ କର୍ମଚାରୀଙ୍କୁ ସମ୍ମାନପୂର୍ଣ୍ଣ ଓ ସହାନୁଭୂତିଶୀଳ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା।

ଆଧୁନିକ ପୁଲିସିଂ ପ୍ରଣାଳୀକୁ ଆହୁରି ସକ୍ରିୟ କରିବା ପାଇଁ ସିସିଟିଭି ମନିଟରିଂ,



ସାଇବର ଟୁଲ୍, ଡିଜିଟାଲ୍ ତଦନ୍ତ ପ୍ରଣାଳୀ ଓ ଡାଟା ବିଶ୍ଳେଷଣର ବ୍ୟବହାରକୁ ବଢ଼ାଇବାକୁ କୁହାଯାଇଥିଲା। ସନ୍ଦେହଜନକ ବ୍ୟକ୍ତି ଓ ଅପରାଧ ପ୍ରବଣ ଅଞ୍ଚଳରେ ନିୟମିତ ଚେକିଂ, ପାଟ୍ରୋଲିଂ ଓ ଇଣ୍ଟେଲିଜେନ୍ସ ସଂଗ୍ରହକୁ ଆହୁରି ଶକ୍ତିଶାଳୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁରୀ ଏକ ବିଶ୍ୱପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା, ଟ୍ରାଫିକ୍ ସୁପରିଚାଳନା ଓ ଆସନ୍ତା ବଡ଼ ପର୍ବପର୍ବାଣି ପାଇଁ ପୂର୍ବ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଶେଷରେ ଆରକ୍ଷୀ ଅଧୀକ୍ଷକ ସମସ୍ତ ଅଧିକାରୀଙ୍କୁ ଟିମ୍ ଭାବେ କାମ କରି ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ଆହୁରି ଶକ୍ତିଶାଳୀ କରିବା ସହିତ ସୁରକ୍ଷିତ ଓ ଅପରାଧମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଳ ମିଶ୍ର, ଦେବ ପ୍ରତାପ, ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ସମେତ ସମସ୍ତ ସବ୍ ଡିଭିଜନର ଅଧିକାରୀ, ସବୁ ଥାନା ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଯୁଦ୍ଧରେ ମହିଳାମାନେ ହିଁ ସବୁବେଳେ ଓ ସର୍ବପ୍ରଥମେ ପୀଡ଼ିତ ହୁଅନ୍ତି ।
-ହିଲାରି କ୍ଲିଣ୍ଟନ୍

ସକାଳ THE SAKALA

## ପ୍ରତିଶ୍ରୁତି ଓ ପ୍ରବଞ୍ଚନା

ନିର୍ବାଚନ ରାଜନୀତିରେ କ୍ଷମତାକୁ ଆକ୍ଷେପ କରି ଜନପ୍ରିୟତା ହାସଲ କରିବା ଏକ ରଣନୀତି ପଦକ୍ଷେପ ହୋଇପାରେ କିନ୍ତୁ ବାସ୍ତବତା ଯେ କେତେ ଭିନ୍ନ ତାହା ବୁଝିବାକୁ ନୂଆ କ୍ଷମତାକୁ ଆସିଥିବା ଦଳକୁ ବେଶୀ ସମୟ ଲାଗେନି । ସରକାର ବିଧାନସଭାରେ ଉପସ୍ଥାପନ କରୁଥିବା ତଥ୍ୟରୁ ନିଜ ବିଫଳତାକୁ ଘୋଡ଼ାଇ ରଖିବାରେ ଯେ ଅସମର୍ଥ ତାହା ସ୍ପଷ୍ଟ ହୋଇଛି । ଆମେ ଏଠାରେ କାହାକୁ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ସମାଲୋଚନା କରିବାକୁ ଚାହୁଁନା । ପ୍ରସଙ୍ଗ ଓ ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ମନେ ହୁଏ ଯେ ଦାଦନ ଓ ଧାନ ସଂଗ୍ରହ ଉଭୟ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି । ଅଥଚ ନିର୍ବାଚନ ପ୍ରଚାର ବେଳେ ଏହି ପ୍ରସଙ୍ଗ ହିଁ ଜନମତକୁ ବିଭ୍ରାନ୍ତ କରିଥିଲା ଓ ସେହି ବିଭ୍ରାନ୍ତରୁ ହିଁ ସଫଳତା ସାଉଁଟି ଥିଲା ଏହି କ୍ଷମତାସୀନ ଦଳ । ନିର୍ବାଚନ ପ୍ରତିଶ୍ରୁତିର ଲମ୍ବା ତାଲିକା ଏଠାରେ ଉପସ୍ଥାପନ କରିବା ଅନାବଶ୍ୟକ । ସେଥିମଧ୍ୟରୁ ଯେଉଁ କେତୋଟି ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେଇ ସରକାର ହାତକୁ ନେଇଛନ୍ତି ସେଥିରେ ମଧ୍ୟ ସଫଳତା ହାସଲ ନ କରିବା କ୍ଷୋଭର ବିଷୟ ।

ଦାଦନ ସମସ୍ୟାର ସମାଧାନ ପାଇଁ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହାନ୍ତି । ଅଥଚ ରାଜ୍ୟରୁ ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି । ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୫ରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ସଂଖ୍ୟା ୯୨,୧୭୬ । ୨୦୨୪ରେ ଏହି ସଂଖ୍ୟା ଥିଲା ୭୦, ୧୪୨ । ତୁଳନାତ୍ମକ ଭାବେ ବିଚାରକଲେ ଏହି ସଂଖ୍ୟା ପ୍ରାୟ ୨୨ ହଜାର ବୃଦ୍ଧି ପାଇଛି । ଉଚ୍ଚସ୍ତରୀୟ ଦାଦନ ନିରାକରଣ କମିଟି ଗଠନ କରି ଏହି ସ୍ରୋତକୁ ସରକାର ରୋକି ପାରିନାହାନ୍ତି । ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ବଲାଙ୍ଗିର ଜିଲ୍ଲାରୁ ସର୍ବାଧିକ ୬୫ ହଜାର ୩୪୯ ଜଣ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଛନ୍ତି । ଏହା ରାଜ୍ୟର ମୋଟ ଦାଦନ ଶ୍ରମିକଙ୍କ ସଖ୍ୟାର ୭୧ ପ୍ରତିଶତ । ଖୋଦ ଉପମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ତୃଣମୂଳ ସ୍ତରର ଦିନ ମଜୁରିଆଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଠିକଣା ଭାବେ ଆକଳନ କରିପାରିନାହାନ୍ତି । ଆମେ ଅନ୍ତତଃ ଆଶା କରିବା ଯେ, ସେ ସମାଧାନର ଅସଲ ଚିତ୍ର ଓ ଚରିତ୍ରକୁ ଠିକଣା ଭାବେ ବୁଝିଥିବେ । ସମସସ୍ୟା ସମାଧାନର ଭିତ୍ତିଭୂମିକୁ ସୁଧାରିବା ପ୍ରକ୍ରିୟା ବଲାଙ୍ଗୀର ଜିଲ୍ଲାରୁ ହିଁ ଆରମ୍ଭ ହୋଇଯିବା କଥା । କାରଣ କେବି କେବଳ ଉପମୁଖ୍ୟମନ୍ତ୍ରୀ ନୁହନ୍ତି ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ମଧ୍ୟ । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଚାଲାଣ କରୁଥିବା ଠିକାଦାରଙ୍କ ସଂଖ୍ୟା ମଧ୍ୟ ୧୦୩୭ ରୁ ୧୪୬୫କୁ ବୃଦ୍ଧି ପାଇଛି । ଅବଶ୍ୟ ଏମାନେ ସମସ୍ତେ ରାଜ୍ୟ ସରକାରଙ୍କ ଲାଇସେନ୍ସ ପ୍ରାପ୍ତ ଠିକାଦାର । ଦାଦନ ଶ୍ରମିକ ସଂଖ୍ୟା ନିୟନ୍ତ୍ରଣ କରିବା ସକାଶେ ସରକାର ତତ୍ପରତା ପ୍ରକାଶ କରୁଥିବା ବେଳେ ଅଧିକରୁ ଅଧିକ ସଂଖ୍ୟାରେ ଶ୍ରମିକ ଠିକାଦାରଙ୍କୁ ଲାଇସେନ୍ସ କିଭଳି ପ୍ରଦାନ କରୁଛନ୍ତି ତାହା ସତରେ ଅଚିନ୍ତନୀୟ । ଏଥିରୁ ମନେ ହେଉଛି ସରକାରୀ ବ୍ୟବସ୍ଥା ଓ ଘୋଷଣା ଗୋଟେ ଆଡ଼େ ତ ଅସଲ କାର୍ଯ୍ୟ ପୂର୍ବଭଳି ଅପରିବର୍ତ୍ତିତ ରହିଛି ।

ରାଜ୍ୟରେ ଧାନ ସଂଗ୍ରହକୁ କେନ୍ଦ୍ରକରି କରି ଚଳିତ ଖରିଫ ଋତୁରେ ସବୁଠାରୁ ଅଧିକ ବିଭ୍ରାଟ ଘଟିଛି । କ୍ୱିଣ୍ଟାଲ ପିଛା ୮ ଶହ ଟଙ୍କା ବୋନସ ଘୋଷଣା ଧାନ ଚାଷୀଙ୍କୁ ଉତ୍ପାଦନ ବୃଦ୍ଧି ସକାଶେ ପ୍ରୋତ୍ସାହିତ କରିଛି । ଦିନକୁ ଦିନ ଚାଷ ବ୍ୟୟବହୁଳ ହେଉଥିବାରୁ ଚାଷୀ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ବାଦ୍ ବୋନସ୍ ଆକାରରେ ଅତିରିକ୍ତ ସହାୟତା ରାଶି ଦାବି କରିବା ସ୍ୱାଭାବିକ । ଚାଷୀଙ୍କ ଏହି ମାନସିକତାକୁ ଠିକ୍ ଭାବେ ବୁଝିଥିବା ବିଜେପି ନିର୍ବାଚନ ପ୍ରଚାର ବେଳେ ୮ ଶହ ଟଙ୍କା ବୋନସ ପ୍ରତିଶ୍ରୁତି ଦେଇ ମନ କିଣିଥିଲା । ଏହି ମନ ପାଇଁ ଯେ ଧନ ଦରକାର ତାହା କ୍ଷମତାକୁ ଆସିବାପରେ ଅନୁଭବ କରିଥିଲା ଦଳ । କ୍ଷମତାକୁ ଆସିବା ପରେ ପରେ ବୋନସ ରାଶି ଦେଇ ରାଜ୍ୟବାସୀଙ୍କ ପ୍ରଶଂସା ସାଉଁଟି ଥିଲା ଦଳ । ହେଲେ ଏବର୍ଷର ଅତିରିକ୍ତ ଧାନ ଅମଳ ଚିନ୍ତାରେ ପକାଇଛି ସରକାରଙ୍କୁ । ଏମ୍ଏସ୍‌ପି କ୍ୱିଣ୍ଟାଲ ପିଛା ୬୯ ଟଙ୍କା ବଢ଼ିଥିବାରୁ ତାହାକୁ ୮ ଶହ ବୋନସ୍ ରାଶିରୁ ବାଦଦେଇ ସରକାର କ୍ୱିଣ୍ଟାଲ ପିଛା ଧାନ ସଂଗ୍ରହ ମୂଲ୍ୟ ୩୧୦୦ ଟଙ୍କା ସ୍ଥିର କଲେ । ଏବେ ମନ୍ତ୍ରୀ କହୁଛନ୍ତି ଯେ ସରକାର ୮ ଶହ ଟଙ୍କା ବୋନସ୍ ଦେବେ ବୋଲି କହିନଥିଲେ । କ୍ୱିଣ୍ଟାଲ ପିଛା ଧାନ ସଂଗ୍ରହ ମୂଲ୍ୟ ୩୧୦୦ ଟଙ୍କା ୫ ବର୍ଷ ଧରି ବଳବତ୍ତର ରହିବ । ଏଥିରୁ ସ୍ପଷ୍ଟ ଯେ ଏହି ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଧାନର ଏମ୍ଏସ୍‌ପି ବଢ଼ାଇଲେ ମଧ୍ୟ ଧାନ ସଂଗ୍ରହ ମୂଲ୍ୟ ଅପରିବର୍ତ୍ତିତ ରହିବ । କିନ୍ତୁ ସରକାରଙ୍କୁ ମନେ ରଖିବାକୁ ହେବ ଯେ ଧାନ କ୍ୱିଣ୍ଟାଲରେ ୮ ଶହ ଟଙ୍କା ବୋନସ୍ ପ୍ରଦାନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ । ସରକାରଙ୍କୁ ଅଧିକ ଧାନ ସଂଗ୍ରହ କରିବାକୁ ପଡୁଥିବାରୁ ଏହି ବୋନସ୍ ରାଶି ଯେ ଆର୍ଥିକ ବୋଝରେ ପରିଣତ ହୋଇଛି ତାହା ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି । ଚାଷୀଙ୍କୁ ଟୋକନ ପ୍ରଦାନରେ ନୂଆ କଟକଣା ଓ ଶୃଙ୍ଖଳା ପ୍ରୟୋଗ ସାଙ୍ଗକୁ ମିଲରଙ୍କ ମାଧ୍ୟମରେ ମଣ୍ଡିରୁ ଧାନ ଉଠାଣ ନେଇ ଗୋଟିକ ପରେ ଗୋଟିଏ ସମସ୍ୟା ସାମ୍ନାକୁ ଆସିବାରୁ ସରକାରଙ୍କ ଉଦ୍ଦେଶ୍ୟ ବାରି ହୋଇପଡ଼ିଛି ।

ଧାନ ସଂଗ୍ରହ ଓ ବୋନସ୍ ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦୋହରା ନୀତି ବିଧାନସଭା ଆଲୋଚନାରୁ ସ୍ପଷ୍ଟ ହୋଇଛି । ଏମ୍ଏସ୍‌ପି ଅତିରିକ୍ତ ବୋନସ୍ ପ୍ରଦାନ ପ୍ରସଙ୍ଗରେ କେରଳ ସରକାରଙ୍କୁ କେନ୍ଦ୍ରରୁ ମିଳିଥିବା ପତ୍ରର ମର୍ମ ଓ ଉଦ୍ଦେଶ୍ୟ ସଂପର୍କରେ ଆମେ ଏହି ସ୍ତମ୍ଭରେ ଆଗରୁ ଉଲ୍ଲେଖ କରିଥିଲୁ । ଯାହାକି ବିରୋଧୀଙ୍କୁ ଚର୍ଚ୍ଚାର ଖୋରାକ ଯୋଗାଇଥିଲା । ପୂର୍ବ ସରକାରଙ୍କୁ କ୍ୱିଣ୍ଟାଲ ପିଛା ଧାନରେ ଶହେ ଟଙ୍କା ବୋନସ୍ ପ୍ରଦାନ ପ୍ରସ୍ତାବକୁ କେନ୍ଦ୍ର ସରକାର ରୋକଠୋକ୍ ମନା କରିଥିଲେ । ଏପରିକି ରାଜ୍ୟରୁ ଭାରତ ଖାଦ୍ୟ ନିଗମ ଚାଉଳ ଉଠାଇବ ନାହିଁ ବୋଲି ମଧ୍ୟ ଧମକ ମିଳିଥିଲା । ଅଥଚ ଛତିଶଗଡ଼ ଓ ଓଡ଼ିଶାର ବିଜେପି ସରକାରଙ୍କ କ୍ଷେତ୍ରରେ ସେଭଳି କଟକଣା ନାହିଁ । ଏହି ଧାନ ସଂଗ୍ରହ ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀ ଦଳ ଛତିଶଗଡ ସରକାରଙ୍କ କଥା ଉଲ୍ଲେଖ କରି ପରସ୍ପରକୁ ଦୋଷାରୋପ କରିଥିଲେ । ଏସବୁ ସତ୍ତ୍ୱେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଛତିଶଗଡ଼ ସରକାର ଧାର୍ଯ୍ୟ ତୁଳନାରେ ଅତିରିକ୍ତ ଧାନ ସଂଗ୍ରହ କରିବାକୁ ସମର୍ଥ ହୋଇଥିବା ବେଳେ ଆମ ସରକାରଙ୍କ ଅସାମର୍ଥ୍ୟ ପଦାରେ ପଡ଼ିଯାଇଛି ।

ବିନା ପ୍ରତିଶ୍ରୁତିରେ କଣ ନିର୍ବାଚନ ପ୍ରଚାର ସମ୍ଭବପର? ନାଁ ବରଂ ବିରୋଧୀ ଓ ଶାସକଙ୍କ ମଧ୍ୟରେ ପ୍ରତିଶ୍ରୁତି ଓ ପତିଆରା ପ୍ରଦର୍ଶନରେ ପ୍ରତିଯୋଗିତା ପରିଲକ୍ଷିତ ହୋଇଥାଏ । ହେଲେ ସବୁ ପ୍ରତିଶ୍ରୁତି ଯେ ପୂରଣ ହେବା ସମ୍ଭବପର ଏକଥା ନୁହେଁ । ସେହି ପ୍ରତିଶ୍ରୁତି ମଧ୍ୟରୁ ପ୍ରମୁଖତା ଲାଭ କରିଥିବା କେବେଳ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ କ୍ଷମତାସୀନ ସରକାରଙ୍କୁ କାର୍ଯ୍ୟକରିବାକୁ ପଡ଼ିବ । ଏକ୍ଷେତ୍ରରେ ଅତିରିକ୍ତ ଅର୍ଥର ଆବଶ୍ୟକତା ଥାଇପାରେ । ଖଣି ଲିଜ୍ ଉପରୁ ଅତିରିକ୍ତ ସେସ୍ ଆଦାୟର ଯେଉଁ ସୁଯୋଗ ଅଛି ତାହାକୁ ରାଜ୍ୟସରକାର କାର୍ଯ୍ୟକାରୀ କରିପାରିଲେ ନିର୍ବାଚନ ବେଳେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ ହୋଇପାରିବ । ଏଠାରେ ମନେ ରଖିବାକୁ ହେବ ଯେ ୨୦୦୪ ରେ ଓଡ଼ିଶା ସରକାରଙ୍କ ଏହି ପ୍ରସ୍ତାବ ସୁପ୍ରିମକୋର୍ଟ ଅନୁମୋଦନ ଲାଭ କରିଛି । ତେଣୁ ଆମକୁ କହିବାକୁ ପଡୁଛି ଯେ ପ୍ରତିଶ୍ରୁତି ଓ ପ୍ରବଞ୍ଚନା ମଧ୍ୟରେ ଯେଉଁ ବିରାଟ ପାର୍ଥକ୍ୟ ରହିଛି ତାହା ଏହି ଅତିରିକ୍ତ ରାଜସ୍ୱ ହିଁ ପୂରଣ କରିପାରିବ ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଇଚ୍ଛାମୃତ୍ୟୁ ବିତର୍କ

## ସମ୍ମାନଜନକ ବିଦାୟ: ଆଇନର ପରିସରରେ ମାନବିକତା

ଅଖିଳ ତରାଇ

ଜୀବନ ଏକ ଅମୂଲ୍ୟ ଉପହାର; କିନ୍ତୁ ସବୁବେଳେ ଏହା ଉପଭୋଗ୍ୟ ହୋଇ ରହେ ନାହିଁ । ଯେତେବେଳେ ଜୀବନ କେବଳ ଯନ୍ତ୍ରଣାର ପର୍ଯ୍ୟାୟବାଚୀ ହୋଇଯାଏ ଏବଂ ମଣିଷ ନିଜ ଅଜାଣତରେ କେବଳ ଏକ ମେସିନ୍ ସାହାଯ୍ୟରେ ନିଃଶ୍ୱାସ ନିଏ, ସେତେବେଳେ "ଜୀବନ ଅଧିକାର" ର ସଂଜ୍ଞା ନେଇ ପ୍ରଶ୍ନ ଉଠେ । ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ୩୨ ବର୍ଷୀୟ ହରିଶ ରାଣାଙ୍କ ମାମଲାରେ ଯେଉଁ ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି, ତାହା ଦେଶର ନ୍ୟାୟିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ୧୩ ବର୍ଷ ଧରି "ସ୍ଥାୟୀ ନିଷ୍କ୍ରିୟ ଅବସ୍ଥା" ବା ପରସିଷ୍ଟେଣ୍ଟ ଭେଜିଟେଟିଭ୍ ଷ୍ଟେଟ୍‌ରେ ପଡ଼ି ରହିଥିବା ଜଣେ ଯୁବକଙ୍କୁ ଶେଷରେ "ସମ୍ମାନଜନକ ମୃତ୍ୟୁ" ର ଅଧିକାର ମିଳିଛି । ଏହି ନିଷ୍ପତ୍ତି କେବଳ ଏକ ଆଇନଗତ ଆଦେଶ ନୁହେଁ; ବରଂ ଏହା ମାନବୀୟ ସମ୍ବେଦନା, ବିଜ୍ଞାନ ଏବଂ ବାସ୍ତବବାଦର ଏକ ଅପୂର୍ବ ସମନ୍ୱୟ ।

ଭାରତରେ ଇଚ୍ଛାମୃତ୍ୟୁ ବା 'ଇଉଥାନାସିଆ' କୁ ନେଇ ବିତର୍କ ଦୀର୍ଘ ଦିନର । ୨୦୧୮ ମସିହାରେ 'କମନ୍ କଜ୍ ବନାମ ଭାରତ ସରକାର' ମାମଲାରେ ସୁପ୍ରିମକୋର୍ଟଙ୍କ ଏକ ସାମ୍ବିଧାନିକ ଖଣ୍ଡପୀଠ ପରୋକ୍ଷ ଇଚ୍ଛାମୃତ୍ୟୁ ବା 'ପାସିଭ୍ ଇଉଥାନାସିଆ' କୁ ସ୍ୱୀକୃତି ଦେଇଥିଲେ । ସେହି ନିଷ୍ପତ୍ତିରେ ସ୍ପଷ୍ଟ କରାଯାଇଥିଲା ଯେ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କର "ସମ୍ମାନର ସହ ବଞ୍ଚିବାର ଅଧିକାର" ରହିଛି ଏବଂ ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତିଙ୍କୁ ସମ୍ମାନର ସହ ମରିବାର ଅଧିକାର ମଧ୍ୟ ମିଳିବା ଉଚିତ । ହରିଶ ରାଣାଙ୍କ ମାମଲା ହେଉଛି ପ୍ରଥମ ଉଦାହରଣ, ଯେଉଁଠାରେ ସୁପ୍ରିମକୋର୍ଟ ସେହି ଗାଇଡ୍‌ଲାଇନ୍‌କୁ ସାମ୍ନାକୁ ଆଣି ଜଣେ ରୋଗୀଙ୍କ ଜୀବନ ରକ୍ଷାକାରୀ ବ୍ୟବସ୍ଥା ହଟାଇବାକୁ ଅନୁମତି ଦେଇଛନ୍ତି ।

୨୦୧୩ ମସିହାରେ ଏକ ବଡ଼ କୋଠାରୁ ଖସିପଡ଼ିବା ପରେ ହରିଶଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ସେ ୧୦୦ ପ୍ରତିଶତ ପକ୍ଷାଘାତର ଶିକାର ହୋଇଥିଲେ । ଗତ ୧୩ ବର୍ଷ ଧରି ସେ ନା କିଛି କହି ପାରୁଥିଲେ ନା କିଛି ବୁଝି ପାରୁଥିଲେ । କେବଳ ଏକ ଟ୍ୟୁବ୍ ସାହାଯ୍ୟରେ ତାଙ୍କୁ ଖାଦ୍ୟ ଦିଆଯାଉଥିଲା ଏବଂ ଅନ୍ୟ ଏକ ଟ୍ୟୁବ୍ ସାହାଯ୍ୟରେ ସେ ନିଃଶ୍ୱାସ ନେଉଥିଲେ । ଶରୀରରେ ଶଯ୍ୟାକ୍ଷତ ବା ବେଡ୍‌ସୋର୍ସ ଏତେ ଭୟଙ୍କର ଥିଲା ଯେ ଫଟୋ ଦେଖିଲେ ମଧ୍ୟ ହୃଦୟ ଥରି ଉଠିବ । ଏଭଳି ସ୍ଥିତିରେ ଚିକିତ୍ସା ବିଜ୍ଞାନ କେବଳ ତାଙ୍କର ଜୈବିକ ଅସ୍ତିତ୍ୱକୁ ଧରି ରଖିଥିଲା; କିନ୍ତୁ ଜୀବନର କୌଣସି ଗୁଣାତ୍ମକ ମାନ ସେଠାରେ ନ ଥିଲା ।

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ମାମଲାରେ ଯେଉଁ ସମ୍ବେଦନା ଦେଖାଇଲେ ତାହା ପ୍ରଶଂସନୀୟ । ମେଡିକାଲ ବୋର୍ଡର ରିପୋର୍ଟ ଅନୁଯାୟୀ ହରିଶଙ୍କ ସୁଧାର ଆସିବାର ସମ୍ଭାବନା ଶୂନ୍ ଥିଲା । କୋର୍ଟ ଅନୁଭବ କଲେ ଯେ କୃତ୍ରିମ ଉପାୟରେ ତାଙ୍କୁ ବଞ୍ଚାଇ ରଖିବା ତାଙ୍କ ପାଇଁ ଏକ ଦଣ୍ଡ ସଦୃଶ । କୋର୍ଟ କହିଛନ୍ତି ଯେ, "କାହାକୁ ଭଲ ପାଇବା ଅର୍ଥ ହେଉଛି ତାଙ୍କର ଯନ୍ତ୍ରଣାକୁ ବୁଝିବା ଏବଂ ସେହି ଯନ୍ତ୍ରଣାରୁ ତାଙ୍କୁ ମୁକ୍ତି ଦେବା ।" ହରିଶଙ୍କ ପିତାମାତାଙ୍କ ଧୈର୍ଯ୍ୟକୁ ମଧ୍ୟ ଅଦାଲତ ସଲାମ୍ କରିଛନ୍ତି, ଯେଉଁମାନେ ୧୩ ବର୍ଷ ଧରି ନିଜ ସନ୍ତାନର ସେବା କରିବା ପରେ ଶେଷରେ ତାଙ୍କର ମୃତ୍ୟୁ ପାଇଁ ଆବେଦନ କରିବାକୁ ବାଧ୍ୟ ହେଲେ ।

ଏଠାରେ ପାର୍ଥକ୍ୟ ବୁଝିବା ଜରୁରୀ । 'ଆକ୍ଟିଭ୍ ଇଉଥାନାସିଆ'ରେ ମାରାତ୍ମକ ଇଞ୍ଜେକ୍ସନ ଦେଇ ଜୀବନ ଶେଷ କରାଯାଏ, ଯାହା ଭାରତରେ ବେଆଇନ । କିନ୍ତୁ 'ପାସିଭ୍ ଇଉଥାନାସିଆ' ବା ପରୋକ୍ଷ ଇଚ୍ଛାମୃତ୍ୟୁରେ ଜୀବନ ରକ୍ଷାକାରୀ ବ୍ୟବସ୍ଥା (ଯେପରିକି ଭେଣ୍ଟିଲେଟର ବା ଫିଡିଂ ଟ୍ୟୁବ୍) ହଟାଇ ଦିଆଯାଏ, ଯାହାଫଳରେ ପ୍ରକୃତି ନିଜ କାମ କରିପାରିବ । ହରିଶଙ୍କ କ୍ଷେତ୍ରରେ କୋର୍ଟ ଏହି ଡାକ୍ତରୀ ପଦ୍ଧତିରେ ଦିଆଯାଉଥିବା ପୋଷଣ ବା କ୍ଲିନିକାଲି ଆଡ୍‌ମିନିଷ୍ଟରେଡ୍ ନ୍ୟୁଟ୍ରିସନକୁ ବନ୍ଦ କରିବାକୁ ଅନୁମତି ଦେଇଛନ୍ତି; ଯାହାଫଳରେ ତାଙ୍କର ଯନ୍ତ୍ରଣାଦାୟକ ଜୀବନର ଯାତ୍ରା ଶେଷ ହୋଇପାରିବ ।

ଇଚ୍ଛାମୃତ୍ୟୁ ସବୁବେଳେ ଏକ ଜଟିଳ ବିଷୟ । ଅନେକ ଧର୍ମ ଏବଂ ସାମାଜିକ ଗୋଷ୍ଠୀ ଏହାକୁ ପାପ ବୋଲି ମାନନ୍ତି । କିନ୍ତୁ ଆଧୁନିକ ମାନବବାଦ କହେ ଯେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ସର୍ବନିମ୍ନ ମାନବୀୟ ସମ୍ମାନରୁ ବଞ୍ଚିତ କରି କେବଳ ମେସିନ୍ ସାହାଯ୍ୟରେ ବଞ୍ଚାଇ ରଖିବା ପ୍ରକୃତରେ ଏକ କ୍ରୂରତା । ହରିଶଙ୍କ ପିତାମାତାଙ୍କ ମନରେ ଏହି ଆବେଦନ କରିବା ସମୟରେ କେତେ କଷ୍ଟ ହୋଇଥିବ ତାହା କଳ୍ପନା କରିବା କଷ୍ଟକର । କିନ୍ତୁ ସେମାନେ ନିଜ ସନ୍ତାନକୁ ଏହି ଯନ୍ତ୍ରଣାରୁ ମୁକ୍ତି ଦେବାକୁ ଚାହୁଁଥିଲେ ଯାହା ଶ୍ରେଷ୍ଠ ପିତୃତ୍ୱ ଓ ମାତୃତ୍ୱର ପରିଚୟ ।

ସୁପ୍ରିମକୋର୍ଟ ଏହି ମାମଲାରେ କେବଳ ଆଦେଶ ଦେଇ ନାହାଁନ୍ତି, ବରଂ ସରକାରଙ୍କୁ ଏକ ବ୍ୟାପକ ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନର ବ୍ୟବସ୍ଥାରେ ପ୍ରାଥମିକ ଏବଂ ଦ୍ୱିତୀୟକ ମେଡିକାଲ ବୋର୍ଡର ଅନୁମୋଦନ ଏବଂ ପରେ କୋର୍ଟଙ୍କ ହସ୍ତକ୍ଷେପ ଏକ ଦୀର୍ଘ ପ୍ରକ୍ରିୟା । ଏହି ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ରୋଗୀ ଅଧିକ କଷ୍ଟ ପାଏ । ତେଣୁ ଏକ ସ୍ପଷ୍ଟ ସଂସଦୀୟ ଆଇନର ଆବଶ୍ୟକତା ରହିଛି, ଯାହାଫଳରେ ପ୍ରକୃତରେ ଯୋଗ୍ୟ ରୋଗୀମାନେ ଅନାବଶ୍ୟକ ଆଇନଗତ ଜଟିଳତାରେ ନଫସି ଶୀଘ୍ର ନ୍ୟାୟ ପାଇପାରିବେ ।

ହରିଶ ରାଣାଙ୍କ କ୍ଷେତ୍ରରେ ମିଳିଥିବା ଏହି ନିଷ୍ପତ୍ତି ଭାରତୀୟ ଆଇନ ବ୍ୟବସ୍ଥାର ଏକ ପରିପକ୍ୱତାର ପ୍ରମାଣ । ଏହା ଆମକୁ ଶିଖାଉଛି ଯେ "ଜୀବନ" ର ଅର୍ଥ କେବଳ ନିଶ୍ୱାସ ପ୍ରଶ୍ୱାସ ନୁହେଁ ବରଂ ଏକ ସମ୍ମାନଜନକ ଅସ୍ତିତ୍ୱ । ଯେତେବେଳେ ଜୀବନରୁ ସେହି ସମ୍ମାନ ଚାଲିଯାଏ ସେତେବେଳେ ମୃତ୍ୟୁ ହିଁ ଶେଷ ଆଶ୍ରୟ ହୋଇଯାଏ । ଏହି ଐତିହାସିକ ରାୟ ଆଗାମୀ ଦିନରେ ଅନେକ ଶଯ୍ୟାଶାୟୀ ରୋଗୀଙ୍କ ପାଇଁ ଏକ ଶାନ୍ତିପୂର୍ଣ୍ଣ ମୁକ୍ତିର ବାଟ ଦେଖାଇବ । ଆଇନର ଶୁଷ୍କ ପୃଷ୍ଠାଗୁଡ଼ିକ ମଧ୍ୟରେ ମାନବୀୟ ସମ୍ବେଦନା ଜୀବିତ ରହିବା ଆମ ସମାଜ ପାଇଁ ଏକ ଶୁଭ ସଂକେତ ।

ଗଞ୍ଜାମ, ମୋ: ୭୭୮୭୦୦୧୦୦୧୩

## ସାର୍ବଜନୀନ ମନୋଭାବ ଏବଂ ଦ୍ୱନ୍ଦ୍ୱର ଫାଙ୍କ ଦୂର ପାଇଁ ଅଧିକ ଅଧ୍ୟୟନ ଆବଶ୍ୟକ

ଅବଶ ପରିଡ଼ା

ହରିଶ ରାଣାଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଦିଆଯିବ । ତାଙ୍କ ପିତାମାତାଙ୍କ ଏହି ଆବେଦନକୁ ଗ୍ରହଣ କରି ମାନ୍ୟବର ସୁପ୍ରିମକୋର୍ଟ ଏହା ସ୍ଥିର କରିଛନ୍ତି । ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ମେଧାବୀ ଯୁବକ ହରିଶ ୨୦୧୩ ମସିହାରେ ଏକ ହଷ୍ଟେଲ କୋଠାର ଚତୁର୍ଥ ମହଲାରୁ ପଡ଼ି ମସ୍ତିଷ୍କରେ ଗୁରୁତର ଆଘାତ ପାଇଥିଲେ । ଦୁର୍ଘଟଣା ପରେ ସେ ପାଲଟିଗଲେ ଏକ ଜୀବନ୍ତ ଗଛ ଗଣ୍ଡି ଭଳି । ଶ୍ୱାସକ୍ରିୟା ପାଇଁ ଟ୍ରାକିଓଷ୍ଟୋମି ଟ୍ୟୁବ୍ ଏବଂ ଖାଇବା ପାଇଁ ଗ୍ୟାଷ୍ଟ୍ରୋଜେଜୁନୋଷ୍ଟୋମି ଟ୍ୟୁବ୍ ସହିତ ଏକ ଶଯ୍ୟାରେ ସୀମିତ ରହିଗଲା ହରିଶଙ୍କ ଜୀବନ । ଅଦାଲତରେ ଦାଖିଲ ହୋଇଥିବା ତଥ୍ୟ ଅନୁଯାୟୀ ହରିଶଙ୍କ ଡାକ୍ତରୀ ରିପୋର୍ଟରେ ୧୩ ବର୍ଷ ମଧ୍ୟରେ କୌଣସି ଉନ୍ନତି ଦେଖାଯାଇ ନାହିଁ । ତେଣୁ ବୃଦ୍ଧ ପିତାମାତାଙ୍କ ଉପରେ ନିର୍ଭରଶୀଳ, କୌଣସି ଉନ୍ନତି ନ ହେବାର ଏକ ଜୀବନ୍ତ ଶବଠାରୁ ଲାଇଫ୍ ସପୋର୍ଟ ସୁବିଧା କାଢ଼ିବା ଯାହା ଏକ ପ୍ରକାର ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ନିଷ୍ପତ୍ତି ଥିଲା, ତାହା ହରିଶଙ୍କ ପିତାମାତା ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଲାଇଫ୍ ସପୋର୍ଟକୁ ପ୍ରତ୍ୟାହାର କରିବା ବିଷୟରେ ମାନ୍ୟବର ସୁପ୍ରିମ୍‌କୋର୍ଟ ଗୁରୁତ୍ୱ ସହିତ କହିଛନ୍ତି ଯେ ଜଣେ ଡାକ୍ତରଙ୍କ କର୍ତ୍ତବ୍ୟ ହେଉଛି ରୋଗୀଙ୍କ ଚିକିତ୍ସା କରିବା । କିନ୍ତୁ ଯେତେବେଳେ ରୋଗୀଙ୍କ ଆରୋଗ୍ୟ ହେବାର କୌଣସି ଆଶା ନ ଥାଏ, ସେତେବେଳେ ସେହି କର୍ତ୍ତବ୍ୟ ଆଉ ତିଷ୍ଠି ନ ଥାଏ ।

ଭାରତୀୟ ପରିପ୍ରେକ୍ଷୀରେ ଇଚ୍ଛାମୃତ୍ୟୁର ସାମାଜିକ ବିଶ୍ଳେଷଣ ହେଉଛି ସାଂସ୍କୃତିକ, ଧାର୍ମିକ, ପାରିବାରିକ ଏବଂ ଆଇନଗତ କାରଣଗୁଡ଼ିକର ଏକ ଜଟିଳ ପାରସ୍ପରିକ କ୍ରିୟା । ଆମ ଦେଶରେ କିଛି କଠୋର ନିର୍ଦ୍ଦେଶାବଳୀ ଅନୁଯାୟୀ ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ଆଇନଗତ ଭାବରେ ଅନୁମତି ଦିଆଯାଇଛି । କିନ୍ତୁ ସକ୍ରିୟ ଇଚ୍ଛାମୃତ୍ୟୁ ଏବେ ବି ନିଷିଦ୍ଧ ରହିଛି । ଆମ ପାଇଁ ଇଚ୍ଛାମୃତ୍ୟୁର ବିତର୍କ ହେଉଛି ବ୍ୟକ୍ତିଗତ ସ୍ୱାୟତ୍ତତା, ଜୀବନର ପବିତ୍ରତା ଓ ସାମାଜିକ ମୂଲ୍ୟବୋଧ ମଧ୍ୟରେ ଥିବା ଏକ ପ୍ରତିଚ୍ଛେଦ ବିନ୍ଦୁ ।

ଇଚ୍ଛାମୃତ୍ୟୁକୁ ନେଇ ଜନସାଧାରଣଙ୍କ ମନୋଭାବ ମିଶ୍ରିତ । ପେସାଦାର ସ୍ୱାସ୍ଥ୍ୟସେବା ଏବଂ ନ୍ୟାୟପାଳିକା ଏହାକୁ ସମର୍ଥନ କରୁଥିବା ବେଳେ ପ୍ରାୟତଃ ଧାର୍ମିକ ଗୋଷ୍ଠୀ ଇଚ୍ଛାମୃତ୍ୟୁକୁ ବିରୋଧ କରନ୍ତି । କିନ୍ତୁ ବିପରୀତ ଦିଗରେ ଗ୍ରାମାଞ୍ଚଳରେ ରୋଗୀ, ବିକଳାଙ୍ଗ ଓ ପକ୍ଷାଘାତଗ୍ରସ୍ତ ବୟୋବୃଦ୍ଧମାନଙ୍କ ହତ୍ୟା ଭଳି ଅନେକ ସାଂସ୍କୃତିକ ପ୍ରଥା ଆମ ଦେଶରେ ବିଦ୍ୟମାନ । ତେଣୁ ଇଚ୍ଛାମୃତ୍ୟୁ ଯେ ଆମ ପାଇଁ ଏକ ଲୁକ୍କାୟିତ ସାମାଜିକ ଚାପ, ତାହା କହିଲେ ଅତ୍ୟୁକ୍ତି ହେବନାହିଁ ।

ସମାଜବିଜ୍ଞାନ ଦୃଷ୍ଟିରୁ, ଇଚ୍ଛାମୃତ୍ୟୁ ଢାଞ୍ଚା ହେଉଛି ଜୀବନ ସ୍ୱାୟତ୍ତତାର ପାଶ୍ଚାତ୍ୟ ଧାରଣା ଏବଂ ଭାରତୀୟ ସାମୂହିକ ମୂଲ୍ୟବୋଧ ମଧ୍ୟରେ ଏକ ସନ୍ତୁଳନର ପ୍ରତିଫଳନ । ମୋଟ ଉପରେ କହିବାକୁ ଗଲେ, ଏହା ହେଉଛି ବ୍ୟକ୍ତିର ପସନ୍ଦକୁ ଚାପି ଦେଉଥିବା ଏକ ସାମୂହିକ ପରିବାରିକ ନିଷ୍ପତ୍ତି, ଯାହା ଜୀବନର ଅନିୟନ୍ତ୍ରଣ ଅନ୍ତିମ ପରିସ୍ଥିତିରେ ଆସେ ଏବଂ ଯାହା ସାମାଜିକ ବାଧ୍ୟବାଧକତା ଦ୍ୱାରା ପରିଚାଳିତ ମଧ୍ୟ ହୁଏ ।

ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ସମର୍ଥନରେ ଥିବା ବିଶାରଦମାନେ ଯୁକ୍ତି ଦିଅନ୍ତି ଯେ ରୋଗୀଙ୍କ ସ୍ୱାୟତ୍ତତା ପ୍ରତି ଏହା ଏକ ସମ୍ମାନ । ବ୍ୟକ୍ତିବିଶେଷଙ୍କ ନିଜ ଜୀବନ ଏବଂ ଚିକିତ୍ସା ବିଷୟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିବା ଉଚିତ । ଯଦି ଆରୋଗ୍ୟ ହେବାର କୌଣସି ଆଶା ବା ସମ୍ଭାବନା ନ ଥାଏ, ତେବେ ଯନ୍ତ୍ର ମାଧ୍ୟମରେ କୃତ୍ରିମ ଭାବରେ ଜୀବନକୁ କାହିଁକି କଷ୍ଟ ଦେବା ? ଏହି କୃତ୍ରିମ ଉପାୟରେ ବଂଚିଥିବା ପ୍ରିୟଜନମାନଙ୍କୁ ଅସୀମ କଷ୍ଟ ଭୋଗୁଥିବା ଦେଖିବାରୁ ପରିବାରବର୍ଗଙ୍କୁ ମୁକ୍ତି ଦେବାର ଏହା ଏକ ଉପାୟ ।

ଅନେକଙ୍କ ମତରେ ଇଚ୍ଛାମୃତ୍ୟୁର ଏକ ଭାରତୀୟ ଦୃଷ୍ଟିକୋଣ ହେଉଛି ଏକ ପ୍ରକାରର ଡାକ୍ତରଙ୍କ ସହାୟତାରେ ହେଉଥିବା ଆତ୍ମହତ୍ୟା ସଦୃଶ୍ୟ । ଅବଶ୍ୟ ଏହାକୁ ନେଇ ନୈତିକ ବିତର୍କ ଅତ୍ୟନ୍ତ ଜରୁରୀ । ଆମେ ଜାଣୁ ଯେ ଅସହ୍ୟ ଯନ୍ତ୍ରଣା ଓ କଷ୍ଟ ଏବଂ ଅସାଧ୍ୟ ରୋଗରୁ ମୁକ୍ତି ପାଇଁ ଜଣେ ବ୍ୟକ୍ତିଙ୍କ ଜୀବନକୁ ଜାଣିଶୁଣି ଶେଷ କରିବା ହେଉଛି ଇଚ୍ଛାମୃତ୍ୟୁ । ଏହା ଦୁଇ ପ୍ରକାର । ପ୍ରଥମଟି ହେଉଛି ସକ୍ରିୟ । ଏହାର ଅର୍ଥ, ମୃତ୍ୟୁ ଘଟାଉଥିବା ପ୍ରତ୍ୟକ୍ଷ କାର୍ଯ୍ୟ ହୋଇପାରେ । ଦ୍ୱିତୀୟଟି ହେଉଛି, ନିଷ୍କ୍ରିୟ ଅର୍ଥାତ ଜୀବନ-ନିର୍ଭରଶୀଳ ଚିକିତ୍ସାକୁ ବନ୍ଦ କରିବା ହୋଇପାରେ । ଅପରପାଖେ ଡାକ୍ତରଙ୍କ ସହାୟତାରେ ଆତ୍ମହତ୍ୟା ସେତେବେଳେ ହୁଏ, ଯେତେବେଳେ ଜଣେ ଡାକ୍ତର ରୋଗୀଙ୍କୁ ନିଜ ଜୀବନ ସମାପ୍ତ କରିବା ପାଇଁ ଉପାୟ କିମ୍ବା ପ୍ରେସ୍‌କ୍ରିପ୍‌ସନ ପ୍ରଦାନ କରନ୍ତି । ଏହି ଅଭ୍ୟାସଗୁଡ଼ିକ ସର୍ବଦା ବିତର୍କ, ନୀତିଶାସ୍ତ୍ର, ଆଇନ, ସ୍ୱାୟତ୍ତତା, ମର୍ଯ୍ୟାଦା ଏବଂ ଚିକିତ୍ସା ଦାୟିତ୍ୱ ସହିତ ଜଡ଼ିତ ।

ଏକ ବିଶାରଦ ମହଲ ଯୁକ୍ତି ଦିଅନ୍ତି ଯେ ସମସ୍ତଙ୍କର ସମ୍ମାନର ସହିତ ବଂଚିବା ଓ ମୃତ୍ୟୁବରଣ କରିବାର ଅଧିକାର ଅଛି । ସେହିପରି ସଭିଙ୍କର ଦୀର୍ଘକାଳୀନ ଯନ୍ତ୍ରଣାକୁ ଏଡ଼ାଇବାର ଅଧିକାର ରହିବା ମଧ୍ୟ ଉଚିତ । କିନ୍ତୁ ଅନ୍ୟ ଏକ ମହଲ ବିଶ୍ୱାସ କରନ୍ତି ଯେ ଇଚ୍ଛାମୃତ୍ୟୁ ଜୀବନର ପବିତ୍ରତାକୁ ଉଲ୍ଲଂଘନ କରେ ଏବଂ ବୃଦ୍ଧ, ଅକ୍ଷମ କିମ୍ବା ଆର୍ଥିକ ଭାବରେ ନିର୍ଭରଶୀଳ ରୋଗୀଙ୍କ ପରି ଦୁର୍ବଳ ଲୋକଙ୍କ ଉପରେ ଅପବ୍ୟବହାର କିମ୍ବା ଚାପ ସୃଷ୍ଟି କରିପାରେ ।

ଇଚ୍ଛାମୃତ୍ୟୁକୁ ହୋଇଥିବା କିଛି ସର୍ଭେଗୁଡ଼ିକର ଫଳାଫଳ ବିଷୟରେ ଆଲୋଚନା କରିବା । ପ୍ରଥମଟି ହେଉଛି ନର୍ସ ଏବଂ ଡାକ୍ତରମାନେ ପ୍ରାୟତଃ ନୈତିକ ଶପଥ ଯୋଗୁଁ ଇଚ୍ଛାମୃତ୍ୟୁକୁ ବିରୋଧ କରିଛନ୍ତି । ୬୦ ପ୍ରତିଶତ ଇଚ୍ଛାମୃତ୍ୟୁର ବ୍ୟବହାରିକ ଚିନ୍ତାଧାରାକୁ ନେଇ ନକାରାତ୍ମକ ମତ ରଖିଛନ୍ତି । କିନ୍ତୁ ଅନ୍ୟ ଏକ ସର୍ଭେରେ ପ୍ରାୟ ୬୯.୩% ଡାକ୍ତର ଇଚ୍ଛାମୃତ୍ୟୁକୁ ସମର୍ଥନ କରି କହିଥିଲେ ଯେ ଦୁରାସାଧ ରୋଗୀଙ୍କୁ ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଏହା ପ୍ରୟୋଗ କରାଯାଇପାରେ । ତଥାପି, ଅନେକ ଡାକ୍ତର ଭୟ କରୁଥିଲେ ଯେ ଯଦି ଏହାକୁ ଆଇନଗତ କରାଯାଏ, ତେବେ ଏହାର ଅପବ୍ୟବହାର ହୋଇପାରେ । ଦ୍ୱିତୀୟଟି ହେଉଛି ସ୍ୱେଚ୍ଛାସେବୀ ଗୋଷ୍ଠୀମାନଙ୍କ ମତାମତ, ଯେଉଁମାନେ ଏହାର ଅପବ୍ୟବହାର ନେଇ ଚିନ୍ତିତ । ଏବଂ ତୃତୀୟ ମତାମତ ହେଉଛି ଜନସାଧାରଣଙ୍କର, ଯେଉଁଠି କେବଳ ୨୧.୩% ଉତ୍ତରଦାତା ଇଚ୍ଛାମୃତ୍ୟୁ ଆଇନ ବିଷୟରେ ଜାଣିଥିଲେ ଏବଂ ୫୫% ରୁ ଅଧିକ ଲୋକ "ଜୀବିତ ଇଚ୍ଛାପତ୍ର" ବା "ଲିଭିଂ ଉଇଲ" ର ଧାରଣାକୁ ସମର୍ଥନ କରିଥିଲେ । ତେଣୁ ପ୍ରାୟ ସମସ୍ତ ଭାରତୀୟ ସର୍ଭେଗୁଡ଼ିକର ମିଶ୍ରିତ ମତାମତ କୁହେ ଯେ ଯନ୍ତ୍ରଣାରୁ ମୁକ୍ତି ପାଇଁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଆବଶ୍ୟକ; କିନ୍ତୁ ନୈତିକ ସନ୍ଦେହ, ଧାର୍ମିକ ବିଶ୍ୱାସ ଏବଂ ଆଇନଗତ ଅନିଶ୍ଚିତତା ଏବେ ବି ଜନସାଧାରଣଙ୍କ ମନୋଭାବକୁ ପ୍ରଭାବିତ କରୁଛି । ପରିଶେଷରେ, ଭାରତରେ ଇଚ୍ଛାମୃତ୍ୟୁ ଉପରେ ସମାଜତାତ୍ତ୍ୱିକ ଦୃଷ୍ଟିକୋଣର ଅତ୍ୟନ୍ତ ଆବଶ୍ୟକ ଅଛି । ସାର୍ବଜନୀନ ମନୋଭାବ ଏବଂ ଦ୍ୱନ୍ଦ୍ୱର ଫାଙ୍କକୁ ଦୂର କରିବା ପାଇଁ ଅଧିକ ଅଧ୍ୟୟନ ଆବଶ୍ୟକ ।

ଭୁବନେଶ୍ୱର
୮୪୫୬୮୭୯୫୨୨

# ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ । ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ । ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ; ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି । ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ । ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ; ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି । ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ । ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି ।

ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଗୁରୁକୂଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ । ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ; ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା । ଗୁରୁକୂଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍‌ଗୁଣ ଶିକ୍ଷା ଦେଉଥିଲେ । ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ସହିତ ବିକଶିତ କରିଥିଲା । କିନ୍ତୁ ଆଜିର ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି । ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି । ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି । କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ୍ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ । ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ ।

ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି । ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ । ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ । ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ । ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ । ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ ।

ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି । ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି । ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ । ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି । କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ; କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ । ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ । ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ; ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ । ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ । ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ, ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ । ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଓଜେସିରେ ମିଶିଲେ ଏନ୍‌ପିପି ରାଜ୍ୟ ସଭାପତି



ଭୁବନେଶ୍ୱର, ୧୨।୩ (ସମିସ): ମହମ୍ମଦ ମୋକିମଙ୍କ ନୂତନ ଆଞ୍ଚଳିକ ଦଳ ପ୍ରତିଷ୍ଠା ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ନେତା ଓ କର୍ମୀଙ୍କୁ ସେ ତାଙ୍କ ଦଳର ସାମିଲ କରାଉଛନ୍ତି। ଏହି କ୍ରମରେ ଗୁରୁବାର ନ୍ୟାସନାଲ ପିପୁଲ୍‌ସ ପାର୍ଟି (ଏନ୍‌ପିପି)ର ସମସ୍ତ କର୍ମକର୍ତ୍ତାଙ୍କ ସମେତ ପାର୍ଟିର ରାଜ୍ୟ ସଭାପତି ସୋମନାଥ ରାଉତ ମୋକିମଙ୍କ ଓଡ଼ିଶା ଜନତା କଂଗ୍ରେସରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଲୋହିଆ ଏକାଡେମୀଠାରେ ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବରେ ସେମାନେ ଆନୁଷ୍ଠାନିକ ଭାବେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିରେ ଯୋଗ ଦେଇଥିବା ବେଳେ ତାଙ୍କୁ ଦଳକୁ ସ୍ୱାଗତ କରାଯାଇଛି। ଏହା ସହ ବଲାଙ୍ଗୀର ଜିଲ୍ଲାର ମଧ୍ୟ କିଛି ନେତା ଓଜେସିରେ ସାମିଲ ହୋଇଛନ୍ତି। ଏଥିରେ କିଛି ପୂର୍ବତନ ସରପଞ୍ଚ ରହିଛନ୍ତି।

ଏହି ଅବସରରେ ମୋକିମ କହିଛନ୍ତି, ଓଡ଼ିଶାରେ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ହୋଇ ମଧ୍ୟ ଦାରିଦ୍ର୍ୟରେ ଆଗରେ ରହିଛି। ଏକଥାର ସମୀକ୍ଷା କରିବାର ସମୟ ଆସିଯାଇଛି। ଓଡ଼ିଶାରେ ଯୁବକ, ମହିଳା,

### ଉତ୍ତରୀୟ ଦେଇ ସ୍ୱାଗତ କଲେ ମହମ୍ମଦ ମୋକିମ୍

ଛାତ୍ର, କୃଷକ ଓ ସାମାଜିକ କର୍ମୀ ଆଦିଙ୍କର ଅର୍ଥନୈତିକ ଅଭିବୃଦ୍ଧି କରି ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ତାଙ୍କର ନୂଆ ଦଳ କାମ କରିବ ବୋଲି ସେ କହିଛନ୍ତି। ପୂର୍ବରୁ ଯୁବ, ମହିଳା, କୃଷକ, ସାମାଜିକ କର୍ମୀ, ବସ୍ତିବାସିନ୍ଦା ନେତାମାନଙ୍କ ସହ ମୋକିମ ସଭାସମିତି କରିବା ସହ ଅନେକ ଜିଲ୍ଲା ଗସ୍ତ କରି ଆସୁଛନ୍ତି। ଏହି କ୍ରମରେ ବିଭିନ୍ନ ସ୍ଥାନରେ ତାଙ୍କ ଦଳରେ ଭିନ୍ନ ଭିନ୍ନ ଦଳରୁ ଲୋକେ ସାମିଲ ହେଉଛନ୍ତି। ଏହି ମିଶ୍ରଣ ପର୍ବରେ ଏନ୍‌ପିପି ରାଜ୍ୟ ଯୁବ ସଭାପତି ପ୍ରଦୀପ କୁମାର ନାୟକ, ରାଜ୍ୟ ମହିଳା ସଭାନେତ୍ରୀ ସଙ୍ଗୀତା ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ସଭାପତି ମାନସ କୁମାର ଦିଗାଲ, ସମ୍ବଲପୁର ଜିଲ୍ଲା ସଭାପତି ମନୋଜ କୁମାର ପଣ୍ଡା, ଭୁବନେଶ୍ୱର ଜିଲ୍ଲା ସଭାପତି ପଦ୍ମନାଭ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଅପୂର୍ବ ରଞ୍ଜନ ସେଠୀ ପ୍ରମୁଖ ସେମାନଙ୍କ ଶତାଧିକ କର୍ମକର୍ତ୍ତାଙ୍କ ସହ ଓଜେସିରେ ସାମିଲ ହୋଇଛନ୍ତି।

ସୂଚନାଥାଉ କି, ଗତ ୮ତାରିଖ ଦିନ ନୂଆ ଆଞ୍ଚଳିକ ଦଳର ନାମ ସହ ଦଳୀୟ ପତାକା ଉନ୍ମୋଚନ କରି ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଆରମ୍ଭ କରିଥିଲେ ମହମ୍ମଦ ମୋକିମ।

### ରନ୍ଧନ ଗ୍ୟାସ୍ ଓ ତୈଳ ଉପଲବ୍ଧତା ନେଇ ମନ୍ତ୍ରୀଙ୍କ ସମୀକ୍ଷା

## ଆତଙ୍କିତ ନ ହେବାକୁ ପରାମର୍ଶ

ଭୁବନେଶ୍ୱର,୧୨।୩ (ସମିସ): ରାଜ୍ୟରେ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି) ଏବଂ ପେଟ୍ରୋଲ, ଡିଜେଲର ଉପଲବ୍ଧତା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମୀକ୍ଷା କରିଛନ୍ତି। ବୈଠକ ପରେ ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ ଉପଲବ୍ଧ ରହିଛି ଏବଂ ଜନସାଧାରଣଙ୍କୁ ଏନେଇ ଚିନ୍ତିତ ନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଏଲ୍‌ପିଜି ବିତରକ ଓ ରିଟେଲ୍ ଆଉଟ୍‌ଲେଟ୍‌କୁ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଖାଉଟିମାନେ ଯେପରି ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ଯୋଗାଣ ନେଇ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସଜାଗ ରହିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଖାଉଟିମାନଙ୍କ ସୁବିଧା ନିମନ୍ତେ ପଦକ୍ଷେପ ନେବା ସହ ଜିଲ୍ଲାପାଳମାନେ ପ୍ରତିଦିନ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବଜାରରେ ଏଲ୍‌ପିଜି କଳାବଜାରୀ ରୋକିବାକୁ ଚଢ଼ଉ ପାଇଁ ବିଭାଗୀୟ ଅଧିକାରୀ ନିୟୋଜିତ ଅଛନ୍ତି। କଳାବଜାରୀର ଖବର ମିଳିଲେ ଦୃଢ଼ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ କହିଛନ୍ତି ଯେ ରାଜ୍ୟରେ ଦୈନିକ ଆବଶ୍ୟକ ପଡୁଥିବା ରନ୍ଧନ ଗ୍ୟାସ୍ ଏବଂ ଏହାର ଉପଲବ୍ଧତା ନେଇ ଆଶ୍ୟକ ତଥ୍ୟ ରହିବ। ଏନେଇ ପ୍ରତି ଜିଲ୍ଲାର ଜିଲ୍ଲାପାଳ ଦୈନିକ ତଥ୍ୟ ଦେବେ। କଟକ ବଡ଼ ମେଡିକାଲ ପରି ସମ୍ବେଦନଶୀଳ ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାର୍କେଟିଂ ଅଫିସର୍‌ମାନେ ସ୍ଥିତି ଅନୁଧ୍ୟାନ କରିବେ। ରାଜ୍ୟର ଘରୋଇ ଉପଭୋକ୍ତା ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେନେଇ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## କତାରରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ



ଭୁବନେଶ୍ୱର,୧୨।୩(ସମିସ): ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କତାରରେ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକ କୁନା ଖୁଣ୍ଟିଆଙ୍କ ମରଶରୀରକୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକର ବାସିନ୍ଦା କୁନା ଖୁଣ୍ଟିଆ ଗତ ୪ ମାସ ତଳେ କତାରର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଗତ ୬ ତାରିଖ ଦିନ ତାଙ୍କ ମୃତ୍ୟୁ ସମ୍ବନ୍ଧରେ ପରିବାର ଲୋକ ଖବର ପାଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, କୁନା ଖୁଣ୍ଟିଆ ନିଜ ରୁମ୍‌ରେ ବିଶ୍ରାମ ନେଉଥିବା ବେଳେ ଆକସ୍ମିକ ଭାବେ ମୃତ୍ୟୁ ଘଟିଥିବାର ଖବର ସେମାନେ ଜାଣିବାକୁ ପାଇଥିଲେ। ଏହାପରେ କୁନା ଖୁଣ୍ଟିଆଙ୍କ ମରଶରୀର ଘରକୁ ଫେରାଇ ଆଣିବା ପାଇଁ ପରିବାର ଲୋକ ରାଜ୍ୟ ସରକାରଙ୍କ ପାଖରେ ନିବେଦନ କରିଥିଲେ।

ଏ ସମ୍ବନ୍ଧରେ ଅବଗତ ହେବା ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ କୁନା ଖୁଣ୍ଟିଆଙ୍କ ମରଶରୀରକୁ ତାଙ୍କ ପୈତୃକ ଗ୍ରାମକୁ ପଠାଇ ଦିଆଯାଇଛି। ଗୁରୁବାର ସକାଳେ କୁନାଙ୍କ ମରଶରୀର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ପ୍ରୀତିଶ ପଣ୍ଡା ଉପସ୍ଥିତ ରହି କୁନାଙ୍କ ମରଶରୀରକୁ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

## ଗ୍ରାମବାସୀଙ୍କ ମାଡ଼ରେ ପୁଲିସ ଲହୁଲୁହାଣ

ତୁରୁମୁଙ୍ଗା, ୧୨।୩(ସମିସ): କେନ୍ଦୁଝର ଜିଲ୍ଲା ପାଟନା ଥାନା ସାହାରପଡ଼ା ଫାଣ୍ଡି ପୁଲିସ ଟିମ୍‌କୁ କିଛି ଗ୍ରାମବାସୀ ଆକ୍ରମଣ



କରିଛନ୍ତି। ଚୋରା ମଦ ଉପରେ ଚଢ଼ଉ କରିବାକୁ ଯାଇଥିବା ବେଳେ ବାଲିତୋଟା ଗାଁର ଚାରିଜଣ ଆକ୍ରମଣ କରି ଫେରାର୍ ହୋଇଯାଇଛନ୍ତି। ଏଥିରେ ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମଙ୍କ ସହ ଜଣେ ମହିଳା କନେଷ୍ଟବଳ ଆହତ ହୋଇଛନ୍ତି। ସେମାନଙ୍କୁ ପାଟନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଚୋରା ମଦ ଜବତ କରିବାକୁ ଯାଇଥିଲେ

ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି। ସୂଚନାନୁସାରେ, ଉକ୍ତ ୪ଜଣ ସନ୍ଧ୍ୟା ୭ଟାରେ ଅନ୍ଧାରର ସୁଯୋଗ ନେଇ ଆକ୍ରମଣ କରିବା ସହ ମୋବାଇଲ ଫୋନ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି।

### ଭିତରକନିକାରେ ଜଙ୍ଗଲ ଜମି ଜବରଦଖଲ ପ୍ରସଙ୍ଗ

## ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୨।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଭିତରକନିକାରେ ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ହେମନ୍ତ କୁମାର ବେହେରାଙ୍କ ତରଫରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାର୍ଚ୍ଚ ୧୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ଭିତରକନିକାକୁ ବନ୍ୟଜନ୍ତୁ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଥିଲା। ୨୦୦୨ରେ ଏହାକୁ ଆନ୍ତର୍ଜାତିକ ଆଦ୍ରଭୂମି ଭାବେ ଘୋଷଣା କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଜଙ୍ଗଲଜମି ଜବରଦଖଲ କରାଯାଇଥିବା ବେଳେ ଭିତରକନିକାରେ ବି କିଛି ଲୋକ ଜଙ୍ଗଲ ଜମି ଜବରଦଖଲ କରି ବେଆଇନ ଚିଙ୍ଗୁଡ଼ି ଘେରି କରି ବର୍ଷ ବର୍ଷ ଧରି ବ୍ୟବସାୟ ଚଳାଇଛନ୍ତି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଉପକୂଳବର୍ତ୍ତୀ ଜିଲ୍ଲା କେନ୍ଦ୍ରାପଡ଼ାରେ ବେଆଇନ ଭାବେ ଜଙ୍ଗଲ ଜମି ଜବରଦଖଲ କରାଯାଇ ଚିଙ୍ଗୁଡ଼ିଘେରି କରାଯାଇଛି। ଏଭଳି ଘଟଣାର କମିଟି ଗଠନ କରି ତଦନ୍ତ କରାଯାଉ। ଜବରଦଖଲ ଉଚ୍ଛେଦ ସହ ଏପରି କାର୍ଯ୍ୟରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

### ପୋକ୍ସୋ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ହାଇସ୍କୁଲ ସାର୍ଟିଫିକେଟ୍‌ର ସତ୍ୟତା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ସମନ୍ ଜରୁରୀ ନୁହେଁ

କଟକ, ୧୨।୩ (ସମିସ): ପୋକ୍‌ସୋ ମାମଲାରେ ପୀଡ଼ିତାଙ୍କ ବୟସ ନିରୂପଣକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ହାଇସ୍କୁଲ ସାର୍ଟିଫିକେଟ୍ ଏକ ସାର୍ବଜନୀନ ଦସ୍ତାବିଜ୍ ହୋଇଥିବାରୁ ଏହାର ସତ୍ୟତା ପ୍ରମାଣ କରିବା ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡର କର୍ତ୍ତୃପକ୍ଷଙ୍କୁ ସାକ୍ଷ୍ୟ ଦେବା ପାଇଁ ସମନ କରିବା ସବୁ କ୍ଷେତ୍ରରେ ଆବଶ୍ୟକ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଆବେଦନକାରୀଙ୍କ ମାମଲାକୁ ଖାରଜ କରି ତତ୍କର ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇସ୍କୁଲ ସାର୍ଟିଫିକେଟ୍ ଏକ ବୈଧାନିକ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ଏକ ସାର୍ବଜନୀନ ଦସ୍ତାବିଜ୍। ଏହା ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁଯାୟୀ ଗ୍ରହଣଯୋଗ୍ୟ। ଏଣୁ, କେବଳ ହସ୍ପିଟାଲ ଜନ୍ମ ରେଜିଷ୍ଟର୍‌ରେ ନାମ ନଥିବା କାରଣରୁ ବୋର୍ଡ ଦ୍ୱାରା ଜାରି ସାର୍ଟିଫିକେଟ୍‌କୁ ଅବୈଧ କୁହାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। କେବଳ ଦସ୍ତାବିଜ୍‌ର ସତ୍ୟତା ପରଖିବା ପାଇଁ କର୍ତ୍ତୃପକ୍ଷଙ୍କୁ ସମନ ଜାରି କରାଯାଇପାରିବ ନାହିଁ। ଏହା ବିଚାର ପ୍ରକ୍ରିୟାରେ ଅନାବଶ୍ୟକ ବିଳମ୍ବ ସୃଷ୍ଟି କରିଥାଏ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଅଭିଯୋଗରେ ଆବେଦନକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ପୀଡ଼ିତାଙ୍କ ହାଇସ୍କୁଲ ସାର୍ଟିଫିକେଟ୍‌ରେ ଥିବା ଜନ୍ମ ତାରିଖ ସନ୍ଦେହଜନକ। ସାର୍ଟିଫିକେଟ୍‌ରେ ଉଲ୍ଲେଖ ଥିବା ତାରିଖରେ ସମ୍ପୃକ୍ତ ହସ୍ପିଟାଲ ରେଜିଷ୍ଟରରେ ପୀଡିତାଙ୍କ ନାମ ନଥିବା ଦର୍ଶାଯାଇଥିଲା। ଏହି ଆଧାରରେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ସମନ କରିବା ପାଇଁ ଅଭିଯୁକ୍ତ କରିଥିବା ଆବେଦନକୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଅଦାଲତ ଖାରଜ କରିଦେଇଥିଲେ। ଏହା ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତ ସାର୍ଟିଫିକେଟ୍‌ଟି ଜାଲ୍ ବା ନକଲି ବୋଲି କୌଣସି ପ୍ରାଥମିକ ପ୍ରମାଣ ଦେବାରେ ବିଫଳ ହୋଇଥିବାରୁ ଅଦାଲତ ତାଙ୍କ ଆବେଦନକୁ ଗ୍ରହଣ କରିନାହାନ୍ତି। ସୁନ୍ଦରଗଡ଼ ଅଦାଲତଙ୍କ ନିଷ୍ପତ୍ତିକୁ କାଏମ ରଖିବା ସହ ଅଭିଯୁକ୍ତଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି।

## ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ,୧୨।୩ (ସମିସ): ସି'ସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ସୁରକ୍ଷା ଏପ୍ରିଲ ୧୩ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଜେନାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ସିବିଆଇ ଜବତ କରିଥିବା କେତେକ ଦସ୍ତାବିଜ ପ୍ରସଙ୍ଗରେ ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇନାହିଁ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ଏଭଳି ୧୭ଟି ଦସ୍ତାବିଜ୍‌ର ତାଲିକା ଉଲ୍ଲେଖ କରି ଆବେଦନକାରୀ ଶ୍ରୀ ଜେନାଙ୍କ ତରଫରୁ ଦାଖଲ ଲିଖିତ ତଥ୍ୟ ଉପରେ ଜବାବ ରଖିବାକୁ ସିବିଆଇକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୧୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

### ସିବିଆଇକୁ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ପ୍ରକାଶଥାଉକି, ସି'ସୋର୍ ମାମଲାରେ ସିବିଆଇ ପକ୍ଷରୁ ଆବେଦନକାରୀ ଶ୍ରୀ ଜେନାଙ୍କୁ ନୋଟିସ୍ ଜାରି କରାଯାଇ ହାଜର ହେବାକୁ କୁହାଯାଇଥିଲା। ଗତ ୨୦୨୫ ଜୁଲାଇ ୯ରେ ମାମଲାର ଶୁଣାଣି ସମୟରେ ଶ୍ରୀ ଜେନାଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ନିମ୍ନ ଅଦାଲତରେ ବିଚାରାଧୀନ ସିବିଆଇ ମାମଲାକୁ ବିରୋଧ କରି ଶ୍ରୀ ଜେନା ୨୦୨୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଚାକିରି ନିୟମିତୀକରଣ ବିଳମ୍ବ ପାଇଁ କର୍ମଚାରୀଙ୍କୁ ପେନସନ୍‌ରୁ ବଞ୍ଚିତ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ, ୧୨।୩(ସମିସ): ସରକାରଙ୍କ ପକ୍ଷରୁ ଚାକିରି ନିୟମିତୀକରଣରେ ହୋଇଥିବା ବିଳମ୍ବ ପାଇଁ କର୍ମଚାରୀଙ୍କୁ ପେନସନ୍‌ରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିବା ପରେ ମଧ୍ୟ ପେନସନ୍ ସୁବିଧାରୁ ବଞ୍ଚିତ ହେଉଥିବା ଏନ୍‌ଏମ୍‌ଆର୍ କର୍ମଚାରୀଙ୍କ ସପକ୍ଷରେ ହାଇକୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। କୈଳାଶ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଥିଲେ। ଯଦି ସେମାନଙ୍କୁ ସମୟ ଅନୁଯାୟୀ ସ୍ଥାୟୀ କରାଯାଇନାହିଁ, ତେବେ ଏହା ସରକାରଙ୍କର ଅବହେଳା ବା ବିଳମ୍ବ। ଏଥିପାଇଁ କର୍ମଚାରୀଙ୍କୁ ଦଣ୍ଡିତ କରାଯାଇପାରିବ ନାହିଁ। ସେହିଭଳି ଦୀର୍ଘ ସମୟ ଧରି ସେବା ପ୍ରଦାନ କରିଥିବା କର୍ମଚାରୀଙ୍କୁ ଓଡ଼ିଶା ସିଭିଲ ସର୍ଭିସେସ୍ (ପେନସନ) ରୁଲ୍ସ, ୧୯୯୨ ଅନୁଯାୟୀ ପେନସନ ପାଇବାରୁ ବଞ୍ଚିତ କରିବା ଆଇନଗତ ଭାବେ ଠିକ୍ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀମାନଙ୍କୁ ସରକାରଙ୍କ ନିକଟରେ ପୁନଶ୍ଚ ଦାବିପତ୍ର ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି ହାଇକୋର୍ଟ। ଦାବିପତ୍ର ମିଳିବାର ୩ମାସ ମଧ୍ୟରେ ସରକାର ଏହି ବିଷୟରେ ଏକ ଯୁକ୍ତିଯୁକ୍ତ ଓ ଆଇନଗତ ନିଷ୍ପତ୍ତି ନେବାକୁ ଅଦାଲତ କହିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆବେଦନକାରୀମାନେ ୧୯୯୩ ମସିହା ପୂର୍ବରୁ ବିଭିନ୍ନ ବିଭାଗରେ ଏନ୍‌ଏମ୍‌ଆର୍ ଭାବେ ନିୟୋଜିତ ହୋଇଥିଲେ। ସେମାନେ ଦୀର୍ଘ ଦଶନ୍ଧି ଧରି କାର୍ଯ୍ୟ କରି ଅବସର ନେଇଥିଲେ ମଧ୍ୟ ସେମାନଙ୍କୁ ସରକାରୀ ନିୟମ ଅନୁଯାୟୀ ପେନସନ୍ ସୁବିଧା ପ୍ରଦାନ କରାଯାଉନଥିଲା। ସେମାନଙ୍କ ଚାକିରି ବିଳମ୍ବରେ ସ୍ଥାୟୀ ହୋଇଥିବା କିମ୍ବା ସେମାନେ ନିର୍ଦ୍ଧାରିତ ସର୍ତ୍ତ ପୂରଣ କରୁନଥିବା ଦର୍ଶାଯାଇ ପେନସନ୍ ଦେବାରେ ସମସ୍ୟା ଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଯାହାକୁ ବିରୋଧ କରି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


## AFFIDAVIT

By virtue of an affidavit No. 2540 before the Executive Magistrate, Umerkote, Dist- Nabarangpur, dated 03.04.2025, I, Rakesh Kumar Agrawal, Vill- Kusumguda, P.O./P.S. - Umerkote-764073, Dist- Nabarangpur hereby declare that I have changed my name from Rakesh Kumar Agarwal & Rakesh Kumar Agrawall to Rakesh Kumar Agrawal. Hencefroth I shall be known as Rakesh Kumar Agrawal for all purposes.

## AFFIDAVIT

By virtue of an affidavit No. 25870 before the Executive Magistrate, Umerkote, Dist- Nabarangpur, dated 04.04.2025, I, Mahendra Prasad Agrawal, Vill- Kusumguda, P.O./P.S. - Umerkote-764073, Dist- Nabarangpur, declare that I have changed my name from Mahendra Prasad Agarwal to Mahendra Prasad Agrawal. Hencefroth I shall be known as Mahendra Prasad for all purposes.

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar dated 11/03/2026, C.F No. 46/11.03.2026. I, Kuni Reddy D/O Babu Reddy, At- Basti Bikash Parisha, Po- Regional Research Laboratory (RRL), Ps- Nayapalli, Khorda, Odisha, Pin-751013, declare that I have changed my owned name Kuni Patra to Kuni Reddy. Henceforth, I shall be known as new name Kuni Reddy for all purposes.

Kuni Reddy

## AFFIDAVIT

By virtue of an Affidavit executed before the Executive Magistrate, Nandapur, Dist–Koraput on 12.03.2026, I, Jagannath Chaini, Permanent Resident of Village-Padwa, P.O.- Padwa, P.S.-Padwa, District–Koraput, Odisha, Pin–764038, do hereby declare that I have changed the name of my minor daughter from **Dipitymayee Chaiyeeni to Deeptimayee Chaini.** Henceforth, she shall be known as **Deeptimayee Chaini** for all purposes.

Sd/-Jagannath Chaini


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧ ବନ୍ଦ ପାଇଁ...

ଅନ୍ତର୍ଜାତୀୟସ୍ତରରେ ଇରାନର ନିଜସ୍ୱ ଅଧିକାରକୁ ସ୍ୱୀକୃତି ମିଳିବା ଦରକାର। ଦ୍ୱିତୀୟଟି ହେଲା କ୍ଷତିପୂରଣ। ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ପାଇଁ ଆମେରିକା ଓ ଇସ୍ରାଏଲ ଇରାନକୁ କ୍ଷତିପୂରଣ ପ୍ରଦାନ କରିବେ। ତୃତୀୟଟି ହେଲା ଅନ୍ତର୍ଜାତୀୟ ଗ୍ୟାରେଣ୍ଟି। ଅର୍ଥାତ ଭବିଷ୍ୟତରେ ଆଉ କୌଣସି ଆକ୍ରମଣ ନ କରିବା ପାଇଁ ଦୃଢ଼ ଅନ୍ତର୍ଜାତୀୟ ସୁରକ୍ଷା ଗ୍ୟାରେଣ୍ଟି ପ୍ରଦାନ କରିବା ଜରୁରୀ।

ପେଜେସକିଆନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ରୁଷିଆ ଓ ପାକିସ୍ତାନର ନେତାମାନଙ୍କ ସହ କଥାହେବା ସମୟରେ ମୁଁ ଅଞ୍ଚଳରେ ଶାନ୍ତି ପାଇଁ ଇରାନର ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରିଛି। ଏହି ଯୁଦ୍ଧ, ଯାହାକି ଇସ୍ରାଏଲ ଓ ଆମେରିକା ଦ୍ୱାରା ଆରମ୍ଭ ହୋଇଛି, ଏହା ସମାପ୍ତ ହେବାର ଏକମାତ୍ର ଉପାୟ ହେଉଛି ଇରାନର ବୈଧ ଅଧିକାରକୁ ସ୍ୱୀକାର କରିବା, କ୍ଷତିପୂରଣ ଦେବା ଓ ଭବିଷ୍ୟତରେ ଯେପରି ଆକ୍ରମଣ ନ ହେବ ସେ ନେଇ ଦୃଢ଼ ଅନ୍ତର୍ଜାତୀୟ ଗ୍ୟାରେଣ୍ଟି ଦେବା।

ଅନ୍ୟପକ୍ଷରେ ଇରାନର ନବନିଯୁକ୍ତ ସର୍ବୋଚ୍ଚ ନେତା ମୁଜତବା ଖାମନେଇ ଆଜି ପ୍ରଥମ ଥର ଲାଗି ବିବୃତି ଜାରି କରି ଧମକାଇଛନ୍ତି ଯେ ଉପସାଗରୀୟ ଦେଶମାନେ ତୁରନ୍ତ ଆମେରିକାର ସାମରିକ ପ୍ରତିଷ୍ଠାନକୁ ବନ୍ଦ କରନ୍ତୁ। ପ୍ରତିଷ୍ଠାନ ବନ୍ଦ ନକଲେ ଏହା ଉପରେ ଆକ୍ରମଣ ଜୋରଦାର ହେବ। କ୍ଷତିପୂରଣ ଆଦାୟ ଲାଗି ଇରାନ ଏହି ଦେଶମାନଙ୍କରେ ଥିବା ଆମେରିକାର ପ୍ରତିଷ୍ଠାନକୁ ଧ୍ୱଂସ କରିଦେବ। ସେମାନେ ଇରାନର ଯେତେ କ୍ଷତି କରିଛନ୍ତି, ଇରାନ ମଧ୍ୟ ସେମାନଙ୍କର ସେତିକି କ୍ଷତି କରିବ। ଏହାସହିତ ସେ କହିଛନ୍ତି ହର୍ମୁଜ ସମୁଦ୍ର ପଥ ତୈଳ ଟ୍ୟାଙ୍କର ପାଇଁ ବନ୍ଦ ରହିବ। ଏହାପୂର୍ବରୁ ଇରାନର ସଶସ୍ତ୍ର ବାହିନୀ ଚେତାବନୀ ଦେଇଥିଲା ଯେ ଯଦି ଇରାନର ବନ୍ଦର ଉପରେ ଆକ୍ରମଣ ହୁଏ, ତେବେ ପାରସ୍ୟ ଉପସାଗରରେ ଅନ୍ୟ ସମସ୍ତ ବନ୍ଦର ତା'ର ଟାର୍ଗେଟରେ ରହିବ। ବର୍ତ୍ତମାନ ପରିସ୍ଥିତିରେ ଅନ୍ତର୍ଜାତୀୟ ସମୁଦାୟ ଯୁଦ୍ଧ ବିରତି ପାଇଁ ଚେଷ୍ଟା ଚଳାଇଛନ୍ତି। ସେପଟେ ଇସ୍ରାଏଲର ଆକଳନ ନେଇ ଏକ ରିପୋର୍ଟ ପ୍ରକାଶିତ ହୋଇଛି। ଇସ୍ରାଏଲ ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ, ଏହି ଯୁଦ୍ଧ ଇରାନର ଶାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାଙ୍ଗିଦେବ କି ନାହିଁ, ତାହା ନିଶ୍ଚିତ ନୁହେଁ।

### ତେଲ ଦର...

ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ଏହି ମାର୍ଗ ଦେଇ ଯାଇଥିବା ୧୪ଟି ବାଣିଜ୍ୟିକ ଜାହାଜ ଉପରେ ଇରାନ ପକ୍ଷରୁ ଆକ୍ରମଣ କରାଯାଇଛି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନର ସାମରିକ ଶକ୍ତିକୁ ନଷ୍ଟ କରିବା ପାଇଁ ଆମେରିକା ନିଜର ଅଭିଯାନ ଜାରି ରଖିବ। ତେବେ ହର୍ମୁଜ ଦେଇ ଯାଉଥିବା ତେଲ ଟ୍ୟାଙ୍କରଗୁଡ଼ିକୁ ସୁରକ୍ଷା ଦେବା ନେଇ ସେ କିଛି କହି ନାହାନ୍ତି।

### ୮ ବିଧାୟକଙ୍କୁ ଧରି...

କଂଗ୍ରେସ ଶାସିତ କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି । ସେଠାରେ ତାଜ ବେଙ୍ଗାଲୁରୁ, କ୍ଲର୍କ ଏକ୍ସୋଟିକା, ଲୀଲା ଓ ଜେ.ଏସ୍.ମ୍ୟାରିଅଟ୍ ଆଦି ୪ଟି ହୋଟେଲ ମଧ୍ୟରୁ ଗୋଟିଏ ବା ଯୋଡ଼ିଏ ହୋଟେଲରେ ବିଧାୟକମାନେ ରହିବେ ବୋଲି ସୂଚନା ମିଳିଛି। ତେବେ କେଉଁ ହୋଟେଲରେ ବିଧାୟକମାନେ ରହିବେ, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ । କିଛି ବିଧାୟକ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବେଙ୍ଗାଲୁରୁ ଯିବାକୁ ଅମଙ୍ଗ ହୋଇଥିଲେ ହେଁ ଏଆଇସିସି ହସ୍ତକ୍ଷେପ ପରେ ସେମାନେ ଏହି ଗସ୍ତରେ ସାମିଲ ହୋଇଛନ୍ତି । ବେଙ୍ଗାଲୁରୁ ଯାଇଥିବା ବିଧାୟକମାନେ ସେମାନଙ୍କର ପୁରୁଣା ମୋବାଇଲକୁ ଘରେ ଛାଡ଼ି ଯାଇଛନ୍ତି ଓ ଯୋଗାଯୋଗ ପାଇଁ ସମସ୍ତଙ୍କୁ ଗୋଟିଏ ଲେଖାଏଁ ନୂଆ ଆଇଫୋନ୍ ଓ ଇ-ସିମ୍ ଯୋଗାଇ ଦିଆଯାଇଛି । ଦିଲ୍ଲୀରୁ ଏହି ପ୍ରକ୍ରିୟାକୁ ଏଆଇସିସି ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରୁଛି । କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡ଼ି.କେ.ଶିବକୁମାରଙ୍କୁ ଏହି ବିଧାୟକମାନଙ୍କୁ ଆତିଥ୍ୟ ଦେବା ପାଇଁ ଏଆଇସିସି ପକ୍ଷରୁ କୁହାଯାଇଥିବା ମଧ୍ୟ ଏହି ସୂତ୍ରରୁ ସୂଚନା ମିଳିଛି।

ଭକ୍ତଙ୍କ ସାଥୀରେ ବେଙ୍ଗାଲୁର ଟିମ୍‌ରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବରିଷ୍ଠ ବିଧାୟକ ତାରା ବାହିନୀପତିଙ୍କ ସହ ଅନ୍ୟ ୬ ବିଧାୟକ ସାମିଲ ହୋଇ ନାହାନ୍ତି। ତେବେ ଶୁକ୍ରବାର ସନ୍ଧ୍ୟାସୁଦ୍ଧା ଆଉ କିଛି ବିଧାୟକ ଦିଲ୍ଲୀ ଗସ୍ତରେ ଯାଇପାରନ୍ତି ବୋଲି ଜଣାପଡ଼ିଛି । ସଂଖ୍ୟା ନ ଥିବା ସତ୍ତ୍ୱେ ବିଜେପି ବାରମ୍ବାର ନିଜର ଦୁଇ ପ୍ରାର୍ଥୀଙ୍କ ସହ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ନେଇ ଦମ୍ଭୋକ୍ତି ପ୍ରକାଶ କରୁଥିବାରୁ ଘୋଡ଼ା ବେପାର ଆଶଙ୍କାରେ କଂଗ୍ରେସ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି ।

### ସ୍ତ୍ରୀ, ବୋହୂ ଓ...

(୪) । କୁଣ୍ଢେଇଗୋଳା ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ରମେଶ ଗରିଆ(୫୨) ଫେରାର୍ ହୋଇଯାଇଛି । ପୁଲିସ ତାକୁ ଧରିବାକୁ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛି । ଅପରପକ୍ଷେ ଏହି ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି ।

ସୂଚନାନୁଯାୟୀ, ସମ୍ପତ୍ତି ଲୋଭରେ ଅଭିଯୁକ୍ତ ରମେଶ ଅନ୍ଧ ପାଲଟିଯାଇଥିଲା। ଶ୍ୱଶୁର ଘର ସମ୍ପତ୍ତିରୁ ଅର୍ଦ୍ଧେକ ଦାବି ପାଇଁ ସେ ସ୍ତ୍ରୀ ଉପରେ ଚାପ ପକାଇ ଆସୁଥିଲା। ତାହା ବ୍ୟର୍ଥ ହେବା ଜାଣି ରମେଶ ରକ୍ତଚାଉଳ ଚୋବାଉଥିଲା। ଶେଷରେ ସଇତାନ ସାଜି ସ୍ତ୍ରୀ, ବୋହୂ ଓ ୪ ବର୍ଷୀୟା ନାତୁଣୀକୁ ହାତୁଡ଼ିରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାକାଣ୍ଡ ପରେ ରମେଶ ଫେରାର୍ ହୋଇଯାଇଛି। ରମେଶର ପୁଅ ଧୀରେନଙ୍କ ଏତଲା ଆଧାରରେ କୁଣ୍ଢେଇଗୋଳା ପୁଲିସ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ମୃତଦେହଗୁଡ଼ିକ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇଛି। ଫେରାର ଅଭିଯୁକ୍ତକୁ ଖୋଜିବା ପାଇଁ ଦେବଗଡ଼ ଏସ୍‌ପି ଅନିଲ ମିଶ୍ରଙ୍କ ନିର୍ଦ୍ଦେଶରେ ପୁଲିସର ଏକାଧିକ ଦଳ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଛନ୍ତି। ଘଟଣାସ୍ଥଳରେ ଏସ୍‌ପି ଅନିଲ ମିଶ୍ର ତଦନ୍ତ କରିଛନ୍ତି।

ଏସ୍‌ଡିପିଓ ରମେଶ ମାହାନା ଓ ଥାନା ଅଧିକାରୀ ଜୋହାନ କୁଜୁରଙ୍କ ସହ ତଦନ୍ତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଅଭିଯୁକ୍ତକୁ କାବୁ କରିବା ପରେ ହତ୍ୟାକାଣ୍ଡ ପଛର ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ, ମୃତ ଶିଶୁକନ୍ୟା ଈଶାନୀକୁ ଧରି ପିତା ଧୀରେନ ସାମ୍ନାରେ ମା' ଓ ସ୍ତ୍ରୀଙ୍କ ମୃତଦେହ ପଡିଥିବା ଦେଖି ଏକପ୍ରକାର ପଥର ପାଲଟି ଯାଇଛନ୍ତି।


25001/335/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, KUCHINDA**
**E-mail-eerw kuchinda@yahoo.com**

**Identification No Online Tender /24/ RWD, Kuchinda / 2025-26.**

**Letter No. 3208** **Date.11.03.2026**

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Road Work. | | |
| 2. | No. of work | : | 02 Nos |
| 3. | Nature of Work | : | Road Repair |
| 4 | Class of Contractor | : | "D","C"&"B" |
| 5 | Approx Value of Work | : | 1.32Lakhs to 42.16Lakhs |
| 6 | Tender Cost | : | 600 & 6000 |
| 7 | Availability of Bid Documents in the Website | : | 13.03.2026 **at 11. A.M to** 19.03.2026 **at 5.00 P.M** |
| 8 | Last date & time for seeking clarification | : | 18.03.2026 at5.00P.M |
| 9 | Date of Opening of Bid | : | 20.03.2026 **at 11.00 A.M** |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

OIPR-25001/25151/1/25-26/0023

**Superintending Engineer**
**Rural Works Division, Kuchinda**

## LOST

I, Surendra Nayak, S/o- Late Bhagabat Nayak resident of LIC Jeevan Anand Apartment, Khandagiri, Bhubaneswar-751030 have lost my original Sale Deed bearing No. 5639 dated 05.06.1987. If found, please contact my phone no. 9937140838.

## LOST

**I, Chita Ranjan Pal,** aged about 47 years, S/o.: Bijay Kumar Pal, resident of At: Plot No.: 8645/9452, Khandagiri Bari, PO./P.S. Khandagiri, Ghatikia, Bhubaneswar, Odisha-751030 declare that I had lost/misplaced my Sale Deed bearing No.: 11131210697, somewhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the **SMFG INDIA CREDIT COMPANY LTD,** At: 2nd Floor, Kalinga Complex, Bhubaneswar - 751009, within **15 days** from the date of publication and after that the documents will lose its legal force and **SMFG INDIA CREDIT COMPANY LTD,** will not be responsible for any claim what-so-ever on the property after **15 days.**

**SMFG INDIA CREDIT COMPANY LTD, Branch (Bhubaneswar),**
**Advocate Bijaya Jena,**
**Mob.: 98610 31010 Advocate**
**Fagu Samal.**
**Mob.: 9114320991**

ସକାଳ
THE SAKALA



# ପେଟ୍ରୋଲ୍, ଡିଜେଲ୍, ଗ୍ୟାସ୍ ମହଜୁଦ ଅଛି

## ଆତଙ୍କିତ ହେବା ଆବଶ୍ୟକ ନାହିଁ: ଜିଲ୍ଲାପାଳ




**ନୟାଗଡ଼,୧୨ ।୩(ସମିସ):** ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ପେଟ୍ରୋଲ, ଡିଜେଲ୍ ଓ ଗ୍ୟାସ ଯୋଗାଣରେ ବାଧା ଉପୁଜିଛି। କିନ୍ତୁ ଉପଭୋକ୍ତାଙ୍କ ପାଇଁ କୌଣସି ଅସୁବିଧା ନାହିଁ। ନୟାଗଡ଼ ଜିଲ୍ଲାରେ ଆବଶ୍ୟକ ପରିମାଣର ପ୍ରେଟୋଲ୍, ଡିଜେଲ୍ ଓ ଗ୍ୟାସ ମହଜୁଦ ରହିଛି ବୋଲି ଗୁରୁବାର ଜିଲ୍ଲାପାଳ ମଧୁମିତା ରଥ ଏକ ସମୀକ୍ଷା ବୈଠକରେ ଆଲୋଚନା କରିବା ସହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଜିଲ୍ଲାପାଳ ରଥଙ୍କ ଅଧ୍ୟକ୍ଷତାରେ ଏଲପିଜି ଗ୍ୟାସ ସିଲିଣ୍ଡରର ଆବଶ୍ୟକତା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏସ୍‌ପି ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ମୁଖ୍ୟ ଚିକିତ୍ସା ଅଧିକାରୀ ନୀଳିମା ଲାକ୍ରା ଯୋଗଦେଇଥିଲେ। ନୟାଗଡ଼ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟାପ୍ତ ଗ୍ୟାସ ସିଲିଣ୍ଡର ମହଜୁଦ ଅଛି ଏବଂ ଲୋକେ ଭୟଭୀତ ନ ହେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସମସ୍ତ ଗ୍ୟାସ ବିତରକଙ୍କ ସହ ସୁଚାରୁରୂପେ ଯୋଗାଣ ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଗ୍ୟାସ ବିତରଣ ବେଳେ ଗଣ୍ଡଗୋଳର ସମ୍ମୁଖୀନ ନ ହେବା ପାଇଁ ଉପଜିଲ୍ଲାପାଳ, ତହସିଲଦାର, ଥାନା ଅଧିକାରୀ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ମାର୍କେଟିଂ ଇନ୍ସପେକ୍ଟର (ଏମ୍‌ଆଇ) ମାନେ ନୋଡାଲ ଅଧିକାରୀ ଭାବେ ଗ୍ୟାସ ଏଜେନ୍ସିଙ୍କୁ ସହଯୋଗ କରିବେ। ଯୋଗାଣ ଅଧିକାରୀଙ୍କୁ ହେଲ୍ପଲାଇନ ନମ୍ବର ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲ। ଏତଦ୍ ବ୍ୟତୀତ ଜିଲ୍ଲା ଓ ବ୍ଲକସ୍ତରୀୟ କମିଟି ଗଠନ କରାଯିବାକୁ ସ୍ଥିର କରାଯାଇଛି। କଳାବଜାରୀ ରୋକିବାକୁ ଜିଲ୍ଲା ସ୍ତରରେ ଏହି କମିଟି ଗଠନ କରାଯାଇଛି। କମିଟିରେ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ଯୋଗାଣ ବିଭାଗ ଅଧିକାରୀମାନେ ସାମିଲ ରହିଛନ୍ତି। ନିୟମ ଅନୁସାରେ ହିତାଧିକାରୀଙ୍କୁ ଗ୍ୟାସ ଯୋଗାଣ କରିବାକୁ ସମସ୍ତଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କୌଣସି ହିତାଧିକାରୀଙ୍କୁ ହଇରାଣ ନ କରିବାକୁ କୁହାଯାଇଛି। ଏହା ସହ ସମସ୍ତ କାଉଣ୍ଟରରେ ଗ୍ୟାସ ମହଜୁଦ ଥିବା ନେଇ ଫଳକ ଲଗାଇବାକୁ ବିତରକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ହିତାଧିକାରୀଙ୍କୁ ଆବଶ୍ୟକତା ଅନୁସାରେ ଗ୍ୟାସ ଯୋଗାଇ ଦିଆଯିବ। ସମସ୍ତ ସରକାରୀ ଅନୁଷ୍ଠାନ ତଥା ଜେଲ, ଅଙ୍ଗନବାଡି କେନ୍ଦ୍ର, ଅନାଥ ଆଶ୍ରମ, ଆହାର କେନ୍ଦ୍ର, ଆଦିବାସୀ ହଷ୍ଟେଲ ପ୍ରଭୃତି ସ୍ଥାନକୁ ବ୍ୟବସାୟିକ ସିଲିଣ୍ଡର ଯୋଗାଇ ଦିଆଯିବ। ହୋଟେଲ୍ ଓ ଘରୋଇ ଅନୁଷ୍ଠାନକୁ ବ୍ୟବସାୟିକ ସିଲିଣ୍ଡର ଯୋଗାଣ ବନ୍ଦ କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଆଗାମୀ ଏକ ମାସ ପର୍ଯ୍ୟନ୍ତ କୌଣସି ଅସୁବିଧା ରହିବ ନାହିଁ।

### ହୋଟେଲ୍ ଓ ଢାବାରେ ଘରୋଇ ଗ୍ୟାସ ବ୍ୟବହାର

ନୟାଗଡ଼ ଜିଲ୍ଲାରେ ଥିବା ୯୦ ପ୍ରତିଶତ ହୋଟେଲ୍ ଓ ଢାବାରେ ଘରୋଇ ଗ୍ୟାସ ବ୍ୟବହାର ହେଉଛି। ଗ୍ୟାସ ବିତରକଙ୍କ ସହ ଭିତିରିଆ ବୁଝାମଣା କରି ଏଭଳି ବେଆଇନ କାର୍ଯ୍ୟ ଚାଲିଛି। ଏ ନେଇ ଗୁରୁବାର ସାମ୍ବାଦିକମାନେ ଜିଲ୍ଲାପାଳଙ୍କ ନିକଟରେ ପ୍ରଶ୍ନ ରଖିଛନ୍ତି। ହୋଟେଲ, ଜଳଖିଆ ଦୋକାନ ଓ ଢାବାଗୁଡ଼ିକରେ ଘରୋଇ ଗ୍ୟାସ ସିଲିଣ୍ଡର ବହୁଳ ମାତ୍ରାରେ ବ୍ୟବହାର ହେଉଥିବା ନଜରକୁ ଆସୁଛି। ରାସ୍ତା ପାର୍ଶ୍ୱରେ ଥିବା ଉଠା ଦୋକାନ ସମେତ ଫାଷ୍ଟଫୁଡ୍ ଓ ଚା' ଦୋକାନରେ ଘରୋଇ ଗ୍ୟାସ ସିଲିଣ୍ଡର ବେପରୁଆ ଭାବେ ବ୍ୟବହୃତ ହେଉଛି। ବିଭିନ୍ନ ଗ୍ୟାସ ଏଜେନ୍ସିର କର୍ମଚାରୀମାନେ ବ୍ୟବସାୟୀଙ୍କଠାରୁ ସିଲିଣ୍ଡର ପିଛା ୨ ଶହରୁ ଅଧିକ ଟଙ୍କା ନେଇ ସେମାନଙ୍କୁ ଏକକାଳୀନ ଏକାଧିକ ଘରୋଇ ଗ୍ୟାସ୍ ଟାଙ୍କି ଯୋଗାଇ ଦେଉଥିବା ନେଇ ସାଧାରଣରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ଫଳରେ ପ୍ରତ୍ୟେକ ମାସରେ ବିଭିନ୍ନ ଗ୍ୟାସ୍ ଏଜେନ୍ସି ନିକଟରେ ଘରୋଇ ସିଲିଣ୍ଡର ଅଭାବ ପରିଲକ୍ଷିତ ହେଉଛି। ଏପରିକି ଗ୍ୟାସ ବ୍ୟବହାର କରୁଥିବା ଉପଭୋକ୍ତାମାନେ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକ ଗ୍ୟାସ ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏହା ଉପରେ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ସୂଚନା ଦେଇ କହିଲେ ଯେ ଜିଲ୍ଲାରେ ଆବଶ୍ୟକ ପରିମାଣର ପେଟ୍ରୋଲ, ଡିଜେଲ ଓ ଗ୍ୟାସ ମହଜୁଦ ରହିଛି। ଜନସାଧାରଣ ଆତଙ୍କିତ ହେବାର କୌଣସି ଆବଶ୍ୟକତା ନାହିଁ। ଏଥିପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଥିବା ସେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ମୁରଲୀକ୍ରିଷ୍ଣା ରାଓ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମୀଣ ହାଟ ଉଦ୍‌ଘାଟିତ, ମହିଳା ଦିବସ ପାଳିତ



**ଗଣିଆ,୧୨ ।୩(ସମିସ):** ଗଣିଆ ହାଟ ପଡ଼ିଆରେ ନାବାର୍ଡ ସହାୟତାରେ ନିର୍ମାଣ କରାଯାଇଥିବା ଗ୍ରାମୀଣ ହାଟ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ନାବାର୍ଡ ଜିଏମ୍ ସମିର ରଞ୍ଜନ ସାମନ୍ତରା, ସମ୍ମାନିତ ଅତିଥି ଭାବେ ନାବାର୍ଡର ଜିଲ୍ଲା ଉନ୍ନୟନ ପରିଚାଳିକା ତୃପ୍ତି ତାପସୀ, ସିଡିପିଓ ଉଷାରାଣୀ ସାହୁ, ସୁପରଭାଇଜର କଳ୍ପନା ମିଶ୍ର, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ଗଣିଆ ଉନ୍ନୟନ କମିଟି ସଭାପତି ଉଷା ପଟ୍ଟନାୟକ, ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ହାଟରେ ବ୍ୟବସାୟୀମାନଙ୍କ ପାଇଁ ୪୮ଟି ପିଣ୍ଡି ସହ ଗୋଦାମ ଗୃହ ଏବଂ ଶୌଚାଳୟ ନିର୍ମାଣ କରାଯାଇଛି। ମୁଖ୍ୟଅତିଥି ଗଣିଆ ହାଟରେ ବ୍ୟବସାୟୀଙ୍କ ସହିତ ଆଲୋଚନା କରିଥିବା ବେଳେ ସେମାନେ ଏକ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଗଣିଆ ଉନ୍ନୟନ କମିଟି ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଥିଲା। ମହିଳାମାନେ ସବୁ କ୍ଷେତ୍ରରେ ଆଗକୁ ଆସିବା ଆବଶ୍ୟକ ବୋଲି ମୁଖ୍ୟଅତିଥି ମତ ଦେଇଥିଲେ। ରାଜ୍ୟରେ ଲକ୍ଷ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଆଗକୁ ଆସି ନିଜ ପରିବାର ପ୍ରତିପୋଷଣ କରିପାରିଛନ୍ତି। ମହିଳାଙ୍କ ଦ୍ୱାରା ମାଣ୍ଡିଆରୁ ତିଆରି ଅନେକ ଖାଦ୍ୟ ସାମଗ୍ରୀକୁ ଅତିଥିମାନେ ପରିଦର୍ଶନ କରିଥିବା ବେଳେ ତା'ର ସ୍ୱାଦ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବାରୁ ପ୍ରଶଂସା କରିଥିଲେ। ନୟାଗଡ଼ ଜିଲ୍ଲାର ଶ୍ରେଷ୍ଠ ଉଦ୍ୟୋଗୀ ଭାବେ ରଣପୁରର ଲକ୍ଷ୍ମୀପ୍ରିୟା ଦଳବେହେରା, ସୁଷମା ପାତ୍ର, ଦଶପଲ୍ଲା ଜୟଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀର ନିରୁପମା ମେହେର, ସୁଭାଷିନୀ ମେହେର, ବେଳପଡ଼ାପାଟଣାର ଉଷାରାଣୀ ପଣ୍ଡା, କାଦୁଆର ମମତା ମହାନ୍ତି, ଇନ୍ଦିପଟାର ରଞ୍ଜୁଲତା ପଣ୍ଡା, ଗଣିଆର ଗାରିମା ଗ୍ରାମ୍ୟ ଦୋକାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଉଷା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁହୁଡ଼ି ଉଜାଡ଼ିଦେଲା ଆମ୍ବ ଫସଲ

**ଭାପୁର,୧୨ ।୩(ସମିସ):** ଏବର୍ଷ ଭାପୁର ବ୍ଲକ ଅଞ୍ଚଳରେ କୁହୁଡ଼ି ଆମ୍ବ ଫସଲ ଉଜାଡ଼ି ଦେଇଛି। ନୟାଗଡ଼ ଜିଲ୍ଲା ବିଶେଷ କରି ଭାପୁର ବ୍ଲକ ଅଞ୍ଚଳରେ ବହୁଳ ଭାବେ ଆମ୍ବ ଗଛ ରହିଛି। ଗାଁ ଗହଳିରେ ଆମ୍ବ ସିଜିନିରେ ଲୋକମାନେ ୪ ମାସ ଆମ୍ବ, ଆମ୍ବସଢ଼ା ସହ ଆମ୍ବ ସହିତ ଜଡ଼ିତ ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଖାଇଥାନ୍ତି। ଗ୍ରାମାଞ୍ଚଳରେ ଆମ୍ବ ଏକ ଶସ୍ତା ଓ ସ୍ୱାଦିଷ୍ଟ ଖାଦ୍ୟ ହୋଇଥାଏ। ମାତ୍ର ଏ ବର୍ଷ ଆମ୍ବ ଫସଲ କାଁଭାଁ ଦେଖିବାକୁ ମିଳୁଛି। ଏ ବର୍ଷ ପ୍ରବଳ ବଉଳ ହୋଇଥିଲା। ଏହାକୁ ଦେଖି ଲୋକମାନେ କହୁଥିଲେ ଯେ ଏ ବର୍ଷ ଗାଈଗୋରୁ ଆମ୍ବ ଖାଇବେ। ମାତ୍ର ଲଗାତର କୁହୁଡ଼ି ହେବା ଦ୍ୱାରା ଅଧିକାଂଶ ଆମ୍ବ ବଉଳ ପୋଡ଼ି କଳା ପଡ଼ିଯାଇଛି। ଫଳରେ ଆମ୍ବ ଫସଲ ଉଜୁଡ଼ି ଯାଇଛି।

# ସୁର୍କାବାଡ଼ି-ରାଜ ସୁନାଖଳା ରାସ୍ତା ମରଣଯନ୍ତା

**ରଣପୁର,୧୨ ।୩(ସମିସ):** ରଣପୁର ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ସୁର୍କାବାଡ଼ିଠାରୁ ରାଜସୁନାଖଳା ୧୦ କିଲୋମିଟର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଯାତାୟାତରେ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଶେଷକରି ବାଇକ୍, ଅଟୋ ଭଳି ଛୋଟ ଗାଡ଼ି ଚଳାଚଳ କାଠିକର ପାଠ ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଭାରୀଯାନ ଚଳାଚଳ କରିବା ସହ ଲୋକମାନେ ଜରୁରୀ କାର୍ଯ୍ୟ ତଥା ଡାକ୍ତରଖାନା, ସରକାରୀ କାର୍ଯ୍ୟ ସହ ରେଳ ଷ୍ଟେସନ, ଛାତ୍ରଛାତ୍ରୀମାନେ ସ୍କୁଲ କଲେଜ ଯାଇଥାନ୍ତି। ବର୍ତ୍ତମାନ ରାସ୍ତା ଏତେ କଦର୍ଯ୍ୟ ହେଇପଡ଼ିଛି ଯେ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବର୍ଷା ହେବା ମାତ୍ରକେ ରାସ୍ତାରେ ଥିବା ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ଚାଳକ ହଠାତ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି।

ପାନୀୟ ଜଳ ଯୋଗାଣ ନାଁରେ ଠିକାଦାର ରାସ୍ତା ତାଡ଼ି ପାଇପ ପୋତିବା ଦ୍ୱାରା ରାସ୍ତା ମରଣଯନ୍ତା ପାଲଟିଛି। ପ୍ରତିଦିନ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ସବୁ ଦେଖି ଚୁପ ବସିରହିବା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଛି। ତୁରନ୍ତ ଏହି ରାସ୍ତା ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ତେବେ ଏହିରାସ୍ତା ୨ ଥାକିଆ ହେବ ବୋଲି କିଛିଦିନ ପୂର୍ବେ ଘୋଷଣା କରାଯାଇଛି। ଏହି ଘୋଷଣା ଏବେ ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ଅବଗତ କରାଇବାରୁ, ବର୍ତ୍ତମାନ ଟେଣ୍ଡର କାର୍ଯ୍ୟ ଚାଲିଛି ବୋଲି କହିଛନ୍ତି। ତେବେ କାର୍ଯ୍ୟ କେବେ ଆରମ୍ଭ ହେବ ନା ମିଛ ପ୍ରତିଶ୍ରୁତିରେ ରହିଜିବ ବୋଲି ଅଞ୍ଚଳବାସୀ କହିଛନ୍ତି।

## ● ବନମାଳୀପୁର ପଞ୍ଚୁଦୋଳ ଯାତ୍ରା ଓ ମହୋତ୍ସବ ଉଦଯାପିତ

# 'ଭାଇଚାରା ବଞ୍ଚି ରହିଲେ ମହୋତ୍ସବ ଆଗକୁ ବଢ଼ିପାରିବ'





**ଖଣ୍ଡପଡ଼ା,୧୨ ।୩(ସମିସ):** ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଓ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ବାବା ସୋମନାଥ ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଗ୍ରାମ ସଭାପତି ରାଧାନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଯୋଗଦେଇ ତୃତୀୟ ସନ୍ଧ୍ୟାକୁ ଉଦଘାଟନ କରିଥିଲେ। ଭାଇଚାରା ବଞ୍ଚିରହିଲେ ମହୋତ୍ସବ ଆଗକୁ ବଢ଼ିପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ବନମାଳୀପୁର ସରପଞ୍ଚ ବାସନ୍ତୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଜନ୍ମେଜୟ ଦଳେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ହାସ୍ୟ ଅଭିନେତା କାହ୍ନୁ ବାରିକ ଓରଫ ନାଲିଆମ୍ବ ଦର୍ଶକଙ୍କୁ ହସାଇ ବେଦମ କରିଥିବା ବେଳେ ଖୋର୍ଦ୍ଧାରୁ ଆସିଥିବା ନୃତ୍ୟଶିଳ୍ପୀମାନେ ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ମାଧ୍ୟମରେ ଦର୍ଶକଙ୍କ ମନ ମୋହିଥିଲେ। ସାମ୍ବାଦିକ, ୱାର୍ଡ ସଭ୍ୟ, ଗ୍ରାମ ସଭାପତି ଓ ସାମାଜିକ, ସାଂସ୍କୃତିକ, କଳା, ସାହିତ୍ୟ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ସମସ୍ତ ଦେବନୀତି ପରେ ଯାତ୍ରା ପଡ଼ିଆରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଦେବଦେବୀଙ୍କ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନିଜ ନିଜର ଆସ୍ଥାନକୁ ବାହୁଡ଼ିଥିଲେ। ଚାରିଦିନ ଧରି ଧୁମଧାମରେ ଶାନ୍ତିଶୃଙ୍ଖଳା ସହ ଯାତ୍ରାକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ।

**ଆଞ୍ଚଳିକ ବିକାଶ ପରିଷଦର ପଥପ୍ରାନ୍ତ ସଭା**

# ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ

**ଓଡ଼ଗାଁ/ଶରଣକୁଳ,୧୨ ।୩(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଣକୁଳରେ ଆଞ୍ଚଳିକ ବିକାଶ ପରିଷଦର ପକ୍ଷରୁ 'ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ' ଶୀର୍ଷକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି। ସଭାରେ ଅଭିଯୋଗ କରାଯାଇଛି ଯେ ଏହି ଆକ୍ରମଣରେ ଇରାନର ରାଷ୍ଟ୍ରମୁଖ୍ୟ ଖାମେନୀଙ୍କ ପରିବାର ସଦସ୍ୟମାନଙ୍କୁ ହତ୍ୟା କରାଯିବା ସହ ଏକ ବିଦ୍ୟାଳୟ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ୧୬୦ ନିରୀହ ଶିଶୁଙ୍କୁ ହତ୍ୟା କରାଯାଇଛି। ଏପରି ଘଟଣା ମଧ୍ୟପ୍ରାଚ୍ୟରେ ଆତଙ୍କ ସୃଷ୍ଟି କରିବା ସହ ସାରା ବିଶ୍ୱରେ ଯୁଦ୍ଧର ଭୟାବହ ପରିସ୍ଥିତି ସୃଷ୍ଟି କରୁଛି ବୋଲି ବକ୍ତାମାନେ କହିଥିଲେ। ସଭାରେ ଗୋଲଖ ବିହାରୀ ମୁଦୁଲି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର ଯୋଗଦେଇ କହିଲେ ଯେ ଆମେରିକାର ସାମ୍ରାଜ୍ୟବାଦୀ ଆକ୍ରମଣ ଯୋଗୁଁ ବିଶ୍ୱରେ ଅଶାନ୍ତି ଓ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଧନଜୀବନର ଭାରି କ୍ଷତି ଘଟୁଥିବା ସହ ଦରଦାମ ବୃଦ୍ଧି ପାଇ ସାଧାରଣ ଲୋକେ ସବୁଠାରୁ ବେଶୀ ପ୍ରଭାବିତ



ହେଉଛନ୍ତି। ତେଣୁ ଯୁଦ୍ଧ ନୁହେଁ, ଆମେ ଶାନ୍ତି ଚାହୁଁ ବୋଲି ସେ ମତ ପ୍ରକାଶ କରିଥିଲେ। ଶୀଘ୍ର ଯୁଦ୍ଧ ବନ୍ଦ ପାଇଁ ଅନ୍ତର୍ଜାତୀୟସ୍ତରରେ ପଦକ୍ଷେପ ନିଆଯିବାକୁ ଦାବି କରିଥିଲେ। ସଭାରେ ସୁଶାନ୍ତ ମହାପାତ୍ର, ସରୋଜ ନାଏକ, ଆଲୋକ ପ୍ରଧାନ, ଅଧ୍ୟାପକ ଯୁଧିଷ୍ଠିର ଖଟେଇ, ଧନେଶ୍ୱର ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇ ଯୁଦ୍ଧ ବନ୍ଦ କରି ବିଶ୍ୱରେ ଶାନ୍ତି ସ୍ଥାପନ ପାଇଁ ମତ ପ୍ରକାଶ ପାଇଥିଲା।

# ୫ ବର୍ଷ ପରେ ବି ସରୁନି କାଳିଗିରି ପୋଲ ନିର୍ମାଣ





**ନୟାଗଡ଼/ଭାପୁର,୧୨ ।୩(ସମିସ):** ଅଞ୍ଚଳର ବିକାଶ ଏହାର ଗମନାଗମନ ଓ ରାସ୍ତାଘାଟ ଉପରେ ନିର୍ଭର କରିଥାଏ। ମାତ୍ର ଠିକାଦାରଙ୍କ ମନମାନି ଓ ପ୍ରଶାସନିକ ସ୍ଥାଣୁତା ଯେ କିପରି ଲକ୍ଷ ଲକ୍ଷ ଲୋକଙ୍କ ପ୍ରଗତିରେ ବାଧକ ହୋଇପାରେ ତାହା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କାଳିଗିରି ପୋଲ ଏକ ଜ୍ୱଳନ୍ତ ଉଦାହରଣ। ଖୋର୍ଦ୍ଧା ଜିଲ୍ଲା ବାଘମାରିରୁ କଳାପଥର, ଫତେଗଡ଼, କଣ୍ଟିଲୋ ଦେଇ ଦଶପଲ୍ଲାକୁ ସଂଯୋଗ କରୁଥିବା ୪୮ ନମ୍ବର ରାଜ୍ୟ ରାଜପଥର ଫତେଗଡ଼ଠାରେ ଥିବା କାଳିଗିରି ପୋଲ ପୂର୍ବରୁ ନିଚ୍ଚା ଥିବାରୁ ମହାନଦୀର ବନ୍ୟା ପାଣି ଆସିଲେ ଏହା ବୁଡ଼ିଯାଇଥାଏ। ଜିଲ୍ଲାର ଭାପୁର, ଖଣ୍ଡପଡ଼ା, ଗଣିଆ ଓ ଦଶପଲ୍ଲା ବ୍ଲକର ଜୀବନରେଖା ଭାବେ ଏହି ରାସ୍ତା ପରିଚିତ। ଏହି ପୋଲ ଯୋଗୁଁ ବର୍ଷାଦିନେ ରାଜଧାନୀ ସହ ଅନେକ ସମୟରେ ଅଞ୍ଚଳବାସୀଙ୍କ ସଂଯୋଗ କଟିଯାଇଥାଏ। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ରାଜ୍ୟ ସରକାର ଏହି ନଦୀ ଉପରେ ଉଚ୍ଚସ୍ତରୀୟ ନୂତନ ପୋଲ ନିର୍ମାଣ ପାଇଁ ୧୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପୋଲର ଉଚ୍ଚତା ଅଧିକ ହେବା ସହ ଅଧିକ ପ୍ରଶସ୍ତ ମଧ ହେବ। ଏହାର ଟେଣ୍ଡର ଭୁବନେଶ୍ୱର ତକ୍ଷଶିଳା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍ ନେଇ ୨୦୨୧ରୁ କାର୍ଯ୍ୟ ଆରମ୍ଭ କରିଛି। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ଏପ୍ରିଲରେ ସରିବା କଥା। ମାତ୍ର ନିର୍ମାଣ ସମ୍ପୂର୍ଣ୍ଣ ହେବାର ଅବଧି ସରିବାର ଚାରି ବର୍ଷ ପରେ ଏହା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ପୋଲ ନିର୍ମାଣ ପ୍ରାୟ ଶେଷ ହୋଇଥିବା ବେଳେ ଆପ୍ରୋଚ୍ ରୋଡ୍ ନିର୍ମାଣ ମନ୍ଥର ଗତିରେ ଚାଲିଛି। ଠିକାଦାରଙ୍କ ଏପରି ମନମାନି ଓ ଶିଥିଳତା ପଛରେ ବିଭାଗୀୟ ବଡ଼ପଣ୍ଡାମାନଙ୍କ ଆଶୀର୍ବାଦ ରହିଛି। ଏପରିକି ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କ କଥାକୁ କୁଆଡ଼େ କର୍ଣ୍ଣପାତ କରୁ ନ ଥିବା ଆଲୋଚନା ହେଉଛି। କେବେ ଏହାର ନିର୍ମାଣ ସରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଦୁର୍ଦ୍ଦଶା ଭୋଗୁଛନ୍ତି ପଥଚାରୀ**

# ରାତିରେ ବୁହା ହେଉଛି ମାଙ୍କଡ଼ା ପଥର

## ● ବେଆଇନ ଖଣିରେ ୧୬୩ ଧାରା ଲଗାଇବାକୁ ଦାବି

**ଓଡ଼ଗାଁ,୧୨ ।୩(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଓ ଆଖପାଖ ଅଞ୍ଚଳକୁ ପ୍ରତି ରାତିରେ ବିପୁଳ ପରିମାଣରେ ଚୋରା ମାଙ୍କଡ଼ା ପଥର ଆସୁଛି। କୋମଣ୍ଡ ରାଜସ୍ୱ ଅଞ୍ଚଳର ଭଗବତୀପ୍ରସାଦ ଓ ଆଖପାଖ ମାଙ୍କଡ଼ା ଖଣିରୁ ଦୈନିକ ବେଆଇନ ଭାବେ ପଥର କଟାଯାଇ ରାତିରେ ଟ୍ରାକ୍ଟର ଓ ମିନିଟ୍ରକ ଯୋଗେ ଓଡ଼ଗାଁ ଅଞ୍ଚଳକୁ ଚାଲାଣ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଖଣି ଅଞ୍ଚଳରେ ରାତିରେ ଗୁପ୍ତ ଭାବେ ପଥର କଟାଯାଇ ଶତାଧିକ ଟ୍ରିପ୍ ପଥର ଚାଲାଣ ହେଉଛି। ଚଢ଼ାଉ ସମ୍ବନ୍ଧୀୟ ସୂଚନା ବହୁ ପୂର୍ବରୁ ମାଫିଆମାନେ ଗୁପ୍ତଚରଙ୍କ ଜରିଆରେ ପାଇଯାଉଥିବାରୁ



ଖଣି ବିଭାଗ ଓ ପୁଲିସର ଅଭିଯାନ ବାରମ୍ବାର ବିଫଳ ହେଉଛି। ଏହି ପରିସ୍ଥିତିରେ ବେଆଇନ ଖଣି କାର୍ଯ୍ୟକଳାପ ଚାଲୁଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେଠାରେ ପ୍ରାଶାସନିକ ବିଧିରେ ବିଏନ୍‌ଏସ୍‌ଏସ୍‌ର ୧୬୩ ଧାରା ଲାଗୁ କରି ଏହାକୁ ରୋକିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଚୋରା ଚାଲାଣ ସମୟରେ ଧରାପଡୁଥିବା ଗାଡ଼ିଗୁଡ଼ିକୁ ପ୍ରାଥମିକ ଭାବେ ଅଳ୍ପ ଜରିମାନା କରି ଛାଡ଼ି ଦିଆଯାଉଛି। ଉକ୍ତ ଗାଡ଼ିଗୁଡ଼ିକ ଦ୍ୱିତୀୟ ବାର ଧରାପଡ଼ିଲେ ପ୍ରଶାସନ ବାଜାପ୍ତି କରିବା ଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଆପଣାଇଲେ କେତେକାଂଶରେ ଚୋରା ଚାଲାଣରେ ଅଙ୍କୁଶ ଲଗିପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏପଟେ ବେଆଇନ ଖଣି କାର୍ଯ୍ୟକଳାପର ପରିଣାମରେ ପ୍ରାକୃତିକ ପରିବେଶ ଉପରେ ଗଭୀର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଖଣି ଅଞ୍ଚଳରେ ଥିବା ଗଛ କାଟି ଭୂମିକୁ ଉଜାଡ଼ି ଉର୍ବର ମାଟିକୁ ହଟାଇ ପଥର କଟାଯାଉଛି। ଏହାର ପ୍ରଭାବରେ ସ୍ଥାନୀୟ ନଳକୂଅ, କୂଅ ଓ ପୋଖରୀର ପାଣି ଶୀଘ୍ର ଶୁଖିଯାଉଥିବା ଅଭିଯୋଗ ମଧ ଆସୁଛି। ପ୍ରକୃତିର ସନ୍ତୁଳନ ରକ୍ଷା ନିମନ୍ତେ ବେଆଇନ ଖଣିକୁ ରୋକିବା ନିମନ୍ତେ ପ୍ରଶାସନର ଦୃଢ଼ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଜଳ ଅଭାବ ସୃଷ୍ଟି କଲାଣି ସାଂଘାତିକ ସମସ୍ୟା**

# ମହାନଦୀ ଖୋଜୁଛି ମଧୁର ଚିଙ୍ଗୁଡ଼ି

**ନୟାଗଡ଼,୧୨ ।୩(ସମିସ)**

ନୟାଗଡ଼ ଜିଲ୍ଲା ଦେଇ ବୋହି ଯାଇଥିବା ମହାନଦୀ ଶୁଖିଲା ପଡ଼ିଛି। ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା ପରଠାରୁ ମହାନଦୀ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବା ବେଳେ ଏବେ ଗୀଷ୍ମରତୁ ଆରମ୍ଭରୁ ଏହା ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଫଳରେ ମହାନଦୀ ଉପରେ ନିର୍ଭର କରି ଚଳୁଥିବା ନୟାଗଡ଼ ଜିଲ୍ଲା ବଡ଼ମୂଳଠାରୁ ଆରମ୍ଭ କରି କରବର ଯାଏଁ ଅନେକ ଗ୍ରାମବାସୀ ତଥା କୈବର୍ତ୍ତ ସମ୍ପ୍ରଦାୟ ଜୀବିକା ହରାଇବାକୁ ବସିଲେଣି। ଅନେକ ଏବେ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ଦୀର୍ଘ ୨୦ ବର୍ଷ ତଳକୁ ଲକ୍ଷ୍ୟ କଲେ ମହାନଦୀ ପାର ହେବାକୁ ନୌକା ଉପରେ ନିର୍ଭର କରିବାକୁ ପଡୁଥିଲା। ଫଳରେ ନଦୀର ବିଭିନ୍ନ ସ୍ଥାନରେ ଘାଟ କରାଯାଇ ନୌକା ଦ୍ୱାରା ନଦୀ ପାର କରାଯାଉଥିଲା। ଏହା ଦ୍ୱାରା ଶହ ଶହ କୈବର୍ତ୍ତ ପରିବାରର ହଜାର ହଜାର ପେଟକୁ ଦାନା ମିଳୁଥିଲା। ନୟାଗଡ଼ ଜିଲ୍ଲା ସିଧାମୂଳାଠାରେ ବ୍ରିଜ ନିର୍ମାଣ



ପରେ ଗମନାଗମନ ସୁବିଧା ହୋଇଥିଲେ ମଧ ଅଧାରୁ ଅଧିକ କୈବର୍ତ୍ତ ପରିବାର ଜୀବିକା ହରାଇଥିଲେ। ଅନେକେ ମହାନଦୀରେ ମାଛଧରି ପେଟ ପୋଷୁଥିବା ବେଳେ ଅନେକ ଚାଷବାସକୁ ଆପଣାଇଥିଲେ। ବିଗତ ଦିନରେ ନୟାଗଡ଼ ସମେତ ଖୋର୍ଦ୍ଧା ଓ କନ୍ଧମାଳ ଜିଲ୍ଲାକୁ ମହାନଦୀରୁ ମାଛ ପଠାଯାଉଥିଲା। ମହାନଦୀରୁ ଏକ ସ୍ୱତନ୍ତ୍ର ଧରଣର ମଧୁର ଚିଙ୍ଗୁଡ଼ି ରାଜ୍ୟ ବାହାରକୁ ରପ୍ତାନୀ କରାଯାଉଥିଲା। ଏହି ଚିଙ୍ଗୁଡ଼ି ଦୁଇ କିମ୍ବା ତିନିଟିରେ ଗୋଟିଏ କେଜି ହୁଏ। ହେଲେ ମହାନଦୀର ମଧୁର ଚିଙ୍ଗୁଡ଼ି ଏବେ ସ୍ୱପ୍ନ ପାଲଟିଛି। ଛତିଶଗଡ଼ ସରକାର ମହାନଦୀରେ ବ୍ୟାରେଜ ନିର୍ମାଣ କରିବା ପରେ ଧୀରେ ଧୀରେ ନଦୀର ଜଳସ୍ତର ହ୍ରାସ ପାଇଥିବା ବେଳେ ଏବେ ନଦୀର ଅନେକ ସ୍ଥାନରେ ପାଣି ଏତେ ମାତ୍ରରେ କମ ରହିଛି ଯେ ଯଦି ଜଣେ ଚାହିଁବ ଚାଲି ଚାଲି ନଦୀ ପାର ହେଇପାରିବ। ଯାହା ଫଳରେ ନଦୀରେ ମାଛ ସଂଖ୍ୟା ବହୁ ମାତ୍ରାରେ କମିଯାଇଛି। ଗଣିଆ ବ୍ଲକର ମହାନଦୀ ଅବବାହିକାରେ ଅବସ୍ଥିତ ଗ୍ରାମ ରାଉତପଡ଼ା, ଛାମୁଣ୍ଡିଆ, ବଡ଼ସିଲିଙ୍ଗା, ବଡ଼ମୂଳ, ଖଣ୍ଡପଡ଼ା ବ୍ଲକର ସିଧାମୂଳା, ବଡ଼ ବାଣପୁର, କଣ୍ଟିଲୋ ଏବଂ ଭାପୁର କରବର, ପଦ୍ମାବତୀ ଆଦି ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟ ଏବଂ ନୌକା ଚାଳକ ସେମାନଙ୍କ ଜୀବିକା ହରାଇବା ସହ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଅନ୍ୟପକ୍ଷେ କୈବର୍ତ୍ତଙ୍କ ପାଇଁ ଏବେ ପ୍ରମୁଖ ସମସ୍ୟା ପାଲଟିଛି ଡଙ୍ଗା। ସେତେବେଳର ଡଙ୍ଗା ସବୁ ଭାଙ୍ଗିରୁଜି ଆସୁଥିବା ବେଳେ ବର୍ତ୍ତମାନ ଗୋଟିଏ ଡଙ୍ଗା ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ରୋଜଗାର ନ ଥିବା ବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାହିଁକି ଡଙ୍ଗା ତିଆରି କରିବେ ବୋଲି ଅନେକ ମତ୍ସ୍ୟଜୀବୀ ପ୍ରଶ୍ନ କରିଛନ୍ତି। ଫଳରେ ଅନେକ କୈବର୍ତ୍ତ ପରିବାର ସୁଦୂର ଚିଲିକାରୁ ମାଛ ଏବଂ ଆନ୍ଧ୍ର ମାଛକୁ ନେଇ ସେମାନଙ୍କ ଜୀବିକା ଧରି ରଖିଥିବା ବେଳେ ଅନେକ ବାହାର ରାଜ୍ୟରେ ଦାଦନ ଖଟିଲେଣି। କଣ୍ଟିଲୋ ଏକ ପର୍ଯ୍ୟଟନସ୍ଥଳୀ ହେଉଥିବାରୁ ଏଠାକାର କିଛି କୈବର୍ତ୍ତ ଲୋକ କଣ୍ଟିଲୋ ନିକଟରେ ଡଙ୍ଗା ଏବଂ ବୋଟ ଦ୍ୱାରା ସେମାନଙ୍କ ପରିବାର ପୋଷୁଥିବା ବେଳେ ଜିଲ୍ଲାର ଅନ୍ୟ କୌଣସି ସ୍ଥାନରେ ଏହା ଆଉ ଦେଖାଯାଉ ନାହିଁ। ମହାନଦୀକୁ ନ ବଞ୍ଚାଇଲେ ଆଗାମୀ ଦିନରେ ଭୟାଭୟ ପରିସ୍ଥିତି ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଛି।

# ଗାଡ଼ି ଡିକିରୁ ୬୦ ଗ୍ରାମ ସୁନା ଅଲଙ୍କାର ସହ ଟଙ୍କା ଲୁଟ୍

ବାଲୁଗାଁ, ୧୨।୩(ସମିସ); ବାଲୁଗାଁ ଥାନା ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇପଡି ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଅଞ୍ଚଳରୁ ବାରମ୍ବାର ଲୁଟପାଟ ଚଲାଇଛନ୍ତି। ଗୁରୁବାର ସକାଳେ ବାଲୁଗାଁ ଥାନା ଅଧିନ ସୁବୁଦ୍ଧି ପାଟଣା ଗ୍ରାମର ଅଶୋକ କୁମାର ସାହୁ ଏକ ସ୍କୁଟି ଯୋଗେ ଟଙ୍କା ନେଇ ଆସି ବାଲୁଗାଁ ବାଣପୁର ରୋଡ ସ୍ଥିତ କାନାରା ବ୍ୟଙ୍କକୁ ଆସି ବ୍ୟାଙ୍କରେ ବନ୍ଧକ ରଖିଥିବା ନିଜର ୬୦ ଗ୍ରାମର ସୁନା ଅଲଙ୍କାର ମୁକୁଳାଇ ଆଣିଥିଲେ। ଅଶୋକ ଏକ ବ୍ୟାଗରେ ଉକ୍ତ ସୁନା ଅଲଙ୍କାର ସହ ନଗଦ ୧ଲକ୍ଷ ୪୪ହଜାର ଟଙ୍କା ରଖି ବ୍ୟଗ ଟିକୁ ନିଜ ସ୍କୁଟି ଡିକିରେ ରଖି ଗାଡି ନେଇ ନିଜ ସୁବୁଦ୍ଧିପାଟଣା ଗ୍ରାମକୁ ଫେରୁଥିଲେ। ବାଲୁଗାଁ ବଜାର ମୁଖ୍ୟ ରାସ୍ତାର ଇଂଜନପୁର ଛକର ଅନତି ଦୂରରେ ହେଲମେଟ ପିନ୍ଧି ଏକ ବାଇକ ଯୋଗେ ଅଶୋକଙ୍କୁ ପିଛାକରି ଆସୁଥିବା ଜଣେ ଦୁର୍ବୃତ୍ତ ପଛରୁ ଆସି ରାସ୍ତାରେ କିଛି ଟଙ୍କା ପକାଇ ଦେଇ ଆସି ଅଶୋକଙ୍କ ଗାଡିକୁ ଅଟକାଇ ତମର ଟଙ୍କା ପଡି ଯାଇଥିବାର କହିଥିଲେ। ଅଶୋକ ନିଜ ଗାଡିକୁ ଅଟକାଇ ସେଥିରୁ ଓହ୍ଲାଇ ପଛକୁ ଯାଇ ଟଙ୍କା ଗୋଟାଉ ଥିବା ସମୟରେ ଅନ୍ୟ ଦୁଇ ଜଣ ଦୁର୍ବୃତ୍ତ ହେଲମେଟ୍ ପିନ୍ଧି ଏକ ବାଇକରେ ଆସି ରାସ୍ତା କଡରେ ଆଉ ଟଙ୍କା ପଡିଥିବାର କହିଥିବା ବେଳେ ଅଶୋକ ଟଙ୍କା ଗୋଟାଉ ଥିବା ସମୟରେ ଜଣେ ଦୁର୍ବୃତ୍ତ ସ୍କୁଟିରେ ଚାବି ଲାଗିଥିବାରୁ ଡିକି ଖୋଲି ସୁନା ଅଲଙ୍କାର ଓ ଟଙ୍କା ରଖିଥିବା ବ୍ୟାଗଟିକୁ ଲୁଟି ନେଇ ନିର୍ଜନତାର ସୁଯୋଗ ନେଇ ଘଟଣାସ୍ଥଳରୁ ଦ୍ରୁତ ଗତିରେ ଫେରାର ହୋଇ ଯାଇଥିଲେ। ଆଶୋକ ଆସି ଦେଖିଲା ବେଳକୁ ଡିକି ଖୋଲା ଥିବା ବେଳେ ଅଲଙ୍କାର ଓ ଟଙ୍କା ରଖିଥିବା ବ୍ୟାଗଟି ଚୋରି ଯାଇଥିବାର ଜାଣି ସଂଗେ ସଂଗେ ବାଲୁଗାଁ ଥାନକୁ ଯାଇ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡା ସଦଳବଳେ ପୁଲିସ ଟିମ ସହ ସଂଗେ ସଂଗେ ଘଟଣାସ୍ଥଳରେ ପହଁଚି ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରି ଲୁଟେରାଙ୍କୁ ଖୋଜା ଖୋଜି ଚଲାଇଥିବା ବେଳେ ଏନେଇ ବାଲୁଗାଁ ପୁଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଅବ୍ୟହତ ରଖିଛନ୍ତି।

# ରଥିପୁରରେ ବେଧଡ଼କ ଚାଲିଛି ଖଣି; ପ୍ରଶାସନ ନିରବ





- ସରକାର ହରାଉଛନ୍ତି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ
- ମାସିକିଆ ବଟିରେ ମାଫିଆଙ୍କ କବଚ ସାଜିଛନ୍ତି ଥାନା ଅଧିକାରୀ
- ଥାନା ଅଧିକାରୀଙ୍କ ବଦଳି ଦାବି କଲେ ସ୍ଥାନୀୟ ଲୋକ

ଖୋର୍ଦ୍ଧା, ୧୨।୩ (ସମିସ): ପ୍ରଶାସନର ବାରମ୍ବାର ଚଢଉ, ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ମାଫିଆମାନେ ଦିନରାତି ପାୱାର ଟିଲର, ମେସିନରେ ଏକର ଏକର ଜମିରୁ ମାଙ୍କଡା ଓ ମୋରମ କାଟି ନେଉଛନ୍ତି। ସରକାରୀ, ଗୋଚର, ପତିତ ଏବଂ ଜଙ୍ଗଲ ଜମି ଉପରେ ମାଫିଆଙ୍କ ନଜର। ଏଭଳି ଅଭିଯୋଗ ଜଟଣୀ ଥାନା ଅନ୍ତର୍ଗତ ରଥିପୁର ମୌଜାରୁ ହୋଇଛି। ଏଠାରେ ମାସିକିଆ ବଟି ନେଇ ମାଫିଆଙ୍କ ସୁରକ୍ଷା କବଚ ଖୋଦ୍ ଜଟଣୀ ଥାନା ଅଧିକାରୀ ସାଜିଛନ୍ତି। ମାଫିଆମାନେ ମାରଣାସ୍ତ୍ର ବନ୍ଧୁକ ମୁନରେ ଦିନରାତି ମେସିନ୍ ଦ୍ୱାରା ପଥର କାଟି ପଥର,ବାଲି ଓ ମୋରମ୍ ଚୋରାଚାଲାଣ କରୁଛନ୍ତି। ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବାବେଳେ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ନୀରବତାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ। ରଥିପୁର ଗ୍ରାମବାସୀ ଏହାର ପ୍ରତିବାଦ କରିବାରେ ମାଫିଆମାନେ ଅଭିଯୋଗକାରୀଙ୍କୁ ଜଟଣୀ ଥାନା ଅଧିକାରୀଙ୍କ ଦ୍ୱାରା ମିଥ୍ୟା କେଶରେ ଫସାଇ ହଇରାଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା କବଚ ସାଜିଥିବା ଥାନା ଅଧିକାରୀଙ୍କ ବଦଳି ଦାବି କରିଛନ୍ତି ସ୍ଥାନୀୟ ଲୋକ। ଆଜି ଏହି ମର୍ମରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଭେଟି ସ୍ଥାନୀୟ ଲୋକ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ରଥିପୁର ମୌଜା ଅଂଚଳରେ ବେଆଇନ ଭାବେ ରାତିଦିନ ଚାଲୁଛି ପଥର ଖଣି। ଗୋଟେ ପରେ ଗୋଟେ କାଟ କାଟି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବଢି ଚାଲିଛି। ମାଫିଆମାନେ ରାତିରେ ଶହ ଶହ ଟ୍ରକରେ ମାଙ୍କଡା ପଥର ଓ ମୋରମ ବେଧଡକଭାବେ ଚାଲାଣ କରୁଛନ୍ତି। ବେଆଇନ ଭାବେ ମୋରୋମ ଓ ପଥର ଖନନ ଚାଲିଛି। ଏଠାରୁ ପଥର ଓ ମୋରମ ଜଟଣୀ ଏବଂ ଭୁବନେଶ୍ୱର ତହସିଲର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏଠାରେ ଆଖିବୁଜା ଖଣି ଲୁଟପାଟ କରୁଛନ୍ତି ମାଫିଆ। ଏତେ ସଂଖ୍ୟାରେ ଭାରିଯାନ ଚଳାଚଳ ହେଉଛି ଯେ ଉକ୍ତ ରାସ୍ତାଦେଇ ଲୋକଙ୍କ ଯାତାୟାତ ବିପଦପୂର୍ଣ୍ଣ ହେଉଛି। ମାଫିଆମାନେ ଖୋଲା ଆକାଶ ତଳେ ରାତି ତମାମ ଏଠାରୁ ଲୁଟୁଛନ୍ତି। ଫଳରେ ଦୈନିକ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଗ୍ରାମବାସୀ ଏହାର ପ୍ରତିବାଦ କରିଲେ ମାରଣାସ୍ତ୍ର ଧରି ପ୍ରତିବାଦକାରୀଙ୍କୁ ମାରିବାକୁ ଗୋଡାଉଛନ୍ତି। ଏପରିକି ମାଫିଆମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିବା ଅଭିଯୋଗ କରିଛନ୍ତି। ଖଣି ମାଫିଆଙ୍କ ବିରୁଦ୍ଧରେ କେଶ୍ କରିଲେ ଥାନା ଅଧିକାରୀ ଖଣି ମାଫିଆଙ୍କ ସପକ୍ଷରେ ସେମାନଙ୍କୁ ଡାକି ଓଲଟି ପ୍ରତିବାଦକାରୀଙ୍କ ନାଁରେ କାଉଣ୍ଟର କେଶ୍ କରୁଛନ୍ତି। ମାତ୍ର ପରିତାପର ବିଷୟ ଗତ ୯ ତାରିଖ ବିଳମ୍ବିତ ରାତିରେ ଖଣି ମାଫିଆମାନେ ଜଟଣୀ ଥାନାଅଧିକାରୀଙ୍କ ସହିତ ମଧୁଚନ୍ଦ୍ରିକା ସାଜି ପଥର ଚୋରି କରୁଥିବାବେଳେ ଗ୍ରାମବାସୀ ଜିଲ୍ଲା ଖଣି ଅଧିକାରୀଙ୍କୁ ଜଣାଇବାରେ ଏକ ଟିମ୍ ସହ ଖଣି ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ଚଢଉ କରିଥିଲେ। ସେଠାରୁ ଜେସିବି ସହିତ ପଥର ଚୋରି କରୁଥିବା ସମସ୍ତ ଗାଡ଼ିକୁ ଜବତ୍ କରି ଜଟଣୀ ଥାନାରେ ଜିମା ଦେଇଥିଲେ। ଚଢଉ ସମୟରେ ଖଣି କର୍ମଚାରୀଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହିଥିବା କାରଣରୁ ଗ୍ରାମବାସୀଙ୍କ ଉପରକୁ ମାଫିଆମାନେ ଫାୟାରିଂ କରିବା ସହିତ ମାରଣାସ୍ତ୍ରରେ ହାଣିବାକୁ ଉଦ୍ୟତ ହୋଇଥିଲେ। କୌଶଳକ୍ରମେ ଖଣି କର୍ମଚାରୀ ଓ ଗ୍ରାମବାସୀ ଖସି ଆସିଥିଲେ। ବାଡ଼ ଖାଉଛି ଫସଲ ନ୍ୟାୟରେ ଜଟଣୀ ଥାନା ଅଧିକାରୀଙ୍କୁ ନ ଜଣାଇ ଗ୍ରାମବାସୀ ଗତ ୧୦ ତାରିଖରେ ପୁଲିସ୍ କମିଶନର ଓ ଡି.ସି.ପି. ଭୁବନେଶ୍ୱରଙ୍କ ନିକଟରେ ଅଭିଯୋଗ କରିଥିଲେ। ମାଫିଆମାନେ ଖବର ପାଇ ୫୦ରୁ ଉଦ୍ଧ୍ୱର୍ ମାରଣାସ୍ତ୍ର ଧରି ଆସିଥିଲେ। ମାତ୍ର ସବୁ ଜାଣିବା ସତ୍ତ୍ୱେ ଥାନା ଅଧିକାରୀ ନିରବ ସାଜିଲେ। ଏସବୁ କାର୍ଯ୍ୟ ଜଟଣୀ ଥାନା ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ମାଫିଆମାନେ କରୁଛନ୍ତି। ଯିଏ ଏହାର ପ୍ରତିବାଦ କରୁଅଛି, ଜଟଣୀ ଥାନା ଅଧିକାରୀ ଓଲଟି ଅଭିଯୋଗକାରୀଙ୍କୁ ମିଥ୍ୟା କେଶରେ ଫସାଇ ହଇରାଣ ଓ ଭୟଭୀତ କରାଉଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ରଥିପୁର ମୌଜାର ଖଣିରୁ ପଥର, ବାଲି ଓ ମୋରମ ଚୋରାଚାଲାଣ ରୋକାଯିବା ଲାଗି ପ୍ରଶାସନ ପଦକ୍ଷେପ ନେବା ସହିତ ଖଣି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ମାଫିଆଙ୍କୁ ସୁରକ୍ଷା ଦେଇ ଲଘୁ ଖଣିଜଦ୍ରବ୍ୟ ଚୋରାଚାଲାଣ ଏବଂ ଅପରାଧ ଘଟାଇବାକୁ ପ୍ରଶ୍ରୟ ଦେଉଥିବା ଥାନା ଅଧିକାରୀଙ୍କୁ ଜଟଣୀ ଥାନାରୁ ଅନ୍ୟତ୍ର ବଦଳି କରାଯାଉ ବୋଲି ଅଭିଯୋଗକାରୀମାନେ ଦାବି କରିଛନ୍ତି। ଅଭିଯୋଗ କାରୀଙ୍କ ଅଭିଯୋଗକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଗୁରୁତ୍ୱର ସହ ନେଇଥିବାବେଳେ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ଟ୍ରକ ଜବତ୍; ୨୮ ମଇଁଷି ଉଦ୍ଧାର, ଜଣେ ଗିରଫ

ଖୋର୍ଦ୍ଧା,୧୨।୩ (ସମିସ): ୧୬ନଂ ଜାତୀୟ ରାଜପଥର ପଣ୍ଡିତ ଢାବା ନିକଟରୁ ଏକ ମଇଁଷି ବୋଝେଇ ଟ୍ରକକୁ ପୁଲିସ ଜବତ କରିଛି। ଗାଡି ଭିତରୁ ୨୮ ମଇଁଷି ଉଦ୍ଧାର ହୋଇଥିବାବେଳେ ଏହି ଘଟଣାରେ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଜଣକ ହେଲେ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ଫୋଗଲର ଏସକେ ସକିଲ (୩୦)। ଏକ ଟ୍ରକରେ ବେଆଇନ ମଇଁଷି ଚାଲାଣ ଉଥିବା ଖବର ପାଇ ବଜରଙ୍ଗ ଦଳ ସଦସ୍ୟ ତାକୁ ଜାତୀୟ ରାଜପଥର ବିଭିନ୍ନ ଛକରେ ଅଟକାଇବାକୁ ଚେଷ୍ଟା କରିଥିଲେ।ଅନ୍ୟ ଏକ ଟିମ୍ ପଣ୍ଡିତ ଢାବା ନିକଟରେ ଗାଡିକୁ ଅଟକାଇବାରେ ସକ୍ଷମ ହୋଇଥିଲେ। ବଜରଙ୍ଗ ଦଳ ସଦସ୍ୟ ଟ୍ରକ ଓ ତାର ଡ୍ରାଇଭରକୁ ପୁଲିସ ଜିମା ଦେଇଥିଲେ। ଟ୍ରକ ଯାଂଚବେଳେ ଅକଥନୀୟଭାବେ ଦୌଡିରେ ବନ୍ଧା ହୋଇଥିବା ମଇଁଷିକୁ ପୁଲିସ ଦେଖି ଉଦ୍ଧାର କରିଥିଲା। କୌଣସି ବୈଧ କାଗଜପତ୍ର ଡ୍ରାଇଭର ଦେଖାଇପାରିନଥିବାରୁ ଟ୍ରକକୁ ପୁଲିସ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଟ୍ରକ୍ ଟି କଟକରୁ ଆନ୍ଧ୍ରା ଅଭିମୁଖେ ଯାଉଥିଲା। ଉଦ୍ଧାର ମଇଁଷିଗୁଡ଼ିକୁ ପୁଲିସ ପ୍ରାଥମିକ ଚିକିତ୍ସା ପରେ ନାଚୁଣୀସ୍ଥିତ ଅମୃତ ଧାରା ଟ୍ରଷ୍ଟରେ ଛାଡିଥିବା ଜଣାଯାଇଛି।



# ହାଡ଼ପଦାରେ ଜଳକଷ୍ଟ: ପୋଖରୀ ପୁନରୁଦ୍ଧାର ଲାଗି ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଗୁହାରି

ନିରାକାରପୁର,୧୨।୩ (ସମିସ): ଖରାଦିନ ଆରମ୍ଭ ନ ହେଉଣୁ ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ ପଞ୍ଚାୟତ ଅନ୍ତର୍ଗତ ହାଡ଼ପଦା ଗ୍ରାମରେ ଜଳକଷ୍ଟ ଉତ୍କଟ ରୂପ ଧାରଣ କରିଛି। ଗ୍ରାମର ମୁଖ୍ୟ ଜଳାଶୟ 'ବେଡେରାଗୋଡ଼ି' ପୋଖରୀଟି ପ୍ରଶାସନିକ ଅବହେଳାରୁ ପୋତି ହୋଇଯାଇଥିବାରୁ ଏବେ ୧୦୦ରୁ ଅଧିକ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାର୍ଚ୍ଚ ମାସ ଆରମ୍ଭରୁ ପୋଖରୀଟି ସମ୍ପୂର୍ଣ୍ଣ ଶୁଖିଯାଇଛି। ଗାଧୋଇବା, ଶୌଚ ହେବା ଏବଂ ଶୁଦ୍ଧିକ୍ରିୟା ପରି ଧାର୍ମିକ କାର୍ଯ୍ୟ ପାଇଁ ଲୋକେ ପାଣି ପାଉନାହାନ୍ତି।

ସମସ୍ୟାର ସମାଧାନ ପାଇଁ ହାଡ଼ପଦା ଗ୍ରାମବାସୀ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଆଜି ପୁନର୍ବାର ଗ୍ରାମବାସୀ ଏକଜୁଟ ହୋଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ 'ବେଡେରାଗୋଡ଼ି' ପୋଖରୀର ତୁରନ୍ତ ପୁନରୁଦ୍ଧାର ଏବଂ ଗ୍ରାମରେ ଏକ ସାମୁହିକ ଶୌଚାଳୟ ନିର୍ମାଣ ପାଇଁ ଦାବି କରିଛନ୍ତି।



# ବନ୍ଧୁକ ଓ ଗୁଳି ସହ ଯୁବକ ଗିରଫ

ଖୋର୍ଦ୍ଧା,୧୨।୩ (ସମିସ): ବୋଲଗଡ଼ ଥାନା ଅଧୀନ ରାଜସୁନାଖଳା ଶୁଖୁଆ ବଜାର ଅଞ୍ଚଳରୁ ଗୁରୁବାର ପୂର୍ବାହ୍ନରେ ବନ୍ଧୁକ ସହ ବୁଲୁଥିବା ଜଣେ ଯୁବକଙ୍କୁ ପୁଲିସ୍ ଗିରଫ କରି ଖୋରଧା କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ବଙ୍ଗିଦା ଗ୍ରାମର ସୁନିଲ କୁମାର ରାଉତ(୨୬)। ପୁଲିସ ଠାରୁ ସୂଚନା ଅନୁଯାୟୀ ଥାନା ନିରୀକ୍ଷକ ସୁକାନ୍ତ ଦଲେଇ ଖବର ପାଇ ରାଜସୁନାଖଳା ବଜାର ରେ ପାଖରେ ବନ୍ଧୁକ ରଖି ବୁଲୁଥିବା ଏହି ଯୁବକ ଜଣକୁ ଧରିବା ପାଇଁ ଏଏସଆଇ ଉମାଶଙ୍କର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ଏଏସଆଇ ରାଜେନ୍ଦ୍ର ବେହେରା ଓ କନେଷ୍ଟବଳ ରମେଶ ଚନ୍ଦ୍ର ପ୍ରଧାନ ଓ ନର୍ମଦା ପ୍ରଧାନଙ୍କୁ ସାଥିରେ ନେଇ ଶୁଖୁଆ ବଜାର ନିକଟରୁ ସଂପୃକ୍ତ ଯୁବକକୁ ଧରି ବୋଲଗଡ଼ ଥାନାକୁ ଆଣିବା ପରେ ତା ନିକଟରୁ ଏକ ବିନା ଲାଇସେନ୍ସ ୯ ଏମଏମ ପିସ୍ତଲ ଓ ଦୁଇ ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଆର୍ମସ ଆକ୍ଟ ୨୫ ଅନୁଯାୟୀ ସଂପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ଏସଆଇ ହାଡୁବନ୍ଧୁ ଦାସ ସୂଚନା ଦେଇଛନ୍ତି।

# ଘରେ ଘରେ ଥଣ୍ଡା, କାଶ ଓ ଜ୍ୱର

ବାଲୁଗାଁ,୧୨।୩ (ସମିସ) : ଋତୁ ପରିବର୍ତ୍ତନ ଯୋଗୁଁ ଚାରିଆଡେ ଥଣ୍ଡା କାଶ ଜ୍ୱର ଆଦି ରୋଗ ବ୍ୟାପିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ବାଣପୁର ତଥା ସମଗ୍ର ଚିଲିକା ଅଞ୍ଚଳରେ ଘରେ ଘରେ ପିଲା ଠାରୁ ବୁଢା ଯାଏଁ ଥଣ୍ଡା କାଶ ଜ୍ୱର ଆଦି ରୋଗରେ ପୀଡିତ ହେଉଥିବା ସହ ମିଳିମିଳା, ହାଡଫୁଟି ଓ ବସନ୍ତ ରୋଗ ବ୍ୟାପିଥିବା ଜଣାଯାଇଛି। ଡବଲ ଇଂଜିନ ବିଜେପି ସରକାର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ରୋଗ ନିରାକରଣ ନିମନ୍ତେ ଜିଲ୍ଲା ଓ ବ୍ଲକ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ ବାବଦରେ ପ୍ରଚୁର ଅର୍ଥ ବିନିମୟ କରୁଥିବା ସ୍ଥଳେ ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଅବହେଳା ତଥା ଆନ୍ତରିକତା ଅଭାବ ଯୋଗୁଁ ଅଞ୍ଚଳରେ ଏହି ମିଳିମିଳା, ହାଡଫୁଟି ଓ ବସନ୍ତ ରୋଗ ନିରାକରଣ ଦିଗରେ ବିଭାଗ ପକ୍ଷରୁ ସଚେତନତା ଅଭାବରୁ ଭାଇରାସ ଜନିତ ଏହି ରୋଗ ବ୍ୟାପୁଥିବା ଜଣାଯାଇଛି। ଯାହାକି ବାଲୁଗାଁ ଥାନା ଅନ୍ତର୍ଗତ ବାଙ୍କିଆ ପଲ୍ଲୀ ଗ୍ରାମରେ ଜଣେ ୩୫ ବର୍ଷୀୟ ଯୁବକ ଭୂତାଣୁ ସଂକ୍ରମଣ ଫଳରେ ମିଳିମିଳା ରୋଗରେ ପିଡିତ ହୋଇ ସଚେତନତା ଅଭାବରୁ ଚିକିତ୍ସା ନ କରାଇ ଝଡାଫୁଙ୍କା କରି ଘରେ ୬ଦିନ ଧରି ରୋଗରେ ପଡି ରହି ଚଳିତ ମାସ ୯ ତାରିଖ ସୋମବାର ମୃତ୍ୟୁବରଣ କରିଥିବା ଘଟଣାରୁ ସ୍ପଷ୍ଟ ବାରି ହୋଇ ପଡୁଛି ଯେ ସଚେତନତା ଅଭାବରୁ ଲୋକେ ଏବେ ମଧ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ। ତେବେ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ସାହିତ୍ୟ ସିନ୍ଦୂରା ପକ୍ଷରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ



ବାଣପୁର,୧୨।୩(ସମିସ) : ବାଣପୁର ଚିଲିକା ଅଞ୍ଚଳର ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସାହିତ୍ୟ ସିନ୍ଦୁରା ପକ୍ଷରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ବାଣପୁର ବିଧାରପୁର ସ୍ଥିତ ଶୁଭ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନ ଶିକ୍ଷାବିତ ସଂଗ୍ରାମ କେଶରୀ ସାହୁଙ୍କ ଅଧ୍ୟକ୍ଷତାରେ ତଥା ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ ଓ କବି ଦିଗମ୍ବର ବିଶ୍ୱାଳଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ କବି ଓ ବ୍ୟକ୍ତି ବିଶେଷ ଯୋଗ ଦେଇ ମା ଭଗବତୀ ଓ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ପୁରୁଷୋତ୍ତମ ମହାପାତ୍ର, ଭିକାରୀ ଚରଣ ପ୍ରଧାନ, ରଙ୍ଗନାଥ ସେଠି, ସନ୍ଧ୍ୟା ଦେବୀ, ଶଶୀଭୂଷଣ ବରାଳ, ପ୍ରହ୍ଲାଦ ବେହେରା, ସୁଶାନ୍ତ କୁମାର ଦାଶ, ବିମଳା ସିଂ, ଆନନ୍ଦ ଚନ୍ଦ୍ର ସେନାପତି, ଶିବ ସୁନ୍ଦର ପଟ୍ଟନାୟକ, ଗୋପୀନାଥ ଦାଶ ପ୍ରମୁଖ ୫୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିବା ବେଳେ ନୃତ୍ୟ ଶିଳ୍ପୀ ଅନନ୍ୟା ପ୍ରିୟଦର୍ଶିନୀ ଲେଙ୍କା ଓ ଆଦ୍ୟାଶା ପଟ୍ଟନାୟକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବର ଦ୍ୱିତୀୟ ଅଧିବେଶନ ଗବେଷକ ମଦନ ମୋହନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ପରିଷଦର ସମ୍ପାଦକ ଶିବ ସୁନ୍ଦର ପଟ୍ଟନାୟକ, କବୟତ୍ରୀ ବିମଳା ସିଂ, ଚିଲିକା ବାଣପୁର ଶାଖା ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ରଙ୍ଗନାଥ ସେଠି, କବି ପୁରୁଷୋତ୍ତମ ମହାପାତ୍ର, ବାଣପୁର ବରିଷ୍ଠ ନାଗରିକ ସଂଘର ସଭାପତି ଡ. ଚିନ୍ତାମଣି ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗ ଦେଇ ନିଜ ବକ୍ତବ୍ୟରେ ଓଡ଼ିଆ ଭାଷାର ପ୍ରାଚୀନତା, ଶାସ୍ତ୍ରୀୟ ମାନ୍ୟତା ପାଇବାର ଇତିହାସ ଓ ଓଡ଼ିଆ ଭାଷାର ବିକାଶରେ ସାରସ୍ୱତ ସାଧକ ମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟାବଳୀ ସମ୍ପର୍କୀୟ ସୂଚନା ପ୍ରଦାନ କରି ଶାସ୍ତ୍ରୀୟ ମାନ୍ୟତା ପାଇବାର ୧୨ ବର୍ଷ ପରେ ମଧ ଏହାର ସମୃଦ୍ଧି ପାଇଁ ଭାଷା ଆୟୋଗ ଗଠନରେ ଅନିଶ୍ଚିତତା ଓ ଏହାର ଦାୟିତ୍ୱରେ ଥିବା ବିଭିନ୍ନ ପ୍ରତିଷ୍ଠାନ ମାନଙ୍କର ନିଷ୍କ୍ରିୟତା, ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ପ୍ରୟୋଗ ଏଯାବତ ହୋଇ ପାରି ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ନିରବଚ୍ଛିନ୍ନ ସାହିତ୍ୟ ସାଧନା ପାଇଁ କବି ଗୋପୀନାଥ ଦାଶଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସାହିତ୍ୟ ସିନ୍ଦୁରାର ସମ୍ପାଦକ ଗୋଲକ ବିହାରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ ସହ ସ୍କୁଟି ଓ ବାଇକ ଜବତ, ୨ ଗିରଫ

ବାଲୁଗାଁ, ୧୨।୩(ସମିସ) : ବେଆଇନ ମଦ ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ଅବକାରୀ ଟିମ ବୁଧବାର ସକାଳେ ବାଣପୁର ଥାନା ଅନ୍ତର୍ଗତ କଲେଜ ରୋଡ ହାତିମୁଣ୍ଡା ଗ୍ରାମ ନିକଟରେ ଚଢାଉ କରି ଏକ ସ୍କୁଟି ଗାଡି ଯୋଗେ ବେଆଇନ ଭାବେ ଚୋରା ମଦ ଚାଲାଣ କରୁଥିବା ବାଣପୁର ଥାନା ଅଧିନ ଦାଶରଥିପୁର ଗ୍ରାମର ହେମନ୍ତ ଘଡେଇ (୫୦) କୁ ଗିରଫ କରି ତାଙ୍କ ନିକଟରୁ ୮୦ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ଗୁରୁବାର ସକାଳେ ବାଣପୁର ଥାନ ଅନ୍ତର୍ଗତ ବାଲେଡି ଛକ କେନାଲ ରୋଡରେ ଅବକାରୀ ଟିମ ଚଢାଉ କରି ଏକ ବାଇକ ଯୋଗେ ବେଆଇନ ଭାବେ ଚୋରା ମଦ ଚାଲାଣ କରୁଥିବା ମଦ ବେପାରୀ ଆଦିବାସୀ ମାଳ ଅଞ୍ଚଳ କୋଷରଡା ଗ୍ରାମର କାହ୍ନା ଶବର (୨୧) କୁ ଗିରଫ ତା ନିକଟରୁ ୧୦୪ ଲିଟର ଦେଶୀ ମଦ ମଦ ସମେତ ବେଆଇନ ମଦ ଚାଲାଣରେ ବ୍ୟବହୃତ ଏକ ବାଇକ ଜବତ କରିଛି ଅବକାରୀ ବିଭାଗ। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ .ଲାଣ କରିଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଚଢ଼ଉରେ ଅବକାରୀ ବିଭାଗର ଏସଆଇ ରାମଚନ୍ଦ୍ର ଜେନା, କନେଷ୍ଟବଳ ଅଶେଷ ପ୍ରଧାନ, ଗଂଜିତ ପଟେଲ, ମନୋଜ କୁମାର ଜୟସିଂ ଓ ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

# ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ଉଦ୍ଯାପିତ

ବେଗୁନିଆ,୧୨।୩ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମସ୍ଥିତ ମା ତାରିଣୀ ଆଶ୍ରମ ପରିସରରେ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ଉଦଯାପିତ ହୋଇଛି। ଏଥିରେ ବିଗ୍ରହ ପ୍ରତିଷ୍ଠା, କଳସ ସ୍ଥାପନ, ଅଙ୍କୁରାରୋପଣ ଓ ହନୁମାନ ଚାଳିଶା ପାଠ କରାଯାଇ ଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବକ୍ତା ପଣ୍ଡିତ ରାମ ନିରଞ୍ଜନ ଦାସ, କାଶୀନାଥ ରାଉତରାୟ ଓ ହରିହର ଜେନା ଉପସ୍ଥିତ ରହି ଶିବ ପାର୍ବତୀ ବିବାହ, ରାମଜନ୍ମ ଓ ବାଲ୍ୟଲୀଳା ଠାରୁ ଆରମ୍ଭ କରି କୁମ୍ଭକର୍ଣ୍ଣ ଓ ରାବଣ ବଧ ଏବଂ କାକଭୂଷଣ୍ଡି ଚରିତ ଆଦି "ରାମ କଥା'କୁ ଭକ୍ତିଭାବମୟ ପରିବେଶ ମଧ୍ୟରେ ପରିବେଷଣ ହୋଇଥିଲା।

# ମାଙ୍କଡ଼ କାମୁଡ଼ାରେ ବୃଦ୍ଧା ଗୁରୁତର

ନିରାକାରପୁର,୧୨।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଏବେ ହନୁ ମାଙ୍କଡ଼ର ଉଗ୍ରରୂପ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ଆଜି ୬୮ ବର୍ଷୀୟା ବୃଦ୍ଧା ସାଧବାଣୀ ଭୁଜବଳ ଗୁରୁତର ଆହତ ହୋଇଛନ୍ତି। ସାଧବାଣୀ ଭୁଜବଳ ନିଜ ଘର ବାଡ଼ି ପଟେ ବସିଥିବା ସମୟରେ ଏକ ରକ୍ତମୁଖା ହନୁ ମାଙ୍କଡ଼ ହଠାତ୍ ତାଙ୍କ ଉପରକୁ ଝାମ୍ପି ପଡ଼ିଥିଲା। ମାଙ୍କଡ଼ଟି ତାଙ୍କ କହୁଣୀ ପାଖରୁ ମାଂସ ତାଡ଼ି ନେଇ ପଳାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁଁ ତାଙ୍କୁ ତୁରନ୍ତ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗତ କିଛି ଦିନ ମଧ୍ୟରେ ଏହି ମାଙ୍କଡ଼ ପ୍ରାୟ ୨୫ରୁ ଅଧିକ ଲୋକଙ୍କୁ କାମୁଡ଼ି ରକ୍ତାକ୍ତ କଲାଣି। ଏ ସମ୍ପର୍କରେ ବନ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

ନୟାଗଡ଼ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ

# ଚାନ୍ଦପୁର ଦଶଦୋଳ ଯାତ୍ରା ପାଇଁ ବାଟ ଫିଟିଲା

ଟାଙ୍ଗୀ,୧୨।୩(ସମିସ): ଚାନ୍ଦପୁର ଦଶଦୋଳ ପଡିଆ ସମ୍ମୁଖରେ ଜବରଦଖଲ ନେଇ ପ୍ରତିବର୍ଷ ବିବାଦ ଉପୁଜିବା ସହ ପରିସ୍ଥିତି ମଧ ଜଟିଳ ହେଉଥିଲା । ତେବେ ଚଳିତବର୍ଷ ସେହି ଜବରଦଖଲ ଉଚ୍ଛେଦକୁ ନେଇ ପୁଣି ବିବାଦ ଉପୁଜିବାରେ ନୟାଗଡ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ଯୋଗୁ ସାମୟିକ ଭାବେ ବିବାଦରେ ରୋକ ଲାଗିଛି। ସୂଚନାଯୋଗ୍ୟ ୧୯୩୬ ମସିହାରୁ ପାଳିତ ହୋଇ ଆସୁଥିବା ଐତିହାସିକ ଚାନ୍ଦପୁର ଦଶ ଦୋଳ ପର୍ବ ଚଳିତ ବର୍ଷ ମଧ ଧୂମଧାମ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦଶଦୋଳ ପଡିଆ ସମ୍ମୁଖରେ ଉଠାଦୋକାନୀମାନଙ୍କ ଦ୍ୱାରା ବର୍ଷ ବର୍ଷ ଧରି ଜବରଦଖଲ ଯୋଗୁ ଅସନ୍ତୋଷ ଲାଗି ରହୁଥିଲା। ତେବେ ଚଳିତବର୍ଷ ଗତ ଦୁଇ ତାରିଖରେ ରଣପୁର ତହସିଲଦାରଙ୍କ ଦ୍ୱାରା ସାମୟିକ ଜବରଦଖଲ ଉଚ୍ଛେଦ ଯୋଗୁ ବିବାଦର ପୂର୍ଣ୍ଣଚ୍ଛେଦ ପଡିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଉଚ୍ଛେଦ ନହେଲେ ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀ ଦଶଦୋଳ ବେଦୀକୁ ବିଜେ ହେବେ ନାହିଁ ବୋଲି ଜିଲ୍ଲା ପ୍ରଶାସନକୁ ରୋକଠୋକ ଜଣାଇ ଦିଆଯାଇଥିଲା। ଗତକାଲି ଉପଜିଲ୍ଲାପାଳ କର୍ଣ୍ଣିକ ସମାଦାର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ ରାଉତ, ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ ଓ ଦଶଦୋଳ କମିଟି ସଭାପତି ନଥୁମଲ୍ଲ ମହାରାଜୀ, ସଂପାଦକ ମନୋଜ ଦାସ, ଚାନ୍ଦପୁର ଗ୍ରାମ ସଭାପତି ସୁକାନ୍ତ କିଶୋର ସେନାପତିଙ୍କ ସମେତ ସଭ୍ୟ ମାନଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଏପ୍ରିଲ ମାସ ସୁଦ୍ଧା ମୌଜାର ସୀମା ନିର୍ଦ୍ଧାରଣ ସହିତ ସରକାରୀ ଯାଗାରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ନିଷ୍ପତ୍ତି ପରେ ପରିସ୍ଥିତି ସ୍ୱାଭାବିକ ହେବା ସହ ଦଶଦୋଳ ଯାତ୍ରା ପାଇଁ ବାଟ ଫିଟିଥିଲା। ଆସନ୍ତା କାଲି ପାଟ ପଟୁଆର, ତତପରଦିନ ଠାକୁର ଠାକୁରାଣୀଙ୍କ ମେଳଣ ପର୍ବ ଅନୁଷ୍ଠିତ ହେବ। ଚାନ୍ଦପୁର ଦଶଦୋଳ ଯାତ୍ରାରେ ମା ରାମଚଣ୍ଡୀଙ୍କ ସମେତ ଚାନ୍ଦପୁର, କନ୍ଧନୟାଗଡ ଜେମାଦେଇପୁର, ଭଜାଗଡ, ପଟିଆ, ଏକତାଳ, ନାକିଠଣା, ଚମ୍ପାପେଡି, ବେଣ୍ଟ, ଚମ୍ପାଗଡ, ଓସ୍ତପଡା, ନୂଆପଡା, ଜଙ୍ଗିଆ ଅଞ୍ଚଳରୁ ଇଶାଣେଶ୍ୱର ଦେବ, ପତିତପାବନ ଦେବ, ବାଲୁଙ୍କେଶ୍ୱର ଦେବ, ଭାଗବତ ଦେବ, ଗୋପୀନାଥ ଦେବ, ରାଧାମୋହନ ଦେବ, ଭୁବନାନନ୍ଦ ଦେବଙ୍କ ସମେତ ୨୧ ଠାକୁରଙ୍କୁ ପାଟପଟୁଆରରେ ପରିକ୍ରମା କରାଇ ଦଶଦୋଳ ପଡିଆରେ ପୂର୍ବ ନିର୍ଦ୍ଧାରିତ ପିଣ୍ଡି ବେଦୀରେ ବିଜେ ହେବାର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଏହି ଦଶଦୋଳ ଯାତ୍ରା ପାଇଁ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ବ୍ୟବସ୍ଥା ହୋଇଛି।

# ଭଜନ ପରିବେଷଣ କଲେ ଦିବ୍ୟାଙ୍ଗ କଳାକାର



ବେଗୁନିଆ, ୧୨।୩ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମସ୍ଥିତ ଗଣେଶ ବଜାର ପରିସରରେ ବାଲୁଗାଁ ଚକ୍ରଧରପୁର ଗ୍ରାମର ମା' କାଳିଜାଇ ଦିବ୍ୟାଙ୍ଗ ଭଜନ୍ ସମାରୋହ ଅନୁଷ୍ଠାନ ପକ୍ଷରୁ ଶ୍ରୀ ଜଗନ୍ନାଥଙ୍କ ଜଣାଣ ଓ ଭଜନ ପରିବେଷଣ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ମଣ୍ଟୁ ବେହେରାଙ୍କ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ଭାବେ କ୍ୟାସିଓ ବାଦକ ମଣ୍ଟୁ ପରିଡା, ଗୀତିକାର/ବାଦ୍ୟକାର ଭାବେ ଚନ୍ଦନ ସାହୁ, ସୁଶ୍ରୀ ମିନତୀ ଦାସ, ପ୍ରେମିଶିଳା ହର୍ବାଲ ଓ ମାମା ଗୀତ ପରିବେଷଣ କରିଥିଲେ। ସିକୋ ଗ୍ରାମର ଯୁବ ସମାଜସେବୀ ସଞ୍ଜୟକୁମାର ବାହୁବଳେନ୍ଦ୍ର ସହଯୋଗ କରିଥିଲେ।

## ଗ୍ୟାସ୍ ସଂକଟ ପ୍ରସଙ୍ଗରେ ଗର୍ଜିଲା ମହିଳା କଂଗ୍ରେସ

# ହାଣ୍ଡିଶାଳରେ କାନ୍ଦୁଛନ୍ତି ସୁଭଦ୍ରା



ଭୁବନେଶ୍ୱର,୧୨।୩(ସମିସ): ରାଜ୍ୟରେ ଠନ୍ ଠନ୍ କରି ସୁଭଦ୍ରା ଯୋଜନାରେ ପଇସା ପଠାଯାଉଛି ବୋଲି ସରକାର ଭାଷଣ ମାରୁଛନ୍ତି; କିନ୍ତୁ ମହିଳାମାନେ ଠନ୍ ଠନ୍ ପଇସା ଦେଲେ ମଧ୍ୟ ହାଣ୍ଡିଶାଳ ପାଇଁ ଗ୍ୟାସ ମିଳିପାରୁ ନାହିଁ । ଗତ ୫ ତାରିଖରୁ ଅର୍ଥାତ ଆଜିକୁ ୮ଦିନ ହେଲାଣି ମୋବାଇଲ କିମ୍ବା ହ୍ୱାଟସ୍ଆପରେ ଗ୍ୟାସ ବୁକିଂ ହୋଇପାରୁ ନାହିଁ। ଜାଣିଶୁଣି ସରକାର କଳାବଜାରୀମାନଙ୍କ ସହିତ ମହିଳାମାନଙ୍କୁ ଶୋଷଣ କରିବାପାଇଁ ଗ୍ୟାସର ଅଭାବୀ ବିକ୍ରି ପାଇଁ ସଲାସୁତୁରା କରିଛନ୍ତି ବୋଲି ରାଜ୍ୟ ମହିଳା କଂଗ୍ରେସ ଅଭିଯୋଗ କରିଛି । ଗୁରୁବାର ଗ୍ୟାସ ସଂକଟ ପ୍ରସଙ୍ଗରେ ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ସୋନାଲି ସାହୁ

### କୃତ୍ରିମ ଗ୍ୟାସ୍ ସଂକଟ, ସରକାରଙ୍କ କଳାବଜାରୀ ଉଦ୍ୟମ

କହିଥିଲେ, ଗ୍ୟାସ ମିଳୁ ନ ଥିବାରୁ ଲୋକେ ବ୍ଲାକ୍‌ରେ ୨୦୦୦ ରୁ ୨୫୦୦ ଟଙ୍କା ଦେଇ ଗ୍ୟାସ ଫିଲିଂ କରିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ଗୃହିଣୀ ଅର୍ଥାତ ସୁଭଦ୍ରାମାନେ ହାଣ୍ଡିଶାଳରେ କାନ୍ଦୁଛନ୍ତି।

ରାଜ୍ୟରେ ଦୈନିକ (ଘରୋଇ ଓ ବ୍ୟବସାୟିକ) ହିତାଧିକାରୀମାନେ ହାରାହାରି ୩୨ଲକ୍ଷ କେଜି ଗ୍ୟାସ ବ୍ୟବହାର କରିଥାନ୍ତି। କିନ୍ତୁ ରାଜ୍ୟରେ ଥିବା ୯୬୭ ଗ୍ୟାସ ଏଜେନ୍ସିକୁ ସୋମବାର ଠାରୁ କର୍ମସିଆଲ ଟାଙ୍କି ଯୋଗାଣ ବନ୍ଦ ହୋଇଛି। ଫଳରେ ରାଜ୍ୟର ସମସ୍ତ ସହରରେ ଥିବା ପ୍ରାୟ ୧୦,୦୦୦ ରୁ ଊର୍ଦ୍ଧ୍ୱ ରେଷ୍ଟୁରାଣ୍ଟ ବନ୍ଦ ହୋଇଛି । ସମସ୍ତ ଉଠା ଜଳଖିଆ ଦୋକାନ ବନ୍ଦ ସହ ୨୦ ପ୍ରତିଶତ ମଧ୍ୟ ହୋଟେଲ ବନ୍ଦ ହୋଇଯାଇଛି । ଅନଲାଇନ ଫୁଡ ଡେଲିଭରି ଏକ ପ୍ରକାର ବନ୍ଦ ହୋଇଛି। ଫଳରେ ଏହି କ୍ଷେତ୍ରରେ କାମ କରୁଥିବା ପ୍ରାୟ ୧୮ ରୁ ୨୦ଲକ୍ଷ ବ୍ୟକ୍ତି ସିଧାସଳଖ ରୋଜଗାର ହରେଇଛନ୍ତି। ମାସକୁ ୧୦ ରୁ ୧୨ ହଜାର ପର୍ଯ୍ୟନ୍ତ ରୋଜଗାର କରୁଥିବା ସ୍ୱିଗୀ, ଜମାଟୋ ଭଳି ବ୍ୟକ୍ତି ବେରୋଜଗାର ହେବାକୁ ଯାଉଛନ୍ତି। ଏହା ଦ୍ୱାରା ପ୍ରାୟ ସିଧାସଳଖ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟରେ ୭.୭ ପ୍ରତିଶତ କାର ଓ ୧୧ ପ୍ରତିଶତ ଥ୍ରୀ ହ୍ୱିଲର ସିଏନଜିରେ ଚାଲୁଛି। ଏପରି ପରିସ୍ଥିତିରେ ସରକାର କିପରି ଖାଉଟି କମ୍‌ଦାମରେ ସିଏନଜି ପାଇବେ ସେ ବ୍ୟବସ୍ଥା କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି ବିଜେପି ସରକାରଙ୍କ ନାରୀ ବିରୋଧୀ ମନୋବୃତ୍ତିକୁ ତୀବ୍ର ବିରୋଧ କରିବା ସହ ଗ୍ୟାସ ଅଭାବୀ ବିକ୍ରୀ ସିଧାସଳଖ ପେଟରେ ଓ ହାଣ୍ଡିରେ ଲାତ ବୋଲି ଅଭିହିତ କରିଥିଲେ। ପିସିସି ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ଅମ୍ରିତା ଦାସ, ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଓ ମହିଳା ନେତ୍ରୀ ଜୟସ୍ମିତା ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

## ମାର୍ଚ୍ଚରୁ ତାତି ଅସମ୍ଭାଳ

# ୪୦ ଡିଗ୍ରୀ ଟପିଲା ପାରଦ

ଭୁବନେଶ୍ୱର, ୧୨।୩ (ସମିସ): ରାଜ୍ୟରେ ଚଳିତବର୍ଷ ପ୍ରଥମଥର ପାଇଁ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିଛି। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଝାରସୁଗୁଡ଼ାରେ ତାପମାତ୍ରା ୪୦.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ୧୩ ଓ ୧୪ରେ ମଧ୍ୟ ସମାନ ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। କାରଣ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବା ନେଇ ପାଣିପାଗ କେନ୍ଦ୍ର କହିଛି। ଏହା ପ୍ରଭାବରେ ରାଜ୍ୟର ଏକାଧିକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ସହ ଝାରସୁଗୁଡ଼ାରେ ତାପମାତ୍ରା ୪୨ ଡିଗ୍ରୀ ନିକଟତର ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଗୁରୁବାର ଝାରସୁଗୁଡ଼ା ବ୍ୟତୀତ ହୀରାକୁଦରେ ତାପମାତ୍ରା ୩୯.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୩୯, ସୁନ୍ଦରଗଡ଼ରେ ୩୯, ଭୁବନେଶ୍ୱର ୩୮.୬, ରାଉରକେଲାରେ ୩୮.୪, ତାଳଚେର, ଟିଟିଲାଗଡ଼ ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ କରାଯାଇଛି।

### ୧୫ରୁ ବିଜୁଳି-ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଅନ୍ୟପଟେ, ଆସନ୍ତା ୧୫ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ପଶ୍ଚିମା ଝଡ଼ ପ୍ରଭାବରେ ଆଗାମୀ ୧୫ରୁ ବର୍ଷା ଆରମ୍ଭ ହେବାକୁ ଥିବା ବେଳେ ଏହାର ପ୍ରଭାବ ପ୍ରାୟ ୩ଦିନ ପର୍ଯ୍ୟନ୍ତ ଜାରି ରହିବ। ୧୬ରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିପାରେ। ଏହି ସମୟରେ ଉପକୂଳବର୍ତ୍ତୀ ଜିଲ୍ଲା ସମେତ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ଷା ସାଙ୍ଗକୁ ପବନ ଓ ବିଜୁଳି ଘଡ଼ଘଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବର୍ଷା ସମୟରେ କେତେକ ସ୍ଥାନରେ କୁଆପଥର ଜନିତ ବର୍ଷା ସମ୍ଭାବନା ମଧ୍ୟ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୧୫ରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ସେହିଦିନ ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ବୃଦ୍ଧି ପାଇଁ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିବା ନେଇ ଆଶଙ୍କା କରାଯାଇଥିବା ବେଳେ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କାରଯାଇଛି।

# ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ



ଭୁବନେଶ୍ୱର,୧୨।୩(ସମିସ): ଓଡ଼ିଶା ସରକାରୀ ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କ ରାଜ୍ୟସ୍ତରୀୟ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଗୁରୁବାର ଶ୍ରୀ ଦାସ ଧାରଣା ସ୍ଥଳକୁ ଯାଇ ଏହି ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆଉଟ ସୋର୍ସିଙ୍ଗ କର୍ମଚାରୀମାନେ ସରକାରଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ଏହା ଗୋତି ପ୍ରଥା ସହିତ ସମାନ। ଏହି ପ୍ରଥାକୁ ତୁରନ୍ତ ଉଚ୍ଛେଦ କରି ସେମାନଙ୍କ ଚାକିରୀକୁ ନିୟମିତ କରିବାକୁ ଭକ୍ତ ଦାବି କରିଛନ୍ତି। ସରକାର ଯଦି ମାନବିକତା ଦୃଷ୍ଟିରୁ ଏହା ନ କରନ୍ତି ତେବେ ଆନ୍ଦୋଳନକୁ ବ୍ୟାପକ କରିବାପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହାକୁ କଂଗ୍ରେସ ପ୍ରତ୍ୟକ୍ଷ ଭାବରେ ଆନ୍ଦୋଳନକୁ ସମର୍ଥନ ଦେବ ବୋଲି ଶ୍ରୀ ଦାସ କହିଛନ୍ତି। କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଏଥିରେ ଯୋଗ ଦେଇ ଏହି ଆନ୍ଦୋଳନକୁ ସମର୍ଥନ ଦେବା ସହିତ କର୍ମଚାରୀ ମାନଙ୍କ ୩ ଦଫା ଦାବି ପୂରଣ ପାଇଁ ବିଧାନସଭାରେ ଦାବି କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଦଳର ମୁଖ୍ୟ ସଚେତକ ଡାକ୍ତର ସିଏସ ରାଜନ ଏକ୍କା, ବିଧାୟକ ସତ୍ୟନାରାୟଣ ଗମାଙ୍ଗ, କଂଗ୍ରେସ ନେତା ତଥା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଅଧ୍ୟକ୍ଷ ସୁଦର୍ଶନ ଦାସ ମଧ୍ୟ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ପ୍ରେମିକାର ତଣ୍ଟି କାଟି ହତ୍ୟା

ରାଉରକେଲା, ୧୨।୩ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ଟାଉନ୍ ଥାନା ଅଧୀନ ରସରାଜପୁର ଗାଁର ଜଣେ ନାବାଳିକାକୁ ତାଙ୍କ ପ୍ରେମିକ ତଣ୍ଟି କାଟି ହତ୍ୟା କରିଛି। ଏହି ଘଟଣାରେ ପୁଲିସ ହତ୍ୟାକାରୀ ଯୁବକକୁ କାବୁ କରି ଥାନାରେ ପଚରାଉଚରା କରୁଛି।

ସୂଚନା ମୁତାବକ କିଞ୍ଜିରରେଲା ଅଧୀନ ଗୁଣ୍ଡିଆଡ଼ିହ ଗାଁର ସନ୍ତୋଷ କୁମାର ଟପ୍ପୋ(୨୩) କେରଳରେ କାମ କରୁଥିଲା। ସେ ଗତ ଡିସେମ୍ବରରୁ ଗାଁରେ ଥିଲା। ସନ୍ତୋଷର ସୁନ୍ଦରଗଡ଼ ଟାଉନ୍ ଥାନା ଅଧୀନ ରସରାଜପୁର ଗାଁର ଜଣେ ନାବାଳିକାଙ୍କୁ ଭଲ ପାଉଥିଲା। ଗୁରୁବାର ସନ୍ଧ୍ୟାରେ କିଞ୍ଜିରରେଲାରୁ ରସରାଜପୁର ପ୍ରେମିକାକୁ ଦେଖା କରିବାକୁ ଯାଇଥିଲା। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ଘଟଣା ଉଗ୍ରରୂପ ଧାରଣ କରିଥିଲା। ରକ୍ତମୁଖା ସନ୍ତୋଷ ଏକ ଛୁରିରେ ନାବାଳିକାର ଗଳାକାଟି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲା। ଖବର ପାଇ ଏସ୍‌ପି ଅମ୍ରିତପାଲ କୌର ଘଟଣାର ତଦନ୍ତ କରିବା ପାଇଁ ବିଭାଗୀୟ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଟାଉନ ଥାନା ଆଇଆଇସି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ହତ୍ୟାକାରୀ ସନ୍ତୋଷ ଟପ୍ପୋକୁ ଗିରଫ କରିଥିବା ଜଣାପଡ଼ିଛି। ମୃତ ନାବାଳିକାର ଶବକୁ ମର୍ଗ ହାଉସରେ ରଖାଯାଇଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ମଦ ନିଶାରେ ୪ ବର୍ଷ ଶିଶୁର ଯୌନାଙ୍ଗ କାଟିଦେଲା ସାବତ ବାପା

ଦାରିଙ୍ଗବାଡି, ୧୨।୩ (ସମିସ): ମଦ ନିଶାରେ ୪ବର୍ଷ ଶିଶୁର ଯୌନାଙ୍ଗ କାଟିଦେଲା ସାବତ ବାପା। ଦାରିଙ୍ଗବାଡି ଥାନା ଅଧୀନ ସୋନପୁର ପଞ୍ଚାୟତର ଦବେଡ଼ି ଗ୍ରାମରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ରମିତା ମୁଠାମାଝୀ, ଜିକ୍ତ ମୁଠାମାଝୀଙ୍କୁ ଦିତୀୟ ବିବାହ କରିଥିଲେ। ଗୁରୁବାର ଦିନ ରମିତା ୪ବର୍ଷର ପୁଅକୁ ଘରେ ଛାଡ଼ି ଗୋବର ଆଣିବାକୁ ଯାଇଥିଲେ। ସେ ଘରକୁ ଫେରିବା ବେଳକୁ ସ୍ୱାମୀ ତାଙ୍କ ପୁଅର ଯୌନାଙ୍ଗ କାଟି ଦେଇଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ସେ ପୁଅକୁ ଦାରିଙ୍ଗବାଡି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାକୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଥାନାଧିକାରୀ ସଂଗ୍ରାମ କେଶରୀ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ରମିତା ତାଙ୍କ ସ୍ୱାମୀଙ୍କ ବିରୋଧରେ ଏତଲା ଦେବାକୁ ଭୟ କରୁଛି।

# ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ!

ମହୁଲଡିହା, ୧୨।୩ (ସମିସ): ପୋଡ଼ାଡିହା ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ଶିମିଳିପାଳ ଅଭୟାରଣ୍ୟରୁ ଜଣେ ଅଜଣା ଯୁବକଙ୍କ ଗଳିତ ଶବ ଉଦ୍ଧାର ହୋଇଛି। ପାଖାପାଖି ୨୦ରୁ ୨୫ ଦିନ ତଳେ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଯୁବକଜଣଙ୍କ ଏଠାକୁ କେମିତି ଆସିଲେ ଓ କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କେହି ଦୁର୍ବୃତ୍ତ ଯୁବକଙ୍କୁ ଅନ୍ୟତ୍ର ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ନେଇ ଚର୍ଚ୍ଚା ହେଉଛି। ମହୁଲଡିହା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନମ୍ବର ୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ସୂଚନାନୁଯାୟୀ, ନିକଟସ୍ଥ ଡଙ୍ଗାଡିହା ଗ୍ରାମର ଲୋକେ ଶୁଖିଲା ଜାଳେଣି କାଠ ଓ ଶାଳପତ୍ର ସଂଗ୍ରହ ପାଇଁ ଜଙ୍ଗଲ ଭିତରକୁ ଯାଇଥିବା ବେଳେ ଗଳିତ ଶବଟି ପଡ଼ିଥିବା ଦେଖିବାକୁ ପାଇ ବନ କର୍ମଚାରୀଙ୍କୁ କହିଥିଲେ। ଡଙ୍ଗାଡିହା ବନ୍ୟପ୍ରାଣୀ ସେକ୍ସନର ବନପାଳ ପ୍ରଦୀପ କୁମାର ସାହୁ ମହୁଲଡିହା ଥାନାକୁ ଅବଗତ କରାଇବା ପରେ ପୁଲିସ ପହଞ୍ଚି ତଦନ୍ତ କରିଥିଲା।

## ନବୀନଙ୍କୁ ଭେଟିଲେ ସୁବାସିନୀ

# "ମୁଁ ଦଳର ଶୃଙ୍ଖଳିତ କର୍ମୀ"

ଭୁବନେଶ୍ୱର,୧୨।୩(ସମିସ): ରାଜ୍ୟସଭା ନିର୍ବାଚନକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବା ବେଳେ ଏନେଇ ସ୍ୱଷ୍ଟୋକ୍ତି ରଖିଛନ୍ତି ବିଜେଡିର ବସ୍ତା ବିଧାୟିକା ସୁବାସିନୀ ଜେନା।

ସେ କହିଛନ୍ତି, ଆମ ଦଳର ସର୍ବୋଚ୍ଚ ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ମୋ ଦଳର ନେତା ଯାହା ନିର୍ଦ୍ଦେଶ ଦେବେ, ମୁଁ ଶୃଙ୍ଖଳିତ କର୍ମୀ ଭାବେ ତାହାର ପାଳନ କରିବି ବୋଲି ସେ ସ୍ୱଷ୍ଟ କରିଛନ୍ତି।

### ଦଳର ନିର୍ଦ୍ଦେଶ ଅନୁପାଳନ କରିବି

ଏହାସହ ଗୁରବାର ସନ୍ଧ୍ୟାରେ ସେ ନବୀନ ନିବାସରେ ନବୀନଙ୍କୁ ଭେଟିଥିବା ଜଣାପଡ଼ିଛି। ଏହି ସାକ୍ଷାତ ସମୟରେ ବସ୍ତାରେ ଦଳୀୟ ସଂଗଠନ, ବିକାଶ ପ୍ରକ୍ରିୟା ସମ୍ପର୍କରେ ସେ ନବୀନଙ୍କ ସହ ଆଲୋଚନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁବାସିନୀ କହିଛନ୍ତି ଯେ ମୁଁ ବିଜୁ ଜନତା ଦଳରେ ଅଛି। ଏନେଇ ମୁଁ ବାରମ୍ବାର ସ୍ୱଷ୍ଟ କରିଛି। ରାଜ୍ୟସଭା ନିର୍ବାଚନରେ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି। ଏହି ପ୍ରକ୍ରିୟା ଅନୁଯାୟୀ ନିର୍ବାଚନରେ ଦଳ ନିଯୁକ୍ତ କରିଥିବା ଏଜେଣ୍ଟକୁ ନିଜର ଭୋଟ୍ ଦେଖେଇବାକୁ ପଡ଼ିଥାଏ। ତେଣୁ ମୁଁ ତାଙ୍କୁ ହିଁ ଦେଖେଇକି ଭୋଟ ଦେବି। ମୁଁ କାହାକୁ ଭୋଟ ଦେଲି, ଆପଣ ସେତେବେଳେ ଜାଣିପାରିବେ ବୋଲି ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ସୁବାସିନୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଜେଡିର ରାଜ୍ୟସଭା ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ତାଙ୍କୁ ଦେଖା କରିଛନ୍ତି। ସେହିପରି ବିଜେଡି-କଂଗ୍ରେସର ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ମଧ୍ୟ ତାଙ୍କ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି ବୋଲି ସୁବାସିନୀ ସ୍ୱଷ୍ଟ କରିଛନ୍ତି।

# କଣ୍ଟାପଡ଼ା ତହସିଲଦାର ଗିରଫ

କଟକ, ୧୧।୩ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଥିବା କଟକ ଜିଲ୍ଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ ଆଜି ଗିରଫ ହୋଇଛନ୍ତି। ଶ୍ରୀ ସାମନ୍ତରାୟଙ୍କୁ କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯିବା ସହ ଜେଲ୍

### ଆୟ ତୁଳନାରେ ୮୦ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ

ପଠାଇ ଦିଆଯାଇଛି। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ଶ୍ରୀ ସାମନ୍ତରାୟ ଏବଂ ତାଙ୍କ ପତ୍ନୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶ୍ରୀ ସାମନ୍ତରାୟ ନିଜ ଆୟ ତୁଳନାରେ ୮୦ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଆକଳନ କରିଛି। ଚଢ଼ଉ ସମୟରେ ତହସିଲଦାର ଓ ତାଙ୍କ ପରିବାର ନାମରେ କୋଟିକୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ଭୁବନେଶ୍ୱରର କେଶୁରା ଅଞ୍ଚଳରେ ଏକ ୪୦୬୫ ବର୍ଗଫୁଟ୍‌ର ତିନି ମହଲା କୋଠା ଏବଂ ଅନ୍ୟ ଏକ ୬୭୫୦ ବର୍ଗଫୁଟ୍‌ର ନିର୍ମାଣାଧୀନ ତିନି ମହଲା କୋଠା ଠାବ କରାଯାଇଛି। ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ସ୍ଥାନ ଯଥା କେଶୁରା, କୋରଡ଼କଣ୍ଟା, ବାଙ୍କୁଆଳ ଏବଂ ମେହେରପଲ୍ଲୀ ଅଞ୍ଚଳରେ ତାଙ୍କର ୭ଟି ମୂଲ୍ୟବାନ ପ୍ଲଟ୍ ରହିଛି। ଯାଞ୍ଚ ବେଳେ ତାଙ୍କ ଘରୁ ୨ଲକ୍ଷ ୧୭ହଜାର ୮୧୦ ଟଙ୍କା ନଗଦ ଟଙ୍କା ଜବତ କରାଯାଇଛି। ଏଥିସହ ତାଙ୍କର ଗୋଟିଏ ମାରୁତି ବ୍ରିଜା କାର୍ ଏବଂ ୩ଟି ବାଇକ୍ ସହ ପ୍ରାୟ ୧୧ଲକ୍ଷ ଟଙ୍କାର ଘରୋଇ ଆସବାବପତ୍ର ଠାବ କରାଯାଇଛି। ସମ୍ପତ୍ତିର ହିସାବ ଓ ଯାଞ୍ଚ ପରେ ତହସିଲଦାର ଶ୍ରୀ ସାମନ୍ତରାୟ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଭିଜିଲାନ୍ସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଫେସବୁକ୍ ପ୍ରେମର ଦୁଃଖଦ ଅନ୍ତ

# ପ୍ରେମିକାକୁ ହତ୍ୟା ପରେ ଟ୍ରେନ୍ ଆଗକୁ ଡେଇଁପଡ଼ିଲା ପ୍ରେମିକ

ବାଲେଶ୍ୱର, ୧୨।୩ (ସମିସ): ଫେସବୁକ୍‌ରୁ ଆରମ୍ଭ ହୋଇଥିବା ପ୍ରେମ ସମ୍ପର୍କର ଦୁଃଖଦ ଅନ୍ତ ଦୁହିଁଙ୍କ ମୃତ୍ୟୁରେ ଘଟିଛି। ପ୍ରେମିକାଙ୍କୁ ବୀଭତ୍ସ ହତ୍ୟା କରିବା ପରେ ପ୍ରେମିକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ବାଲେଶ୍ୱର ସହରରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଶିଳ୍ପାଞ୍ଚଳ ଥାନା ଅଧୀନ ଫକୀର ମୋହନ ନଗରରେ ଭଡ଼ାଘରେ ଏକୁଟିଆ ରହୁଥିବା ଜଣେ ଯୁବତୀଙ୍କୁ ବୀଭତ୍ସ ଭାବରେ ହତ୍ୟା କରାଯାଇଥିବା ବେଳେ ବୁଧବାର ପୁଲିସ ଘଟଣାସ୍ଥଳରୁ ତାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରିଥିଲା। ମୃତ ଯୁବତୀ ହେଲେ, ବସ୍ତା ଅଞ୍ଚଳର ମମତା ଦେବନାଥ। ସେ ବାଲେଶ୍ୱରର ଏକ ବିୟୁଟି ପାର୍ଲରରେ କାମ କରୁଥିବା ବେଳେ ଫକୀରମୋହନ ନଗରରେ ଏକ ଭଡ଼ାଘରେ ରହୁଥିଲେ। ସହଦେବଖୁଣ୍ଟା ଅଞ୍ଚଳରେ ରହୁଥିବା ତାଙ୍କ ଭାଇ ଅରବିନ୍ଦ ଦେବନାଥ ଭଉଣୀ ମମତାଙ୍କୁ ଫୋନ କରିଥିଲେ। କିନ୍ତୁ ସେ ଫୋନ ଉଠାଇନଥିବାରୁ ସନ୍ଦେହ ହୋଇଥିଲା। ପରେ ସେ ପୁଲିସକୁ ସୂଚନା ଦେଇ ଭଡ଼ାଘରକୁ ପହଁଚିଥିଲେ। ସେଠାରେ ଘରର କବାଟ ଖୋଲା ଥିବା ବେଳେ ମମତା ତଳକୁ ମୁହଁ କରି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାର ଦେଖିବାକୁ





ମିଳିଥିଲା। ପୁଲିସ ତଦନ୍ତ କରିବା ପରେ ତାଙ୍କ ତଣ୍ଟିକୁ ଧାରୁଆ ଅସ୍ତ୍ରରେ କଟାଯାଇଥିବା ପ୍ରାଥମିକ ଭାବେ ଜଣାପଡ଼ିଥିଲା। ମୃତ ଯୁବତୀଙ୍କ ପରିବାରଲୋକଙ୍କ ଲିଖିତ ଅଭିଯୋଗ ଆଧାରରେ ଶିଳ୍ପାଞ୍ଚଳ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହି ଘଟଣାରେ ପୁଲିସ ତଦନ୍ତ ଚାଲିଥିବା ବେଳେ ଆଜି ଘଟଣା ନୂଆ ମୋଡ଼ ନେଇଛି। ମୃତ ଯୁବତୀଙ୍କ ପ୍ରେମିକ କଷାଫଳ ମେରାଇନ ଥାନା ଅଧୀନ ବାହାବଳପୁର ଅଞ୍ଚଳର ଭଗିରଥ ମଣ୍ଡଳଙ୍କ ମୃତଦେହ ହଳଦୀପଦା ରେଳଧାରଣା କଡ଼ରୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର ହୋଇଛି। ଭଗୀରଥ ମଙ୍ଗଳବାର ରାତିରେ ମମତା ରହୁଥିବା ଭଡ଼ାଘରକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ବିବାଦ ପରେ ସେ ମମତାଙ୍କୁ ହତ୍ୟା କରିଥିଲା, ପରେ ଯୁବତୀଙ୍କ ସ୍କୁଟି ନେଇ ହଳଦୀପଦା ନିକଟକୁ ଯାଇ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ମମତା ପୂର୍ବରୁ ବିବାହିତ ଥିଲେ ଓ ତାଙ୍କର ସାତ ବର୍ଷର ଏକ ପୁଅ ରହିଛି। ସ୍ୱାମୀଙ୍କ ସହ ଛାଡ଼ପତ୍ର ମାମଲା ଚାଲିଥିବା ବେଳେ ସେ ଭଗୀରଥଙ୍କ ସହ ଲିଭ୍-ଇନ୍ ସମ୍ପର୍କରେ ରହୁଥିଲେ। ଭଗୀରଥଙ୍କ ବାପା କହିଛନ୍ତି ଯେ, ମମତା ପୂର୍ବରୁ ବିବାହିତ ଥିଲେ ମଧ୍ୟ ପରିବାର ପକ୍ଷରୁ ତାଙ୍କୁ ବୋହୂ ଭାବେ ଗ୍ରହଣ କରିବାକୁ ସହମତି ଥିଲା ଏବଂ ଦୁହେଁଙ୍କ ବିବାହ ପାଇଁ ପରିବାର ରାଜି ଥିଲା। କିନ୍ତୁ କେଉଁ ପରିସ୍ଥିତିରେ ଏଭଳି ଦୁଃଖଦ ଘଟଣା ଘଟିଲା ତାହା ଜଣା ନାହିଁ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

## ପତ୍ନୀଙ୍କୁ ପୋଡ଼ି ମାରିବା ଘଟଣା

# ସ୍ୱାମୀକୁ ଆଜୀବନ ଜେଲ୍‌ଦଣ୍ଡ ହାଇକୋର୍ଟରେ କାଏମ

କଟକ,୧୨।୩(ସମିସ): ୧୯୯୯ ମସିହାରେ ବ୍ରହ୍ମପୁରରେ ଘଟିଥିବା ଏକ ଅଭାବନୀୟ ଘଟଣାରେ ପତ୍ନୀଙ୍କୁ ପୋଡ଼ି ହତ୍ୟା କରିବା ଅଭିଯୋଗରେ ଦୋଷୀ ସ୍ୱାମୀ ଲକ୍ଷ୍ମଣ କୁମାର ସାହୁଙ୍କ ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ପୂର୍ବରୁ ଗଞ୍ଜାମ ଦୌରାଜଜ୍ ୨୦୦୪ ମସିହାରେ ପ୍ରଦାନ କରିଥିବା ରାୟ ବିରୋଧରେ ଲକ୍ଷ୍ମଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ମାମଲାରେ ଗୀତାଞ୍ଜଳିଙ୍କ ମୃତ୍ୟୁ ପୂର୍ବରୁ ଦେଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସାବ୍ୟସ୍ତ ହୋଇଛି। ଡାକ୍ତରଙ୍କ ସମ୍ମୁଖରେ ସେ ସ୍ୱଷ୍ଟ ଭାବେ କହିଥିଲେ ଯେ ତାଙ୍କ ସ୍ୱାମୀ ହିଁ ତାଙ୍କ ଦେହରେ ନିଆଁ ଲଗାଇଛନ୍ତି।

ମାମଲାରୁ ପ୍ରକାଶ ଯେ ଅଭିଯୁକ୍ତ ଲକ୍ଷ୍ମଣ କୁମାର ସାହୁ ୧୯୯୯ମସିହା ଜାନୁଆରୀ ୧୭ତାରିଖରେ ଗୀତାଞ୍ଜଳି ପାଳଙ୍କୁ ବିବାହ କରିଥିଲେ। ବିବାହ ପରେ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ୧୯୯୯ ମାର୍ଚ୍ଚ ୨୩ତାରିଖ ରାତି ପ୍ରାୟ ୧୧ଟାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ଲକ୍ଷ୍ମଣ କିରୋସିନି ଢାଳି ଗୀତାଞ୍ଜଳିଙ୍କୁ ଜାଳି ଦେଇଥିଲେ। ଗୁରୁତର ଗୀତାଞ୍ଜଳିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ଦୁଇଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଅଭିଯୋଗ ହୋଇଥିଲା। ଲକ୍ଷ୍ମଣଙ୍କ ବିରୋଧରେ ଥିବା ପ୍ରମାଣ ଓ ମୃତ୍ୟୁକାଳୀନ ଜବାବ ସମ୍ପୂର୍ଣ୍ଣ ଭରସାଯୋଗ୍ୟ। ତାଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡାଦେଶରେ କୌଣସି ପରିବର୍ତ୍ତନର ଆବଶ୍ୟକତା ନାହିଁ। ବର୍ତ୍ତମାନ ଜାମିନରେ ଥିବା ଲକ୍ଷ୍ମଣଙ୍କ ଜାମିନକୁ ବାତିଲ କରାଯାଇଛି ଏବଂ ତୁରନ୍ତ ତାଙ୍କୁ ଜେଲ ପଠାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରୀମନ୍ଦିରରେ ନୀତି ଶୃଙ୍ଖଳା

# କମିଟି ଗଠନ ଭେଳିକି

ପୁରୀ,୧୨।୩ (ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତିଙ୍କୁ ଶୃଙ୍ଖଳିତ କରିବା ଲାଗି ବିଭିନ୍ନ ସମୟରେ ବୈଠକ ବସୁଛି। ଏଥିଲାଗି ଅନେକ ନିଷ୍ପତ୍ତି ନିଆଯିବା ସହ କମିଟି ଗଢ଼ାଯାଉଛି। କିନ୍ତୁ ନିଆଯାଉଥିବା ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଗଢ଼ାଯାଉଥିବା କମିଟିର କାର୍ଯ୍ୟକଳାପ କ'ଣ ରହୁଛି, ତାହା ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ କମିଟି ଗଠନ ଏକପ୍ରକାର ଭେଳିକି ସାଜିଛି। ନିଷ୍ପତ୍ତି ବି ସବୁ ଧୂଆଁବାଣ ପାଲଟୁଛି। ଏହାର ସୁଯୋଗ ନେଇ ଶ୍ରୀମନ୍ଦିରର କିଛି ସେବାୟତ, କର୍ମଚାରୀ ମନମାନି କରୁଛନ୍ତି, ଯାହାର ପ୍ରଭାବ ମହାପ୍ରଭୁଙ୍କ ନୀତିକାନ୍ତି ଉପରେ ପଡୁଛି। ଅନେକ ସମୟରେ ନୀତିରେ ବିଳମ୍ବ ଏବଂ ବିଭ୍ରାଟ ହେଉଛି। କିନ୍ତୁ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ କାହା ମନରେ ଭୟ ରହୁନି। ଏପଟେ କିନ୍ତୁ କମିଟି ପରେ କମିଟି ଗଢ଼ା ଚାଲିଛି। ଏବେ ପୁଣି ନୀତିକାନ୍ତିଙ୍କୁ ଶୃଙ୍ଖଳିତ କରିବା ପାଇଁ ଫେରିଛି ବୁଧବାରିଆ କମିଟି।

ଶ୍ରୀମନ୍ଦିରକୁ ଦୈନିକ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ଟ୍ରେନ୍, ବସ୍‌ରେ ଆସୁଛନ୍ତି। ମହାପ୍ରଭୁଙ୍କ ସେବାପୂଜା ନିର୍ଘଣ୍ଟ ସମୟରେ ସମ୍ପନ୍ନ ହେଲେ ଶ୍ରଦ୍ଧାଳୁମାନେ ସୁରୁଖୁରୁରେ ମହାବାହୁଙ୍କ ଦର୍ଶନ କରି ଘରକୁ ଫେରିପାରିବେ। ତେଣୁ, ମହାପ୍ରଭୁଙ୍କ ସେବାପୂଜାରେ ବିଳମ୍ବ ନ କରିବା ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇଆସୁଛି। ନୀତିକାନ୍ତିରେ ବିଳମ୍ବ ହେଲେ ଏହାର ପ୍ରଭାବ ମହାପ୍ରସାଦ ଉପରେ ପଡ଼ିଥାଏ। ତେଣୁ ଅନେକ ସମୟରେ ଅବଢ଼ା ନ ପାଇ ଭକ୍ତ ଫେରିଥା'ନ୍ତି। ତେଣୁ ଏହାକୁ ନଜରରେ ରଖି ନୀତିକାନ୍ତିକୁ ଶୃଙ୍ଖଳିତ କରିବା ଲାଗି ବିଭିନ୍ନ ସମୟରେ ବୈଠକ ବସି ଅନେକ ନିଷ୍ପତ୍ତି ନିଆଯାଉଛି। କେତେକବେଳେ

### ପୁଣି ଫେରିଲା 'ବୁଧବାରିଆ କମିଟି'

କମିଟି ଗଢ଼ାଯାଉଛି ତ ପୁଣି କେତେବେଳେ ଅଧିକାରୀଙ୍କୁ ତଦାରଖ ଦାୟିତ୍ୱ ଦିଆଯାଉଛି। ତଥାପି ସମ୍ପୂର୍ଣ୍ଣ ଶୃଙ୍ଖଳିତ ହୋଇପାରୁନି ନୀତିକାନ୍ତି।

ସୋମବାରିଆ କମିଟି, ବୁଧବାରିଆ କମିଟି ସମେତ ଶୃଙ୍ଖଳା ପାଇଁ ଏକାଧିକ କମିଟି ଗଢ଼ାଯାଇଛି। ସେହିପରି ନୀତି ପ୍ରଶାସକଙ୍କୁ ପ୍ରତିଦିନ ନୀତିର ତଦାରଖ ଦାୟିତ୍ୱ ଦିଆଯାଇଥିବା ବେଳେ କିଛି ଦିନ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ବିଭିନ୍ନ ନିଯୋଗ ସହ ବୈଠକ କରୁଥିଲେ। ହେଲେ ଆରମ୍ଭରୁ କମିଟି ହେଉ କିମ୍ବା ଅଧିକାରୀ ତତ୍ପରତା ପ୍ରକାଶ କରୁଥିଲେ ମଧ୍ୟ ଧୀରେଧୀରେ ତାହା ବନ୍ଦ ହୋଇଯାଉଛି। ଫଳରେ ପୁଣି ନୀତି ବିଳମ୍ବ ଓ ବିଭ୍ରାଟ ହେଉଛି। ବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ନୀତି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁନଶ୍ଚ ବୁଧବାରିଆ କମିଟିକୁ କ୍ରିୟାଶୀଳ କରିବା ଲାଗି ନିଷ୍ପତ୍ତି ହୋଇଛି। ଅର୍ଥାତ୍ ପ୍ରତି ବୁଧବାର କମିଟିର ବୈଠକ ବସି ମହାପ୍ରଭୁଙ୍କ ନୀତୀକାନ୍ତି, ଭକ୍ତଙ୍କ ଦର୍ଶନ କିପରି ଶୃଙ୍ଖଳିତ ହୋଇପାରିବ ତା' ଉପରେ ଆଲୋଚନା କରାଯିବ। ସେହିପରି ମହାପ୍ରସାଦ କିପରି ଠିକଣା ସମୟରେ ବାହାରିବ ତା' ଉପରେ ବି ଗୁରୁତ୍ୱ ଦିଆଯିବ।

ସୂଚନାଥାଉ କି, ମହାପ୍ରଭୁଙ୍କ ଦୈନନ୍ଦିନ ପର୍ବପର୍ବାଣି ନୀତିର ସୁ-ପରିଚାଳନା ନିମନ୍ତେ ୨୦୧୩ରେ ବୁଧବାରିଆ କମିଟି ଗଠନ କରାଯାଇଥିଲା। ପ୍ରାୟ ୨୨ ଜଣ ଯୁବ ସେବକ ଏହାର ସଦସ୍ୟ ଥିଲେ। ପରବର୍ତ୍ତୀ ସମୟରେ ଏହାର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଥିଲା। ନୀତି କିପରି ଠିକ୍ ଭାବେ ଚାଲିବ, ସେନେଇ ପ୍ରତି ବୁଧବାର ବୈଠକ ବସି ଆଲୋଚନା ହେଉଥିଲା। କିନ୍ତୁ, ୨୦୧୫ ବେଳକୁ ଏହି କମିଟି ଧୀରେଧୀରେ ନିଷ୍କ୍ରିୟ ହୋଇଯାଇଥିଲା। ୨୦୨୦ ଜାନୁଆରୀ ୩୧ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ବୁଧବାରିଆ କମିଟିକୁ ପୁଣି ସକ୍ରିୟ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ହେଲେ ସେହି କମିଟି କୁଆଡ଼େ ହଜିଯାଇଥିବା ବେଳେ ପୁନଶ୍ଚ ଏହାକୁ ସକ୍ରିୟ କରିବା ଲାଗି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି।

ସେହିପରି ନୀତିକାନ୍ତି ସୁପରିଚାଳନା, ତଦାରଖ ତଥା ସମୟାନୁବର୍ତ୍ତିତା ପାଇଁ ୨୦୨୦ ଫେବୃଆରୀ ୭ରେ ସୋମବାରିଆ କମିଟି ଗଠନ କରାଯାଇଥିଲା। ୨୫ଜଣ ଅଧିକାରୀ ଏବଂ ସେବାୟତଙ୍କୁ ନେଇ ଏହି କମିଟି ଗଢ଼ାଯାଇଥିଲା। ନୀତି ପ୍ରଶାସକ ଏହାର ଅଧ୍ୟକ୍ଷ ରହିଥିଲେ। ପ୍ରତି ସୋମବାର ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟରେ କମିଟି ବୈଠକ ବସିବ ବୋଲି ସ୍ଥିର ହୋଇଥିଲା। ହେଲେ ଏହି କମିଟି ଗଲା କୁଆଡ଼େ? କେତେଥର କମିଟି ବସି ନୀତିକାନ୍ତି କିପରି ଶୃଙ୍ଖଳିତ ହେବ, ସେନେଇ ଆଲୋଚନା ହୋଇଛି, ତାହାର ହିସାବ କାହା ପାଖରେ ନାହିଁ। ଏବେ ବୁଧବାରିଆ କମିଟିର ଏହି ନୂଆ କଳେବର ସତରେ କିଛି ପରିବର୍ତ୍ତନ ଆଣିବ ନା ପୂର୍ବ କମିଟି ଭଳି ଏହା ମଧ୍ୟ ଭେଳିକି ହେବ, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଆଜିର ରାଶିଫଳ

**ମେଷ:** ପରିଶ୍ରମର ଫଳ ମିଳିବ । ଦିନଟି ଶୁଭଫଳ ପ୍ରଦାନ କରିବ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ । ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ । ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ ।

**ବୃଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବେ । ମାନ ସମ୍ମାନ ବୃଦ୍ଧି ପାଇବ । ଧାର କରଜରୁ ଦୂରେଇ ରହିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ମିଥୁନ:** ଅଚାନକ ଶୁଭ ଖବର ପାଇବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ । ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ । କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି । ମନ ପ୍ରସନ୍ନ ରହିବ । ଉଧାର ଟଙ୍କା ଫେରି ପାଇବେ । ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ । ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ ।

**କନ୍ୟା:** ଆଶା କରିଥିବା ଦିଗରୁ ଲାଭବାନ ହେବେ । ବନ୍ଧୁ ମିଳନରେ ଯୋଗ ଦେବେ । ଆର୍ଥିକ ସ୍ଥିତିରେ ସୁଧାର ହେବ । ପିତାମାତାମାନେ ପିଲାଙ୍କ ଭବିଷ୍ୟତ କଥା ଚିନ୍ତା କରିବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ତୁଳା:** ସକାରାତ୍ମକ ଚିନ୍ତାଧାରାରେ ଦିନ ବିତିବ । ଲେଖାଲେଖି ପ୍ରତି ମନ ବଳାଇବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି ।

**ବିଛା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ । ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ । ମହିଳାମାନେ ଘର କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ଧନୁ:** କର୍ମଚଞ୍ଚଳ ରହିବେ । ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ । ବୈବାହିକ ଜୀବନ ସୁଖମୟ ହେବ ।

**ମକର:** ଦୀର୍ଘ ଦିନର ଆଶା ପୂରଣ ହେବ । ଧାର କରଜରୁ ଦୂରେଇ ରହିବେ । ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଘରକୁ ଅତିଥିଙ୍କ ଆଗମନ ହେବ । ଦୀର୍ଘଦିନର କାମ ପୂରା କରିବେ ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ । ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ । ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ । ସାମାଜିକ କାର୍ଯ୍ୟରେ ଯୋଗ ଦେବେ ।

**ମୀନ:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ବ୍ୟବସାୟରେ ଉନ୍ନତି ହେବ । ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି । ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ । କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ ।

## ଆଜିର ଇତିହାସ

- ୧୮୮୧- ରୁଷ୍‌ର ଶାସକ ଆଲେକ୍‌ଜାଣ୍ଡାର୍ ଦ୍ୱିତୀୟଙ୍କୁ ହତ୍ୟା କରାଗଲା ।
- ୧୯୨୧- ମଙ୍ଗୋଲିଆ ଚୀନ୍‌ଠାରୁ ସ୍ୱାଧୀନ ହେଲା ।
- ୧୯୯୨: ତୁର୍କୀରେ ଭୂମିକମ୍ପ ଯୋଗୁଁ ୫୦୦ ଲୋକଙ୍କ ମୃତ୍ୟୁ ।
- ୧୯୯୬- କଲିକତାର ଇଡେନ୍ ଗାର୍ଡେନ୍‌ଠାରେ ଚାଲିଥିବା କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଭାରତ ଶ୍ରୀଲଙ୍କାଠାରୁ ହାରିଗଲା ।
- ୨୦୦୯ - ସାର୍କ ସାହିତ୍ୟୋତ୍ସବ ଆଗ୍ରାରୁ ଆରମ୍ଭ ହେଲା ।

## ମୋବାଇଲ ଆସକ୍ତି

# ଦୁର୍ବଳ ହେଉଛି ଯୁବପିଢ଼ିଙ୍କ ମାନସିକତା



ଆଜିକାଲିର ଯୁବପିଢ଼ି ମୋବାଇଲର ଅଧିକ ବ୍ୟବହାର କରୁଥିବାରୁ ସେମାନଙ୍କଠାରେ ଅଧିକ ମାନସିକ ସମସ୍ୟା ଦେଖାଯାଉଛି । ବିଶେଷଜ୍ଞଙ୍କ କହିବା କଥା, ପରିବାର ଲୋକଙ୍କଠାରୁ ଦୂରେଇ ରହିବା, ଡିଜିଟାଲ ଆସକ୍ତି, ଅବସାଦ ଯୁବପିଢ଼ିଙ୍କୁ ଗମ୍ଭୀର ମାନସିକ ସମସ୍ୟା ଆଡ଼କୁ ନେଉଛି । ଏସବୁ ମାନସିକ ରୋଗର ଲକ୍ଷଣ । ସେହିପରି ଆଜିକାଲି ପ୍ରତି ବୟସବର୍ଗଙ୍କ ହାତରେ ମୋବାଇଲ । ହେଲେ ଏଥିରେ କିଏ କ'ଣ ଦେଖୁଛି କିମ୍ବା କେମିତି ଏହାକୁ ଉପଯୋଗ କରୁଛି ସେକଥା ଜାଣିବାକୁ କେହି ନାହାନ୍ତି । ଏହାବାଦ୍ ୱେବ୍ ସିରିଜ୍ ଏବଂ ଫିଲ୍ମ ଆଦିରେ ଦେଖାଯାଉଥିବା ହିଂସା, ଗାଳି ଗୁଲଜ, ଅସାମାନ୍ୟ ବ୍ୟବହାର ଧୀରେ ଧୀରେ ଯୁବପିଢ଼ିଙ୍କ ଲାଗି ସାଧାରଣ କଥା ପାଲଟିଛି । ଲଗାତାର ଏଭଳି ଜିନିଷ ଦେଖିବା ଦ୍ୱାରା ସେମାନେ ସେସବୁ ପ୍ରତି ସମ୍ବେଦନଶୀଳ ରହି ନ ଥାନ୍ତି । ବିଶେଷଜ୍ଞଙ୍କ କହିବା କଥା, ଇଣ୍ଟରନେଟ୍‌ର ବିପଜ୍ଜନକ ଓ ଭୁଲ୍ ତଥ୍ୟ ଜଣକର ମାନସିକ ସ୍ଥିତିକୁ ଆହୁରି ଖରାପ କରିପାରେ । ଏଭଳି ଘଟଣା ସାମାନ୍ୟ ମାନସିକତାର ସଙ୍କେତ ନୁହେଁ, ବରଂ ଗମ୍ଭୀର ମାନସିକ ଅସନ୍ତୁଳନର ପରିଣାମ । ପରିବାର ସଦସ୍ୟଙ୍କ ମଧ୍ୟରେ କମ୍ ଯୋଗାଯୋଗ ଏକ ବଡ଼ ସମସ୍ୟା ଭାବେ ସାମ୍ନାକୁ ଆସୁଛି ।

ବିଶେଷଜ୍ଞଙ୍କ କହିବା କଥା,' ପିତାମାତା ପିଲାଙ୍କ ସହିତ ପର୍ଯ୍ୟାପ୍ତ ସମୟ ଅତିବାହିତ କରିପାରୁ ନାହାନ୍ତି । ପାଠପଢ଼ାକୁ ନେଇ ପିଲାଙ୍କୁ ଚାପ ପକାଇବା ତଥା ପାଟି କରିବା ଠିକ୍ ଉପାୟ ନୁହେଁ । କାରଣ ପ୍ରତ୍ୟେକ ପିଲା ସମାନ ନୁହନ୍ତି । ପିଲାଙ୍କୁ ବୁଝିବା, ସେମାନଙ୍କ ସହିତ ଖୋଲା ଖୋଲି କଥା ହେବା ଏବଂ ଭାବନାତ୍ମକ ସହଯୋଗ ଦେବା ନିହାତି ଜରୁରି । ପିଲାଙ୍କ ସହ ଅଧିକ ସମୟ ଅତିବାହିତ କରିବା ସହ ସେମାନଙ୍କ ମାନସିକ ସ୍ଥିତି ଉପରେ ଧ୍ୟାନ ଦେବା ଉଚିତ । ଯଦି ବ୍ୟବହାରରେ କୌଣସି ଅସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ କରାଯାଏ, ତେବେ ତୁରନ୍ତ ମନୋଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ । ମାନସିକ ସ୍ୱାସ୍ଥ୍ୟକୁ ଅଣଦେଖା କରିବା ଆଗକୁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ ।

# ପୋଷା ପ୍ରାଣୀ ଖଟରେ ଶୋଉଥିଲେ...



ଅନେକ ଲୋକ ନିଜ ପୋଷା କୁକୁର ଓ ବିଲେଇକୁ ପାଖରେ ଶୁଆଇଥାନ୍ତି । କହିବାକୁ ଗଲେ, ଗୋଟିଏ ଖଟରେ ପୋଷା ବିଲେଇ, କୁକୁରଙ୍କ ସହିତ ମାଲିକ ମଧ୍ୟ ଶୋଇଥାନ୍ତି । ତେବେ ପୋଷା ପ୍ରାଣୀଙ୍କ ସହ ଗୋଟିଏ ଖଟରେ ଶୋଇ କିଏ ଶାନ୍ତି ଅନୁଭବ କରେ ତ ଆଉ ପୁଣି କିଏ ଏହାକୁ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ବୋଲି ଭାବିଥାଏ । ତେବେ ଅଲଗା ଅଲଗା ଦେଶରେ ଏଭଳି ଅଭ୍ୟାସକୁ ନେଇ ହୋଇଥିବା ସର୍ଭେରୁ ଏକ ରୋଚକୀୟ ତଥ୍ୟ ସାମ୍ନାକୁ ଆସିଛି । ୟୁଗଭ୍ ସର୍ଭେ ଅନୁସାରେ, ଜର୍ମାନୀରେ ପ୍ରତି ତିନିରୁ ଜଣେ ମାଲିକ ନିଜ ପୋଷା ପ୍ରାଣୀଙ୍କୁ ଖଟରେ ଶୁଆଇ ଥାନ୍ତି । ଏହା ସ୍ୱିଜରଲ୍ୟାଣ୍ଡ, ଫ୍ରାନ୍ସ, ଅଷ୍ଟ୍ରିଆ ଏବଂ ଇଟାଲିଠାରୁ ଯଥେଷ୍ଟ ଅଧିକ । ସେହିପରି ବ୍ରିଟେନରେ ପ୍ରାୟ ୪୪ ପ୍ରତିଶତ କୁକୁର ଏବଂ ବିଲେଇ ନିଜ ମାଲିକ ସହିତ ଶୋଇଥାନ୍ତି । ନେଦରଲ୍ୟାଣ୍ଡରେ ଏହି ସଂଖ୍ୟା ପ୍ରାୟ ୪୫ ପ୍ରତିଶତ । ଏପରିକି ଅଧା ମାଲିକ ପୋଷା ପ୍ରାଣୀଙ୍କୁ ନିଜ ମୁହଁକୁ ଚାଟିବାକୁ ଅନୁମତି ଦେଇଥାନ୍ତି । ସେହିପରି ୟୁରୋପରେ ପୋଷା ପ୍ରାଣୀ ଓ ମାଲିକ ଅଲଗା ଅଲଗା ଖଟରେ ଶୁଅନ୍ତି । ଅବଶ୍ୟ ଏହାକୁ ନେଇ ବିଶେଷଜ୍ଞଙ୍କ ମତ ସମାନ ନୁହେଁ । ଏନେଇ ଜର୍ମାନ ଆନିମଲ ୱେଲଫେୟାର୍ ଆସୋସିଏସନର କହିବା କଥା, ପୋଷାପ୍ରାଣୀ ମାଲିକ ଗୋଟିଏ ଖଟରେ ଶୋଇବା ଅଧିକ ଖରାପ କି ଭଲ ନୁହେଁ । ଏହା ହେଉଛି ବ୍ୟକ୍ତିଗତ ରୁଚି । ସେମାନେ ଏକଥା ମଧ୍ୟ କହିଛନ୍ତି, ପୋଷା ପ୍ରାଣୀକୁ ପାଖରେ ଶୁଆଉଥିଲେ ସେମାନେ ସଫାସୁତୁରା ରହିବା ଦରକାର । ଏ ଦୃଷ୍ଟିରୁ ପୋଷା ପ୍ରାଣୀ ମାଛି, ଟିଙ୍କ କିମ୍ବା କୃମି ମୁକ୍ତ ହେବା ଉଚିତ । କାରଣ ଏହାଦ୍ୱାରା ପରଜୀବୀ ବ୍ୟାପିପାରେ । ଅନେକ ଗବେଷଣାରେ କୁହାଯାଇଛି ଯେ, ପୋଷାପ୍ରାଣୀଙ୍କ ସହ ମଣିଷ ଏକାଠି ଶୋଇବା ଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା ବଢ଼ିପାରେ । ଏହାବାଦ୍ ବୈଜ୍ଞାନିକମାନେ ବିଶେଷ ଚେତାବନୀ ଦେଇଛନ୍ତି ଯେ, ଛୋଟ ପିଲା, ବୟସ୍କ, ଗର୍ଭବତୀ ମହିଳା ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତିଥିବା ଲୋକେ ଏହାକୁ ନେଇ ଅଧିକ ସାବଧାନତା ଅବଲମ୍ବନ କରିବା ଜରୁରି । ବିଶେଷଜ୍ଞଙ୍କ ମତରେ, ଛୋଟ ପିଲା ଶୋଉଥିବା ଖଟକୁ ପୋଷା ପ୍ରାଣୀ ଆସିବା ଅନୁଚିତ । କାରଣ ସେମାନଙ୍କୁ ପୋଷାପ୍ରାଣୀ କାମୁଡ଼ିବା କିମ୍ବା ରାମ୍ପୁଡ଼ିବାର ଆଶଙ୍କା ଥାଏ । କେବଳ ସେତିକି ନୁହେଁ, ପୋଷା ପ୍ରାଣୀଙ୍କ ସହିତ ଶୋଇବାର ପ୍ରଭାବ ନିଦ ଉପରେ ପଡ଼ିଥାଏ । ବ୍ରିଟେନର ଏକ ତଥ୍ୟ ଅନୁସାରେ, ପ୍ରତି ତିନି ଜଣରେ ଜଣେ ବ୍ୟକ୍ତିଙ୍କ ନିଦ ପୋଷା ପ୍ରାଣୀଙ୍କ ସହିତ ଶୋଇବା ଯୋଗୁଁ ଭାଙ୍ଗିଯାଏ । ଯେଉଁମାନଙ୍କୁ ରାତିରେ ଭଲରେ ନିଦ ହୁଏ ନାହିଁ ଓ ଯାହାଙ୍କର ଆଲର୍ଜି ରହିଛି ସେମାନେ ପୋଷାପ୍ରାଣୀଙ୍କ ସହ ଶୋଇବା ଅନୁଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି ।



# ଦେଶର ସବୁଠୁ ଦାମୀ ଅଭିନେତା

## ୧୦ ଦିନ ପାଇଁ ନେଇଛନ୍ତି ୧୫୦ କୋଟି

କମଲ ହାସନ୍ ଜଣେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଭାବେ ଜଣାଯାନ୍ତି । ତାଙ୍କ ଅଭିନୀତ ଫିଲ୍ମଗୁଡ଼ିକୁ ମଧ୍ୟ ଅର୍ନ୍ତଜାତୀୟସ୍ତରରେ ପ୍ରସିଦ୍ଧି ମିଳିଛି । ତାଙ୍କର ଭୂମିକାଗୁଡ଼ିକୁ ମଧ୍ୟ ଦର୍ଶକେ ବେଶ୍ ପସନ୍ଦ କରନ୍ତି । ୭୦ ବର୍ଷ ବୟସରେ ସେ ଫିଲ୍ମରେ ଲିଡ୍ ରୋଲରେ ନଜର ଆସୁଛନ୍ତି । କମଲଙ୍କ ଅଭିନୀତ ଫିଲ୍ମଗୁଡ଼ିକର ବଜେଟ୍ ମଧ୍ୟ ବେଶ୍ ଅଧିକ ହୋଇଥାଏ । ଶେଷଥର ପାଇଁ ସେ 'କଲ୍‌କି ୨୮୯୮ ଏଡି'ରେ ଦେଖାଯାଇଥିଲେ । ଏଥିରେ ପ୍ରଭାସ ଓ ଅମିତାଭ ବଚ୍ଚନଙ୍କ ତୁଳନାରେ ତାଙ୍କ ଭୂମିକା ବେଶ୍ ଛୋଟ ଥିଲେ ବି ଦର୍ଶକଙ୍କୁ ତାହା ବେଶ୍ ପ୍ରଭାବିତ କରିଥିଲା । 'କଲ୍‌କି ୨୮୯୮ ଏଡି'ର ସିକ୍ୱେଲରେ ତାଙ୍କର ଭୂମିକା ପୂର୍ବାପେକ୍ଷା ଆହୁରି ଭୟଙ୍କର ହେବ ବୋଲି ଫିଲ୍ମର ଶେଷରେ ଇସାରା ଦିଆଯାଇଥିଲା । ନିକଟରେ ନିର୍ଦ୍ଦେଶକ ଯୁଗୀ ସେଥୁ କମଲଙ୍କୁ ନେଇ କହିଛନ୍ତି, 'ସେ ଜଣେ ସର୍ବଭାରତୀୟସ୍ତରର କଳାକାର । ସେ 'କଲ୍‌କି ୨୮୯୮ ଏଡି 'ର ୧୦ ଦିନର ସୁଟିଂ ପାଇଁ ୧୫୦ କୋଟି ନେଇଛନ୍ତି । ସେ ଦେଶର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା କଳାକାର ।' କିଛି ଦିନ ପୂର୍ବରୁ ବିଗ୍ ବି 'କଲ୍‌କି ପାର୍ଟ ୨'କୁ ନେଇ ଅପଡେଟ୍ ଦେଇଥିଲେ । ଦୀର୍ଘଦିନ ପରେ ସେ ତାଙ୍କ ସାଙ୍ଗ କମଲଙ୍କ ସହ କାମ କରିବାକୁ ଯାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ । କମଲ ଓ ବିଗ୍‌ବି ଶେଷଥର ପାଇଁ ୧୯୮୫ରେ 'ଗିରଫ୍ତାର' ଫିଲ୍ମରେ କାମ କରିଥିଲେ । ଆଉ ଏବେ ୪୧ ବର୍ଷ ପରେ ଏଦୁହେଁ ଏକାଠି କାମ କରିବେ । 'କଲ୍‌କି ପାର୍ଟ ୧'ର ବଜେଟ୍ ଥିଲା ୫୦୦ କୋଟି । ଏହା ସାରା ବିଶ୍ୱରେ ୧୦୦୦ କୋଟି ଆୟ କରିଥିଲା । ଏହାର ପ୍ରଥମ ପାର୍ଟରେ ନାୟିକା ଭାବେ ଦୀପିକା ପାଦୁ୍ୟକୋନ୍ ଦେଖାଯାଇଥିଲେ । ହେଲେ ଏହାର ସିକ୍ୱେଲରୁ ଦୀପିକାଙ୍କୁ ବାଦ୍ ଦିଆଯାଇଛି ।

## ଘରୋଇ ଉପଚାର






# କାନରେ ପୂଜ ହେଲେ ...

- ଫିଟିକିରି ଖଇ ଚୂର୍ଣ୍ଣ ପକାଇଲେ କାନପଚା ଭଲ ହୁଏ ।
- ଅଦାରସ ଓ ରସୁଣ ମିଶାଇ କାନରେ ପକାଇଲେ ଉପଶମ ମିଳିଥାଏ ।
- ତାର୍ପିନ ତେଲ ୪/୫ ଟୋପା ପକାଇଲେ କାନପୂଜ ଭଲ ହୁଏ ।
- ମାଣ ସାରୁର ଡେମ୍ଫକୁ ନିଆଁରେ ସେକି ତା ରସ ପକାଇଲେ କାନରେ ପୂଜ ଦୋଷ ଦୂର ହୁଏ ।
- ଖାଣ୍ଟି ସୋରିଷ ତେଲ ଅଧପା ଲୁହା କରେଇରେ ଫୁଟାଇବେ । ଫେଣଶୂନ୍ୟ ହେଲେ ଗୋଟିଏ ବା ଦୁଇଟି ଶାମୁକାର ମାଂସ ପକାଇ ରାନ୍ଧିବେ । ମାଂସ ପୋଡ଼ି କଳାବର୍ଣ୍ଣ ହେଲେ ତେଲକୁ ଛାଣି ଶିଶିରେ ରଖିବେ । ତୂଳାରେ କାନରୁ ପୂଜ ବାହାର କରି ସେହି ତେଲ କାନରେ ପକାଇଲେ ବହୁ ଦିନର କାନପଚା ରୋଗ ଭଲ ହୁଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# କର୍କଟ ପୀଡ଼ିତଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଉପାୟ



**କର୍କଟ କୋଷକୁ ନଷ୍ଟ କରିବାକୁ କେମୋଥେରାପି, ରେଡିଓଥେରାପି କିମ୍ବା ସର୍ଜରୀ ପ୍ରକ୍ରିୟା ଆପଣା ଯାଇଥାଏ । ଏହି ପ୍ରକ୍ରିୟା କର୍କଟ କୋଷ ନଷ୍ଟ କରିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଥାଏ । ଏପରିସ୍ଥିତିରେ ରୋଗୀଙ୍କୁ ସଂକ୍ରମଣ, ଥକ୍କାପଣ ଏବଂ ଅନ୍ୟ ରୋଗ ଆଶଙ୍କା ରହିଥାଏ । ତେଣୁ ଚିକିତ୍ସା ସହିତ ସୁସ୍ଥ ଜୀବନଶୈଳୀକୁ ଆପଣାଇ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ ।**

କର୍କଟ ଚିକିତ୍ସା ସମୟରେ ଏବଂ ପରେ ପୀଡ଼ିତଙ୍କ ଶରୀରରେ ଅଧିକ ପୋଷଣର ଆବଶ୍ୟକ ହୁଏ । ତେଣୁ ଡାଏଟ୍‌ରେ ତଟକା ଫଳ, ପନିପରିବା, ଅଣ୍ଡା, ପ୍ରୋଟିନ୍ ଓ ଭିଟାମିନ -ସିଂଯୁକ୍ତ ଖାଦ୍ୟ ସାମିଲ କରି ପାରିବେ । ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ, ମିଠା, ସ୍ନାକ୍ସ, ମଟନ, କଞ୍ଚା କିମ୍ବା ଅଧାସିଝା ମାଂସ ଖାଇବା ଅନୁଚିତ । ଭୋକ କମ୍ ଲାଗୁଥିଲେ ଦିନରେ ୫ରୁ୬ ଥର କରି ଛୋଟ ଛୋଟ ମିଲ ନେଇ ପାରିବେ । ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ । ଚିକିତ୍ସା ପରେ ଶରୀର ଅଧିକ ଥକ୍କା ଲାଗେ । ତେଣୁ ୭ରୁ ୮ ଘଣ୍ଟା ଶୋଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଡାକ୍ତରଙ୍କ ପରାମର୍ଶ ନେଇ ହାଲୁକା ବ୍ୟାୟାମ, ଯୋଗ, ପ୍ରାଣାୟମ କରିପାରିବେ । କର୍କଟ ଚିକିତ୍ସା ପରେ ରୋଗପ୍ରତିରୋଧକଶକ୍ତି କ୍ଷମତା ଦୁର୍ବଳ ହୋଇ ସଂକ୍ରମଣ ଆଶଙ୍କା ବଢ଼ିଯାଏ । ତେଣୁ ଭିଡ ସ୍ଥାନକୁ ଯିବା ଅନୁଚିତ । ହାତକୁ ବାରମ୍ବାର ସାବୁନରେ ସଫା କରିବା ଆବଶ୍ୟକ ।

ଜ୍ୱର, କାଶ କିମ୍ବା ସଂକ୍ରମଣ ଜନିତ ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ । ମାନସିକ ଭାବେ ସୁସ୍ଥ ରହିବା ମଧ୍ୟ ଜରୁରି ।

ଚିକିତ୍ସାହେବା ପରେ ଡାକ୍ତରଙ୍କ ପରାମର୍ଶରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି । ରକ୍ତପରୀକ୍ଷା କିମ୍ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ସମୟେ ସମୟେ କରିବା ଏକାନ୍ତ ଆବଶ୍ୟକ ।

# ଫ୍ଲାସ୍ ରେଡିଓଥେରାପି

ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟମିତ ଖାଦ୍ୟପେୟ, ଚିନ୍ତା, ବଂଶାନୁଗତରୋଗ ଆଦି କାରଣରୁ କର୍କଟ ରୋଗ ହୋଇଥାଏ । କର୍କଟ ରୋଗ ପାଇଁ ଅନେକ ଚିକିତ୍ସା ପଦ୍ଧତି ଥିଲେ ମଧ୍ୟ ଫ୍ଲାଶ୍ ରେଡିଓଥେରାପି ବରଦାନ ସଦୃଶ । ଏହା ଏକ ଆଡଭାନ୍ସ ରେଡିଓଥେରାପି ଟେକ୍ନୋଲୋଜି । କର୍କଟ ରୋଗର ପର୍ଯ୍ୟାୟ ଅନୁସାରେ ଡାକ୍ତର ରୋଗୀଙ୍କୁ ଅସ୍ତ୍ରୋପଚାର, କେମୋଥେରାପି ତଥା ରେଡିଓଥେରାପି ଚିକିତ୍ସା ଯୋଗାଇଥାନ୍ତି । ଏହାଦ୍ୱାରା ଯନ୍ତ୍ରଣା କମ୍ ହୁଏ । ପାରମ୍ପରିକ ରେଡିଓଥେରାପି ତୁଳନାରେ ଫ୍ଲାସ୍ ରେଡିଓଥେରାପି ଅଧିକ ପ୍ରଭାବୀ ଓ ସୁରକ୍ଷିତ । ଏହାକୁ ଫ୍ଲାଶ୍ ଆର୍‌ଟି କୁହାଯାଏ । ଏଥିରେ ମଲେକୁଲାର ଟ୍ରିଟ୍‌ମେଣ୍ଟ ଏବଂ ଆଡଭାନ୍ସ ଡାୟଗୋନିଷ୍ଟିକ୍ ଟୁଲ୍‌ର ବ୍ୟବହାର କରାଯାଏ । ଏହା କର୍କଟ କୋଷିକାକୁ ତୁରନ୍ତ ଚିହ୍ନଟ କରି ନଷ୍ଟ କରିବାକୁ ପ୍ରଭାବୀ ହୋଇଥାଏ । ଲ୍ୟୁକେମିଆ କର୍କଟ, ପ୍ରୋଷ୍ଟେଟ୍ କର୍କଟ ଆଦି ପାଇଁ ଏହି ଥେରାପି ଭଲ । ଏହି ଥେରାପିରେ ରୋଗୀଙ୍କୁ ହସ୍ପିଟାଲରେ ଅଧିକ ଦିନ ରହିବାକୁ ପଡ଼େନାହିଁ । ରୋଗୀର ସ୍ଥିତି, ରୋଗର ପ୍ରକାରକୁ ଦେଖି ଡାକ୍ତର ରେଡିଓ ଥେରାପି ସହ ହାଇ ଡୋଜ୍ ଦିଅନ୍ତି । ଟ୍ୟୁମର ଯୋଗୁଁ ହେବାକୁ ଥିବା କ୍ଷତିକୁ ଏହି ଥେରାପି କମ୍ କରିଥାଏ । ଏଥିରେ କମ୍ ପାଶ୍ୱର୍ପ୍ରତିକ୍ରିୟା ଦେଖାଯାଏ ।



## 'ସକାଳ'ର ସ୍ୱାସ୍ଥ୍ୟ

# ବ୍ରେନ୍ ଫଗ୍



ଅତ୍ୟାଧୁନିକ ଜୀବନଶୈଳୀ, କାମ ଚାପ, ଅର୍ଥନୈତିକ ଦାୟିତ୍ୱବୋଧ, ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ଆଦି ବିଭିନ୍ନ କାରଣରୁ ଅଧିକାଂଶ ଯୁବପିଢ଼ି ବ୍ରେନ୍ ଫଗ୍‌ରେ ପୀଡ଼ିତ । ବ୍ରେନ୍ ଫଗ୍ ଏଭଳି ଏକ ଅବସ୍ଥା ଯେଉଁଥିରେ ମସ୍ତିଷ୍କ ପୂରା ଜାମ୍ ହୋଇଯାଏ । ଜଣେ କ'ଣ କରିବ ନ କରିବ କିଛି ବୁଝି ପାରନ୍ତିନି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁତାବକ, ଦୀର୍ଘ ସମୟ କାର୍ଯ୍ୟ କରିବା, ଲଗାତାର ଚିନ୍ତା, ହରମୋନ ଅସନ୍ତୁଳନ, ଶରୀରରେ ଜଳୀୟଅଂଶ କମିବା, ଅନିଦ୍ରା ରହିବା ଅଭ୍ୟାସ ସ୍ମୃତିଶକ୍ତିକୁ ଦୁର୍ବଳ କରିଥାଏ । ବ୍ରେନ୍ ଫଗ୍ ସମସ୍ୟା ହେଲେ ଧ୍ୟାନକେନ୍ଦ୍ରିତ କରିବାରେ ବାଧା ସୃଷ୍ଟି କରେ । ସ୍ମୃତିଶକ୍ତି ଦୁର୍ବଳ ହୁଏ । କଥାବାର୍ତ୍ତା ସମୟରେ ସାଧାରଣ କଥାକୁ ଭୁଲି ଯିବା ବ୍ରେନ୍ ଫଗ୍‌ର ଲକ୍ଷଣ । ବ୍ରେନ୍‌ଫଗ୍‌ରେ ପୀଡ଼ିତ ମାନସିକ ଥକ୍କାପଣ, ଦ୍ୱନ୍ଦ୍ୱ, ଏକାଗ୍ରତାରେ ହ୍ରାସ ଆଦି ସମସ୍ୟାକୁ ସାମନା କରିଥାନ୍ତି । କେବଳ ସେତିକି ନୁହେଁ, ପୋଷକତତ୍ତ୍ୱର ଅଭାବ, ଭିଟାମିନ୍ ବି୧୨, ଭିଟାମିନ୍ ଡି୩ ଏବଂ ଲୌହସାର ଅଭାବ ମଧ୍ୟ ବ୍ରେନ୍ ଫଗ୍‌ର ମୂଳ କାରଣ । ଯଦିଓ ବ୍ରେନ୍ ଫଗ୍ କୌଣସି ରୋଗ ନୁହେଁ, ହେଲେ ଏହା ମାନସିକ ଅସୁସ୍ଥତାକୁ ସୂଚାଏ । ଅଧିକାଂଶ ଯୁବପିଢ଼ିଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି । ଏପରି ସ୍ଥିତିରେ ଥକ୍କା ଲାଗିବା, କେଶ ଝଡ଼ିବା, ଚର୍ମ ହଳଦିଆ ପଡ଼ିଯିବା ଆଦି ଲକ୍ଷଣ ଦେଖା ଦେଲେ, ରକ୍ତ ପରୀକ୍ଷା କରିବା ଜରୁରି । ତାସହିତ ଏହି ସମସ୍ୟାରୁ ବର୍ତ୍ତିବା ପାଇଁ ଦିନରେ ୬ରୁ ୭ ଘଣ୍ଟା ଶୋଇବା ଜରୁରି । ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ । ଆବଶ୍ୟକ ମୁତାବକ ପାଣି ପିଅନ୍ତୁ । ସ୍କ୍ରୀନ୍ ସମୟ ସୀମିତ କରନ୍ତୁ । ଅଚାନକ କିଛି କଥାକୁ ଭୁଲୁଥିଲେ କିମ୍ବା ମୁଣ୍ଡବିନ୍ଧା ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ସମ୍ପର୍କ କରିବା ଆବଶ୍ୟକ ।

# ଏଚ୍‌ସିଜି ଟେଷ୍ଟ

ଗର୍ଭଧାରଣ' ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି । ଗର୍ଭାବସ୍ଥା ଆରମ୍ଭରୁ ଏହାର ସଠିକ୍ ଚିହ୍ନଟ ଗୁରୁତ୍ୱ ବହନ କରେ । ତେଣୁ ଗର୍ଭଧାରଣ ହେଲା କି ନାହିଁ ଜାଣିବାକୁ ଅଧିକାଂଶ ପରିସ୍ରା ପରୀକ୍ଷା (ୟୁରିନ୍ ଟେଷ୍ଟ) କରିଥାନ୍ତି । ଏଥିରେ ପ୍ରାୟତଃ ଫଳାଫଳ ବିଶ୍ୱାସ ଯୋଗ୍ୟ ହୁଏନି । ମହିଳା ଗର୍ଭବତୀ ଅଛନ୍ତି କି ନାହିଁ ଏହାର ନିଶ୍ଚିତତା ଜାଣିବା ପାଇଁ ଡାକ୍ତର ବ୍ଲଡ୍ ଏଚ୍‌ସିଜି ଟେଷ୍ଟ କରାନ୍ତି । ଏହି ଟେଷ୍ଟ ସବୁଠୁ ବିଶ୍ୱାସଯୋଗ୍ୟ । ଏଚ୍‌ସିଜି ଟେଷ୍ଟରେ ହ୍ୟୁମାନ୍ କୋରିଓନିକ ଗୋନାଡୋଟ୍ରପିନ୍ (ଏଚ୍‌ସିଜି) ହରମୋନ୍ ମାତ୍ରା ମପାଯାଏ । ଏହି ହରମୋନ୍ ଗର୍ଭାବସ୍ଥା ପରେ ସୃଷ୍ଟି ହେବା ଆରମ୍ଭ କରେ । ଏହି ହରମୋନ୍ ଗର୍ଭ ପରୀକ୍ଷାକୁ ସକାରାତ୍ମକ ବନାଏ । ଗର୍ଭବସ୍ଥାକୁ ନେଇ କିଛି ସନ୍ଦେହ ଆସିଲେ ସେରମ ବିଟା ଏଚ୍‌ସିଜି ପରୀକ୍ଷା କରାଯାଏ । ଏଚ୍‌ସିଚି ଟେଷ୍ଟ ସହିତ ଗର୍ଭ ଭିତରେ କି ବାହାରେ ଅଛି ଜାଣିବାପାଇଁ ଡାକ୍ତରଙ୍କ ପରାମର୍ଶରେ ଅଲ୍‌ଟ୍ରାସାଉଣ୍ଡ (ଟିଭିଏସ୍) କରିବା ନିହାତି ଆବଶ୍ୟକ ।



### ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ

# ଇରାନ ବଦଳରେ ଭାଗନେବ ଇରାକ

**ତେହରାନ,୧୨।୩(ଏଜେନ୍ସି):** ଇରାନ କ୍ରୀଡ଼ାମନ୍ତ୍ରୀ ଅହମ୍ମଦ୍ ଦୋନ୍ୟାମାଲୀଙ୍କ କହିବା ଅନୁଯାୟୀ ଆମେରିକାରେ ଖେଳାଯିବାକୁ ଥିବା ଚଳିତବର୍ଷର ଫିଫା ବିଶ୍ୱକପ୍ ଫୁଟବଲରେ ଇରାନ ଅଂଶଗ୍ରହଣ କରିବ ନାହିଁ। ଦୋନ୍ୟାମାଲୀଙ୍କ କହିବା କଥା ହେଲା, ଇସ୍ରାଏଲ ସହ ମିଶି ଆମେରିକା ଇରାନ ଉପରେ ଆକ୍ରମଣ କରିଚାଲିଛି। ଏଥିରେ ଆମର ନେତା ଆୟାତୋଲା ଅଲି ଖାମେନେଇଙ୍କ ସମେତ ୧୩୦୦ରୁ ଉର୍ଦ୍ଧ୍ୱ ସାଧାରଣ ଜନତା ପ୍ରାଣହରାଇଲେଣି। ଏପରିକି ଗୋଟିଏ ସ୍ଥାନରେ ୧୬୦ରୁ ଉର୍ଦ୍ଧ୍ୱ ଛାତ୍ରୀ ପ୍ରାଣ ହରାଇଛନ୍ତି। ଏଭଳି ସ୍ଥିତିରେ ଆମେରିକା ଆମ ଲାଗି ବିପଦ ସୃଷ୍ଟି କରିଛି। ସେଭଳି ଦେଶରେ ଯାଇ ଆମେ ଫୁଟବଲ ଖେଳିବା ଅର୍ଥ ଆମ ଖେଳାଳି ଓ କର୍ମକର୍ତ୍ତାଙ୍କୁ ବିପଦ ମୁହଁକୁ ଠେଲି ଦେଇ ପାରିବୁ ନାହିଁ। ଆମେ କୌଣସି ପରିସ୍ଥିତିରେ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବୁ ନାହିଁ ବୋଲି ସେ ଘୋଷଣା କରିଛନ୍ତି। ଏହା ଫଳରେ ଇରାନ ଏହି ଫିଫା ବିଶ୍ୱକପ୍‌ରେ ଭାଗନେବ ନାହିଁ।






ସୂଚନାଯୋଗ୍ୟ ଏହି ବିଶ୍ୱକପ୍‌ରେ ପ୍ରଥମଥର ୪୮ଟି ଟିମ୍ ଅଂଶଗ୍ରହଣ କରୁଥିଲାବେଳେ ଗ୍ରୁପ-ଜି'ରେ ସ୍ଥାନ ପାଇଛି ଇରାନ। ଏହି ଗ୍ରୁପ୍‌ରେ ବେଲଜିୟମ, ଇଜିପ୍ଟ ଓ ନ୍ୟୁଜିଲାଣ୍ଡକୁ ସ୍ଥାନ ମିଳିଛି। ଏହି ବିଶ୍ୱକପକୁ ମିଳିତଭାବେ ୩ଟି ଦେଶ ଆୟୋଜନ କରୁଥିଲାବେଳେ ଗ୍ରୁପ୍-ଜି'ରେ ଇରାନ ତାହାର ସମସ୍ତ ୩ଟି ଯାକ ମ୍ୟାଚ୍ ଆମେରିକାରେ ଖେଳିବ। ଏହା ମଧ୍ୟରୁ ୨ଟି ଲସ୍ଆଞ୍ଜେଲସରେ ଓ ଗୋଟିଏ ସିଆଟଲ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ଏ ସମ୍ପର୍କରେ ଫିଫା କିମ୍ବା ଇରାକ ଫୁଟବଲ ମହାସଂଘ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

**ଇରାକକୁ ସୁଯୋଗ:** ଏହି ଟୁର୍ଣ୍ଣାମେଣ୍ଟରୁ ଇରାନ ଓହରିଯିବା ପରେ ତାହା ବଦଳରେ କେଉଁ ଦେଶ ଖେଳିବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍। ଏପରି ଯଦି ହୁଏ ତେବେ ଇରାନ୍‌ର ପଡୋଶୀ ଦେଶ ଇରାକ ଲାଭବାନ ହେବ। ଏବେ ଇରାକ ଇଣ୍ଟର-କନଫେଡେରେସନ ପ୍ଲେ ଅଫ୍ ଆସନ୍ତାମାସ ଖେଳିବ। ଫିଫାର ନିୟମ ଅନୁଯାୟୀ ଯଦି କୌଣସି ଦେଶ ବିଶ୍ୱକପ୍‌ରୁ ଓହରିଯାଏ, ତେବେ ସେହି ଅଞ୍ଚଳ ବା ପଶ୍ଚିମ ଏସିଆର ଯୋଗ୍ୟତା ଅର୍ଜନ କରି ନ ଥିବା ଫିଫା ର୍‍ୟାଙ୍କିଙ୍ଗ୍‌ରେ ଥିବା ଶ୍ରେଷ୍ଠ ଦଳ ଯୋଗ୍ୟତା ଅର୍ଜନ କରିବ। ଏଭଳି ସ୍ଥିତିରେ ଇରାକ ଏବେ ଯୋଗ୍ୟତା ଅର୍ଜନ କରିନାହିଁ ଓ ଏସିଆ ମହାଦେଶରେ ଏହାର ର୍‍ୟାଙ୍କିଙ୍ଗ୍ ଇରାନ ପଛକୁ ଶ୍ରେଷ୍ଠ ରହିଛି। ଇରାନ ଓହରିଯିବା ପରେ ଫିଫା ନିୟମ ଅନୁଯାୟୀ ଇରାକ ତାହା ସ୍ଥାନରେ ଖେଳିବ। ପ୍ଲେ ଅଫ୍‌ରେ ଆଉ ଇରାକ୍‌କୁ ଖେଳିବାକୁ ପଡ଼ିବ ନାହିଁ। ଇରାକ ସ୍ଥାନରେ ୟୁଏଇ ପ୍ଲେ ଅଫ୍‌ରେ ଅଂଶଗ୍ରହଣ କରିବ। ଇରାକଠାରୁ ୟୁଏଇ ଏଏଫ୍‌ସି ୫ମ ରାଉଣ୍ଡ କ୍ୱାଲିଫାୟର ଟୁର୍ଣ୍ଣାମେଣ୍ଟରେ ଖେଳିବ।

**କ୍ଷତିପୂରଣ ୩ କୋଟି ଟଙ୍କା:** ଫିଫାର ନିୟମ ଅନୁଯାୟୀ ବିଶ୍ୱକପ୍ ମ୍ୟାଚ୍ ଆରମ୍ଭର ଏକ ମାସ ପୂର୍ବରୁ ଯଦି କୌଣସି ଦେଶ ଟୁର୍ଣ୍ଣାମେଣ୍ଟରୁ ଓହରିଯାଏ, ସେହି ଦେଶ ବିପକ୍ଷରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ଫଳରେ ଆର୍ଥିକ ଦଣ୍ଡ ଭାରତୀୟ ମୁଦ୍ରାରେ ପାଖାପାଖି ୩ କୋଟି ଟଙ୍କା ସମ୍ପୃକ୍ତ ଦେଶ ଦେବ। ସେହିପରି ଫିଫା ପ୍ରତିଯୋଗିତାରେ ଏହି ଦେଶର ଅଂଶଗ୍ରହଣ ଉପରେ ବାସନ୍ଦ ଲାଗୁ ହେବ। ଏହି ଦେଶ ବଦଳରେ ଆଉ ଏକ ଦେଶକୁ ଖେଳିବାର ସୁଯୋଗ ମିଳିବ। ଚଳିତବର୍ଷ ଜୁନ୍ ୧୧ରେ ବିଶ୍ୱକପ୍ ଖେଳାଯିବ। ଇରାନ ଫୁଟବଲ ସଂଘ ଏବେ ସୁଦ୍ଧା ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରିନାହିଁ କିମ୍ବା ବିଶ୍ୱକପ୍‌ରେ ଅଂଶଗ୍ରହଣ ନ କରିବା ନେଇ କୌଣସି ନିଷ୍ପତ୍ତି ଫିଫାକୁ ଜଣାଇନାହିଁ। କିନ୍ତୁ ସରକାରଙ୍କ ନିଷ୍ପତ୍ତି ଉପରେ କୌଣସି କ୍ରୀଡ଼ା ସଂଘ କିଛି କରିପାରିବେ ନାହିଁ। ଏଣୁ ଇରାନ ଏହି ବିଶ୍ୱକପ୍‌ରେ ଖେଳିବ ନାହିଁ, ଏବଂ ଇରାନ ସ୍ଥାନରେ ନିୟମ ଅନୁଯାୟୀ ଇରାକ୍‌କୁ ସ୍ଥାନ ମିଳିବ। ଏ ସମ୍ପର୍କରେ ଫିଫା ପକ୍ଷରୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରାଯିବ।

## ଦ୍ରାବିଡଙ୍କୁ 'ବିସିସିଆଇ ଜୀବନବ୍ୟାପୀ ସାଧନା' ପୁରସ୍କାର

**ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି):** ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକୀ ପୁରସ୍କାର ପ୍ରଦାନ ଉତ୍ସବ ମାର୍ଚ୍ଚ ୧୫ରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ କ୍ରିକେଟ୍‌କୁ ଅତୁଳନୀୟ ଅବଦାନ ଲାଗି ପୂର୍ବତନ ଅଧିନାୟକ ତଥା କୋଚ୍ ରାହୁଲ ଦ୍ରାବିଡଙ୍କୁ ସମ୍ମାନଜନକ ଲାଇଫଟାଇମ ଆଚିଭମେଣ୍ଟ ତଥା 'ଜୀବନବ୍ୟାପୀ ସାଧନା ପୁରସ୍କାର'ରେ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ସହ ସମ୍ମାନିତ କରାଯିବ। ସେହିଭଳି ଶୁବମାନ ଗିଲ୍ ବର୍ଷ ୨୦୨୫ ଲାଗି ଶ୍ରେଷ୍ଠ ଭାରତୀୟ କ୍ରିକେଟର୍ ପୁରସ୍କାର ଗ୍ରହଣ କରିବେ। ବିସିସିଆଇର ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ଜିତିବାରେ ଦ୍ରାବିଡ୍ ୧୮ତମ ଭାରତୀୟ କ୍ରିକେଟର୍ ହେବେ। ୧୯୯୪ରେ ଲାଲା ଅମରନାଥ ସର୍ବପ୍ରଥମେ ଏହି ସମ୍ମାନଜନକ ଟ୍ରଫି ଜିତିଥିଲେ। ଶେଷ କ୍ରିକେଟର୍ ଭାବେ ୨୦୨୫ରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ସମ୍ମାନିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଭାରତୀୟ କ୍ରିକେଟ୍‌କୁ ଦ୍ରାବିଡଙ୍କ ଅତୁଳନୀୟ ଅବଦାନ ରହିଛି। 'ଦି ୱାଲ୍' ଭାବେ ଖ୍ୟାତି ଅର୍ଜନ କରିଥିବା ଦ୍ରାବିଡ୍ ଟେଷ୍ଟ କ୍ରିକେଟରେ ୧୩ ହଜାରରୁ ଉର୍ଦ୍ଧ୍ୱ ଏବଂ ଦିନିକିଆରେ ୧୦ ହଜାରରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଦୀର୍ଘ ୧୬ ବର୍ଷ ଧରି ସେ ଭାରତୀୟ କ୍ରିକେଟ୍‌ର ମଧ୍ୟକ୍ରମ ବ୍ୟାଟିଂ ଭାର ସମ୍ଭାଳିଥିଲେ। ୨୦୧୨ରେ କ୍ରିକେଟ୍‌କୁ ଅଲବିଦା କରିବା ପରେ ଦ୍ରାବିଡ ପ୍ରଥମେ ଭାରତୀୟ ଜୁନିଅର ଓ ପରେ ସିନିଅର ଦଳର ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତୀୟ ସିନିଅର ଦଳ ୨୦୨୪ରେ ଆଇସିସି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ୨୦୨୫ର ଶ୍ରେଷ୍ଠ ଭାରତୀୟ କ୍ରିକେଟର୍ ଭାବେ ଗିଲ୍‌ଙ୍କୁ 'ପଲ୍ଲୀ ଉମ୍ରିଗର ପୁରସ୍କାର' ପ୍ରଦାନ କରାଯିବ। ୨୬ ବର୍ଷୀୟ ଗିଲ୍ ୨୦୨୫ ସିଜନରେ ୩ଟି ଯାକ ଫର୍ମାଟରେ ୪୯ ହାରରେ ମୋଟ୍ ୧୭୬୪ ରନ ସଂଗ୍ରହ କରିଥିଲେ।

### ଶେଷରେ ମାନିଲେ ସୂର୍ଯ୍ୟକୁମାର

## ଅନ୍ଧବିଶ୍ୱାସ ଯୋଗୁଁ ହୋଟେଲ ବଦଳାଇଥିଲୁ

**ମୁମ୍ବଇ,୧୨।୩(ଏଜେନ୍ସି):** ନିକଟରେ ଶେଷ ହୋଇଥିବା ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଥିବା ଭାରତ କିପରି ଅନ୍ଧବିଶ୍ୱାସର ଶିକାର ହୋଇ ହୋଟେଲ ବଦଳାଇଥିଲେ ତାହାକୁ ସ୍ୱୀକାର କରିଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ସାମ୍ବାଦିକଙ୍କ ସହ ଗୁରୁବାର ଅନୌପଚାରିକ ଆଲୋଚନା ବେଳେ ଟିମ୍ ଇଣ୍ଡିଆ ଅନ୍ଧବିଶ୍ୱାସ ଯୋଗୁଁ ହୋଟେଲ ବଦଳାଇଥିଲା ବୋଲି ସ୍ୱୀକାର କରିଛନ୍ତି। ତାଙ୍କ କହିବା କଥା ଅନୁଯାୟୀ ଆମେ ଇଂଲଣ୍ଡ ସହ ସେମିଫାଇନାଲ ଖେଳିବାକୁ ମୁମ୍ବଇ ଯିବାବେଳେ ଏ ପ୍ରସଙ୍ଗ କେହି ଜଣେ ବିମାନରେ ଉଠାଇଥିଲେ। ଯାହା ଫଳରେ




ସଙ୍ଗେ ସଙ୍ଗେ ବିସିସିଆଇ ସହାୟତାରେ ଭାରତର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ବୁକ୍ ହୋଇଥିବା ହୋଟେଲ୍‌କୁ ଛାଡ଼ି ଅନ୍ୟ ହୋଟେଲ ବୁକ୍ କରାଯାଇଥିଲା। ସଂଘର୍ଷମୂଳକ ସେମିଫାଇନାଲରେ ଇଂଲଣ୍ଡକୁ ଭାରତ ହରାଇବା ପରେ ଏକଥା ସ୍ପଷ୍ଟ ହୋଇଯାଇଥିଲା। ସେହିପରି ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ପୂର୍ବରୁ ମଧ୍ୟ ଭାରତ ରହୁଥିବା ହୋଟେଲରେ ନ ରହି ଅନ୍ୟ ଏକ ହୋଟଲରେ ରହିଥିଲେ। ଏପରିକି ଖେଳାଳିଙ୍କ ଡ୍ରେସିଂରୁମ୍‌ରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ଭାରତ ଚାମ୍ପିଅନ ହେବା ପରେ ଏହି ଅନ୍ଧବିଶ୍ୱାସ ଦୃଢ଼ ହୋଇଛି। ଆଧୁନିକ ଯୁଗରେ ଏହାକୁ କେହି ମାନୁ ନ ଥିଲେ ମଧ୍ୟ ଭାରତରେ ଖେଳୁଥିବା ବେଳେ ଦଳ ଏକ ନିର୍ଦ୍ଦିଷ୍ଟ ହୋଟେଲରେ ରହିଥାଏ। କିନ୍ତୁ ଟି-୨୦ ବିଶ୍ୱକପ୍ ଲାଗି ଦଳକୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଥିଲା।

## ସମର୍ଥନମ୍ କପ୍: ଓଡ଼ିଶା ୨-୧ରେ ସିରିଜ୍ ଜିତିଲା

**ଭୁବନେଶ୍ୱର,୧୨।୩(ସମିସ):** ବେଙ୍ଗାଲୁରୁଠାରେ ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦୃଷ୍ଟିବାଧିତ କ୍ରିକେଟ ସିରିଜ୍ ଆଜି ଶେଷ ହୋଇଛି। ଆଜିର ମୁକାବିଲାରେ ଓଡ଼ିଶାକୁ ୮ ୱିକେଟରେ ପରାସ୍ତ କରି ଶାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ଓଡ଼ିଶା ଶେଷ ମ୍ୟାଚ୍‌ରେ ପରାଜିତ ହେବା ସତ୍ତ୍ୱେ ୨-୧ ବ୍ୟବଧାନରେ ସିରିଜ୍ କବ୍‌ଜା କରିଛି। ଏହା ସହିତ ବି-୧, ବି-୨, ବି-୩'ରେ ଓଡ଼ିଶାର ଦେବରାଜ ବେହେରା, ପଙ୍କଜ ଓ ଲିଙ୍ଗରାଜ ରାଉତରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କର୍ଣ୍ଣାଟକ ପକ୍ଷରୁ ୧୪୬ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ



ଖେଳିଥିବା ରବି ବାନ୍ଦିୱାଦରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ମ୍ୟାଚ୍‌ରେ ରାମଦାସ ମୁର୍ମୁ ୮୭, ସୁଖରାମ ମାଝୀ ୫୯, ଲାଲପ୍ରସାଦ ୫୩ ଓ ଦେବରାଜ ବେହେରା ୪୮ ରନ୍ କରିଥିଲେ। ଏହା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ୱିକେଟରେ ୩୭୭ ରନ୍ କରିଥିଲା। ଜବାବରେ ରବିଙ୍କ ୧୪୬ ଓ ସୁନୀଲ ରମେଶଙ୍କ ୭୯ ରନ୍ ସହାୟତାରେ କର୍ଣ୍ଣାଟକ ମାତ୍ର ୩୭.୧ ଓଭରରେ ୮ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଓଡ଼ିଶାର ରଘୁରାମ ନାଏକ ୨ଟି, ଲିଙ୍ଗରାଜ, ଦେବରାଜ, ଧନପତି ଗୌଡ଼ ଓ କାଳିଆ ପ୍ରଧାନ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

### ■ ଜାତୀୟ ସିନିଅର ଥ୍ରୋ ବଲ୍

## ଅର୍ଥ ଅଭାବରୁ ଭାଗ ନେଇପାରିଲେନି ଓଡ଼ିଶା ମହିଳା

**ଭୁବନେଶ୍ୱର, ୧୨।୩ (ସମିସ):** ଆନ୍ଧ୍ର ପ୍ରଦେଶର ତିରୁପତିଠାରେ ଶୁକ୍ରବାରଠାରୁ ଜାତୀୟ ସିନିଅର ଥ୍ରୋ ବଲ୍ ଚାମ୍ପିଅନସିପ୍‌ର ୩୪ତମ ସଂସ୍କରଣ ଆରମ୍ଭ ହେବ। ଏଥିରେ ଭାଗନେବାକୁ ୧୪ ଜଣିଆ ଓଡ଼ିଶା ପୁରୁଷ ଦଳ ବୁଧବାର ଆନ୍ଧ୍ରପ୍ରଦେଶ ଯାତ୍ରା କରିଛି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାଜେଶ ସାହୁ, ସୁଶାନ୍ତ ଦାସ, ଓମ ପ୍ରକାଶ ମହାପାତ୍ର, ଶୁଭମ ଦାସ, ଜୋଏଲ ପ୍ରଧାନ, ପ୍ରିନ୍ସ ଦାସ, ପ୍ରୀତମ ପଟ୍ଟନାୟକ, ଲିଟନ ସାହୁ, ମନୋଜ ସିଂ, ଓମକାର ବାରିକି, ଦୀପକ ବେହେରା, ଲିପୁର କୁମାର ସେଠୀ, ସେକ୍ ଇମ୍ରାନ, ଆଦସ୍ୟ ବିଶ୍ୱାଳ। ତେବେ ଅର୍ଥ ଅଭାବ ହେତୁ ଓଡ଼ିଶା ମହିଳା ଦଳ ଯୋଗଦେଇପାରୁନାହିଁ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ଓଡ଼ିଶା ଥ୍ରୋ ବଲ୍ ସଂଘର ସମ୍ପାଦକ ଜିତେନ୍ଦ୍ର ନାଥ ଦାସ କ୍ଷୋଭର ସହ କହିଛନ୍ତି।

## ସମସ୍ତ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ଖେଳାଳି ଭାରତ ଛାଡ଼ିଲେ

**ଦୁବାଇ,୧୨।୩(ଏଜେନ୍ସି):** ମଧ୍ୟ ପ୍ରାଚ୍ୟରେ ଲାଗିଥିବା ବିବାଦ ଯୋଗୁଁ ଭାରତରେ ଅଟକି ରହିଥିବା ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକାର ସମସ୍ତ କ୍ରିକେଟର୍ ଓ ସପୋର୍ଟ ଷ୍ଟାଫ୍ ଆଜି ସ୍ୱଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ଆଉ କୌଣସି ଦେଶରେ ଖେଳାଳି ଭାରତରେ ନାହାନ୍ତି। ଟି-୨୦ ବିଶ୍ୱକପ୍ ସୁପର ଏଇଟ୍‌ସରୁ ବାଦ୍ ପଡ଼ିବା ପରେ ୱେଷ୍ଟଇଣ୍ଡିଜ୍‌ର ଖେଳାଳିମାନେ ସବୁଠାରୁ ବେଶି ସମୟ ବା ମାର୍ଚ୍ଚ ୧ରୁ ଅଟକି ରହିଥିଲେ। ମାର୍ଚ୍ଚ ୪ରେ ନ୍ୟୁଜିଲାଣ୍ଡ ସହ ଖେଳାଯାଇଥିବା ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ହାରିଯିବା ପରେ ଭାରତରେ ଅଟକି ରହିଥିଲେ। କିନ୍ତୁ ବିମାନ ଯାତ୍ରା ଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍‌ଜିଟ୍ ହବ୍ ଭାବେ ପରିଚିତ ଦୁବାଇରେ ବିବାନସେବା ବନ୍ଦ ରହିବା ଯୋଗୁଁ ଏଭଳି ପରିସ୍ଥିତି ଘଟିଥିଲା। ଖେଳାଳିମାନଙ୍କ ଲାଗି ଚାର୍ଟର ଫ୍ଲାଇଟ୍ ଯୋଗାଡ଼ କରିବାରେ ଆଇସିସି ଓ ବିସିସିଆଇ ବିଫଳ ହୋଇଥିଲେ। ଯିଏ ବି ଯିବାକୁ ରାଜି ହୋଇଥିଲେ, ସେମାନଙ୍କୁ କେଉଠଁ ଟାଇମ୍ ମିଳି ନ ଥିଲା ତ ଆଉ କାହାକୁ ଅନୁମତି ମିଳି ନ ଥିଲା। ଦୀର୍ଘ ଦିନ ଧରି ଚେଷ୍ଟା କରିବା ପରେ ଆଜି ବଳକା ଖେଳାଳି ଓ ଷ୍ଟାଫ୍‌ଙ୍କୁ ସେମାନଙ୍କ ଦେଶକୁ ବାଣିଜ୍ୟିକ ଫ୍ଲାଇଟ୍‌ରେ ସ୍ୱଦେଶ ପଠାଯାଇଛି ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଆଜି ୱେଷ୍ଟଇଣ୍ଡିଜର ୧୬ଜଣ ଏବଂ ଦକ୍ଷିଣ ଆଫ୍ରିକାର ୨୯ଜଣ ଖେଳାଳି ଓ ଷ୍ଟାଫ୍ ସ୍ୱଦେଶ ଫେରିଛନ୍ତି। ଆଇସିସିର କହିବା ଅନୁଯାୟୀ ଖେଳାଳିମାନଙ୍କର ସୁରକ୍ଷା ଆମ ଲାଗି ଏକମାତ୍ର ଲକ୍ଷ୍ୟ ରହିଥିଲା। ଏମାନଙ୍କ ଯାତ୍ରା ଲାଗି ବାରମ୍ବାର ଆଡଜଷ୍ଟମେଣ୍ଟ ଅନ୍ତର୍ଜାତୀୟ ପରିସ୍ଥିତିକୁ ଆଖି ଆଗରେ ରଖି କରାଯାଇଥିଲା। ଆଇସିସି ଅପରେସନ ଓ ଲଜିଷ୍ଟିକ୍‌ସ ଟିମ୍ ଅବିଶ୍ରାନ୍ତ ଭାବେ ସରକାର, ବିମାନସେବା ଯୋଗାଉଥିବା ସଂସ୍ଥା, ଏୟାରପୋର୍ଟର କର୍ମକର୍ତ୍ତା, ଚାର୍ଟର ବିମାନ ଯୋଗାଣକାରୀ ସଂସ୍ଥା ଓ ବିଭିନ୍ନ ଦେଶର କ୍ରିକେଟ ବୋର୍ଡ ସଦସ୍ୟମାନଙ୍କ ସହ ସମ୍ପର୍କ ରକ୍ଷା କରି ଖେଳାଳିମାନଙ୍କୁ ସେମାନଙ୍କ ଦେଶକୁ ପଠାଯାଇଥିଲା। ଭାରତରେ ଖେଳାଳିମାନଙ୍କ ରହିବା ଘଟଣାକୁ ନେଇ ଚାରିଆଡୁ ସମାଲୋଚନା କରାଯାଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ୍ ମଧ୍ୟ ଆଇସିସିକୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଏବେ ସେ ସବୁର ପରିସମାପ୍ତି ଘଟିଛି।

## ଜାତୀୟ ପତାକାକୁ ଅସମ୍ମାନ କରି ଅଡୁଆରେ ହାର୍ଦ୍ଦିକ ପାଣ୍ଡ୍ୟା

**ପୁଣେ, ୧୨।୩ (ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇଛି। ଗତ ରବିବାର ଅହମ୍ମଦାବାଦରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଭାରତୀୟ ଦଳର ବିଜୟ ଉତ୍ସବରେ ପାଣ୍ଡ୍ୟା ଏତେ ମାତ୍ରାରେ



ନିମଗ୍ନ ହୋଇଯାଇଥିଲେ ଯେ ଜାତୀୟ ପତାକାକୁ ପିଠିରେ ପକାଇ ବାନ୍ଧବୀ ମାହିକା ଶର୍ମାଙ୍କ ସହ ପଡ଼ିଆରେ ନାଚିବାରେ ଲାଗିଯାଇଥିଲେ। ଏପରିକି ତ୍ରିରଙ୍ଗାକୁ ପିଠିରେ ଗୁଡ଼ାଇ ମାହିକାଙ୍କ ସହ ଷ୍ଟେଜ ଉପରେ ଶୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା। ସେହିଭଳି ମାହିକା ମଧ୍ୟ ହାର୍ଦ୍ଦିକଙ୍କୁ ଚୁମ୍ବନ ଦେଇଥିଲେ। ଏହି ଘଟଣାରେ ଜାତୀୟ ପତାକାକୁ ଅପମାନିତ କରିବା ଅଭିଯୋଗରେ ପୁଣେର ଜଣେ ଓକିଲ ପାଣ୍ଡ୍ୟାଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ୱାଜିଦ ଖାନ ନାମକ ଏହି ଓକିଲ ଜଣଙ୍କ ପୁଣେର ଶିବାଜୀ ନଗର ପୁଲିସ ଷ୍ଟେସନରେ ଏଫଆଇଆର୍ ରୁଜୁ କରିଛନ୍ତି। ଜାତୀୟ ପତାକା ସହ ପାଣ୍ଡ୍ୟା ଯେଉଁଭଳି ବ୍ୟବହାର କଲେ ତାହା ଜାତୀୟ ପତାକାର ମର୍ଯ୍ୟାଦାକୁ ଉଲ୍ଲଂଘନ କରୁଛି। ୧୯୭୧ ଜାତୀୟ ପତାକା ଆଇନର ଧାରା-୨ ଅନୁଯାୟୀ ପାଣ୍ଡ୍ୟା ଅସମ୍ମାନ କରିଛନ୍ତି ବୋଲି ୱାଜିଦ କହିଛନ୍ତି। ଏବେ ପାଣ୍ଡ୍ୟାଙ୍କ ଉପରେ କେଉଁଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହାକୁ କ୍ରୀଡ଼ାପ୍ରେମୀ ଚାହିଁ ରହିଛନ୍ତି।

## ପାକିସ୍ତାନ ଖେଳାଳିଙ୍କୁ କିଣି ବିବାଦରେ ସନ୍‌ରାଇଜର୍ସ ଫ୍ରାଞ୍ଚାଇଜ୍

**ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି):** ଇଂଲଣ୍ଡରେ ଅନୁଷ୍ଠିତ ୧୦୦ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ଦି ହଣ୍ଡ୍ରେଡ୍' ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦରାବାଦର ଏକ ଦଳ ରହିଛି। ଯାହାର ନାମ 'ସନରାଇଜର୍ସ ଲିଡ୍ସ' ରଖାଯାଇଛି। ନିଲାମୀରେ ସନରାଇଜର୍ସ ଲିଡ୍ସ ଦଳ ପାକିସ୍ତାନ ସ୍ପିନର ଆବ୍ରାର ଅହମ୍ମଦଙ୍କୁ ଏକ ଲକ୍ଷ ୯୦ ହଜାର ପାଉଣ୍ଡ (ପ୍ରାୟ ୨.୩୫ କୋଟି ଟଙ୍କା)ରେ କ୍ରୟ କରିଛି। ପାକିସ୍ତାନ କ୍ରିକେଟର୍‌ଙ୍କୁ କ୍ରୟ କରି ସନରାଇଜର୍ସ ଫ୍ରାଞ୍ଚାଇଜର ମାଲିକ କାବ୍ୟା ମାରନ ଏବେ ବିବାଦ ଘେରରେ ଫସିଯାଇଛନ୍ତି। କାହିଁକି ନା ଆବ୍ରାର ଗତ ଅପରେସନ ସିନ୍ଦୁର ସମୟରେ ଭାରତୀୟ ସେନାକୁ ନେଇ ମଜାକ ଉଡ଼ାଇଥିଲେ। ଭାରତୀୟ ବାୟୁସେନାର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କୁ ପାକିସ୍ତାନୀ ସେନା ବନ୍ଦୀ କରିବାକୁ ନେଇ ମଜା କରିଥିଲେ। 'ଦି ହଣ୍ଡ୍ରେଡ୍' ଖେଳାଳି ନିଲାମୀରେ ପ୍ରଥମେ କୁହାଯାଇଥିଲା କି ଆଇପିଏଲ୍ ସହ ଜଡ଼ିତ ଫ୍ରାଞ୍ଚାଇଜ ପାକିସ୍ତାନ କ୍ରିକେଟରଙ୍କୁ କ୍ରୟ କରିବେ ନାହିଁ। କିନ୍ତୁ ନିଲାମୀ ସମୟରେ ସେପରି କିଛି ହୋଇ ନ ଥିଲା। ସନରାଇଜର୍ସ ଫ୍ରାଞ୍ଚାଇଜ ଆବ୍ରାରଙ୍କୁ କ୍ରୟ କରିବା ପରେ ଏବେ ସାମାଜିକ ଗଣମାଧ୍ୟମରେ ଏହାର ମାଲିକ କାବ୍ୟା ମାରନଙ୍କୁ ଖୁବ୍ ସମାଲୋଚନା କରାଯାଉଛି।

### ଦି ହଣ୍ଡ୍ରେଡ୍

## ୬୧ ଲକ୍ଷରେ ବିକ୍ରି ହେଲେ ମନ୍ଧାନା, ରିଚା

**ଲଣ୍ଡନ, ୧୨।୩ (ଏଜେନ୍ସି):** ପ୍ରଥମଥର ଲାଗି ଦିନିକିଆ ବିଶ୍ୱକପ୍ ଜିତିବା ପରେ ଭାରତୀୟ ମହିଳା କ୍ରିକେଟର୍‌ଙ୍କ ଚାହିଦା ସାରା ବିଶ୍ୱରେ ବଢ଼ିବାରେ ଲାଗିଛି। ଯାହାର ଜ୍ୱଳନ୍ତ ଉଦାହରଣ ଇଂଲଣ୍ଡରେ ହେବାକୁ ଥିବା ମହିଳା ୧୦୦ ବଲ୍ ଟୁର୍ଣ୍ଣାମେଣ୍ଟ ଲିଗ୍ 'ଦି ହଣ୍ଡ୍ରେଡ୍' ଖେଳାଳି ନିଲାମୀରେ ଦେଖିବାକୁ ମିଳିଛି। ଗତକାଲି ଲଣ୍ଡନରେ ଅନୁଷ୍ଠିତ 'ଦି ହଣ୍ଡ୍ରେଡ୍'ର ଖେଳାଳି ନିଲାମୀରେ ମନ୍ଧାନାଙ୍କୁ ୫୦ ହଜାର ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୬୧ ଲକ୍ଷ)ରେ ମାଞ୍ଚେଷ୍ଟର ସୁପର୍ ଜାଏଣ୍ଟ୍ସ ଫ୍ରାଞ୍ଚାଇଜ କ୍ରୟ କରିଛି। ସେହିଭଳି ବରିଷ୍ଠ ଅଲରାଉଣ୍ଡର ଦୀପ୍ତି ଶର୍ମା ଓ ୱିକେଟ୍‌କିପର ରିଚା ଘୋଷ ମଧ୍ୟ ନିଲାମୀରେ କ୍ରୟ ହୋଇଛନ୍ତି। ଦୀପ୍ତିଙ୍କୁ ସନରାଇଜର୍ସ ଲିଡ୍ସ ଫ୍ରାଞ୍ଚାଇଜ ୨୭,୫୦୦




ପାଉଣ୍ଡ (୩୪ ଲକ୍ଷ ଟଙ୍କା)ରେ ଦଳରେ ସାମିଲ କରିଛି। ସେହିଭଳି ମାଞ୍ଚେଷ୍ଟର ଦ୍ୱିତୀୟ ଭାରତୀୟ ଭାବେ ରିଚାଙ୍କୁ ୫୦ ହଜାର ପାଉଣ୍ଡରେ ଦଳରେ ନେଇଛି। ତେବେ ଅନ୍ୟତମ ଭାରତୀୟ ଶେଫାଳି ବର୍ମା, ରାଧା ଯାଦବ ଓ ଶ୍ରୀଚରଣ ଅନସୋଲ୍ଡ ଅର୍ଥାତ୍ ଏମାନଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲେ। ଅପରପକ୍ଷରେ ଏହି ନିଲାମୀରେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ ଓ ଅଷ୍ଟ୍ରେଲିଆର ବେଥ୍ ମୁନୀ ସବୁଠୁ ମହଙ୍ଗା ଖେଳାଳି ରହିଛନ୍ତି। ଉଭୟ ୨.୧ ଲକ୍ଷ ପାଉଣ୍ଡ (୨.୫୯ କୋଟି)ରେ ବିକ୍ରି ହୋଇଥିଲେ। ୱେଲ୍ସ ଫାୟାର ଦଳ ଡିଭାଇନଙ୍କୁ ଏବଂ ଟ୍ରେଣ୍ଟ ରକେଟ୍ସ ଫ୍ରାଞ୍ଚାଇଜ ବେଥ୍ ମୁନୀଙ୍କ ସହ ଚୁକ୍ତି କରିଛି।

### ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍

## ଓଡ଼ିଶା ଆର୍‌ସି ରନର୍ସଅପ୍

**ଭୁବନେଶ୍ୱର, ୧୨।୩ (ସମିସ):** ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରଗବୀ ୧୫ଏସ୍ ଚାମ୍ପିଅନସିପ୍‌ର ମହିଳା ବିଭାଗରେ ଓଡ଼ିଶା ଏଥର ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି। ଗୁରୁବାର ରୋମାଞ୍ଚକର ଫାଇନାଲରେ କୋଲକାତା ଦଳ ଫ୍ୟୁଚର ହୋପ୍ ହର୍ଲେକୁଇନ୍ସ ୧୨-୧୦ ପଏଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ରଗ୍‌ବୀ କ୍ଲବ (ଆର୍‌ସି)କୁ ପରାସ୍ତ କରି ଟାଇଟଲ୍ ଜିତିଛି। ଓଡ଼ିଶା ପକ୍ଷରୁ ଆରତୀ ମୁର୍ମୁ ଓ ସୋନି ମନ୍ଦାଙ୍ଗି ସ୍କୋର କରିଥିଲେ। ସେହିଭଳି କୋଲକାତା ପକ୍ଷରୁ ସାଦିକା ଖାତୁନ ଓ ଲାଚମି ଓରାଓନ ସ୍କୋର କରି ମ୍ୟାଚକୁ ବରାବରସ୍ଥିତିରେ ରଖିଥିଲେ। କିନ୍ତୁ ଅନ୍ତିମ ମିନିଟରେ ଅନିଶା ଓରାଓନ ଲାଇନ




କ୍ରସ କରି ଫ୍ୟୁଚର ହୋପ୍ ପାଇଁ ବିଜୟସୂଚକ ପଏଣ୍ଟ ଆଣିଥିଲେ। ମହିଳା ବିଭାଗରେ କଲକାତା କ୍ରିକେଟ୍ ଆଣ୍ଡ ଫୁଟବଲ୍ କ୍ଲବ (ସିସି ଆଣ୍ଡ ଏଫ୍‌ସି) ୩ୟ ସ୍ଥାନ ହାସଲ କରିଥିଲା। ଚାମ୍ପିଅନ ଫ୍ୟୁଚର ହୋପ୍ ଦଳ ଟ୍ରଫି ସହ ୫ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲା। ସେହିଭଳି ଓଡ଼ିଶା ଆରସି ଦଳକୁ ୩ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଯେଦ୍ଦୁଲା ବିଜୟ, ସୁଧାଂଶୁ ଶେଖର ଖୋରା, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ, ଆଶିଷ କୁମାର ରାଉତ, ରାଜ୍ୟ ରଗ୍‌ବୀ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ପୁରୁଷ ବିଭାଗ ଫାଇନାଲ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS